ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୬୮
୪ ଫେବୃଆରୀ, ୨୦୨୬ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 268
4th February, 2026 Wednesday
Kendrapara

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in    E-mail : odishaexpress@gmail.com    RNI Regd. No. ODIODI/2009/28880    ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ଶ୍ରଦ୍ଧୈବ ସର୍ବଧର୍ମସ୍ୟ ଚାତିବ ହିତକାରିଣୋ**
**ଶ୍ରଦ୍ଧ ନୃଣାଂ ସିଦ୍ଧି ଜାୟିତେ ଲୋକ ଯୋଦ୍ଧିୟୋଃ**

ଶ୍ରଦ୍ଧା ହିଁ ସମସ୍ତ ଧର୍ମ ପାଇଁ ଅତ୍ୟନ୍ତ ହିତକର ଅଟେ । ଶ୍ରଦ୍ଧା ଦ୍ୱାରା ହିଁ ମନୁଷ୍ୟକୁ ଲୋକ କାଳରେ ସିଦ୍ଧିପ୍ରାପ୍ତ ହୁଏ । ଶ୍ରଦ୍ଧାକୁ ନିଜ ଚରିତ୍ରରେ ଅଭ୍ୟାସ କରିବା ଉଚିତ ।

# ଯଦି ପାରୁନ, ଭାରତ ଛାଡ଼

## ହ୍ୱାଟସଆପ ନୀତିକୁ ନେଇ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ,୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୁପ୍ରିମକୋର୍ଟ ସୋସିଆଲ ମିଡିଆ ପ୍ଲାଟଫର୍ମ ହ୍ୱାଟ୍ସଆପ ଏବଂ ଏହାର ମୂଳ କମ୍ପାନୀ ମେଟାକୁ କଡ଼ା ଭର୍ତ୍ସନା କରିଛନ୍ତି। ଇନଷ୍ଟାଣ୍ଟ ମେସେଜିଂର ଗୋପନୀୟତା ନୀତିକୁ ନେଇ ସର୍ବୋଚ୍ଚ ଅଦାଲତ ମେଟା ଉପରେ ଜୋରଦାର ବର୍ଷିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆମେରିକୀୟ କମ୍ପାନୀ ମେଟାକୁ ଚେତାବନୀ ଦେଇ କହିଛନ୍ତି ଯେ "ଆପଣ କେବେ ହେଲେ ଗୋପନୀୟତା ସହ ଖେଳିପାରିବେ ନାହିଁ। ଆମ ତଥ୍ୟର ଗୋଟିଏ ବି ଅଂଶ ଆମେ ଶେୟାର କରିବାକୁ ଆପଣଙ୍କୁ ଅନୁମତି ଦେବୁ ନାହିଁ। ଭାରତୀୟଙ୍କୁ ଶୋଷଣ କରିବାକୁ ଅନୁମତି ଦେବାକୁ ଆମେ ନାହୁଁ। ଯଦି ଆପଣ ପାରୁ ନାହାନ୍ତି, ତା'ହେଲେ ଭାରତ ଛାଡି ଦିଅନ୍ତୁ।"



ହ୍ୱାଟସଆପର ୨୦୨୧ ଗୋପନୀୟତା ନୀତି ସହ ଜଡିତ ପ୍ରସଙ୍ଗର ଶୁଣାଣି ସୁପ୍ରିମକୋର୍ଟ କରିଛନ୍ତି। ଭାରତର ପ୍ରତିଯୋଗିତା କମିଶନ ମେଟା ଉପରେ ୨୧୩ କୋଟିର ଫାଇନଲ ଲାଗୁ କରିଥିଲା। ଏହାକୁ କମ୍ପାନୀ ଆଇନ ଟ୍ରିବ୍ୟୁନାଲ କାଏମ ରଖିଥିଲେ। ସେହିପରି ବିଜ୍ଞାପନ ଉଦ୍ଦେଶ୍ୟରେ ଉପଭୋକ୍ତାଙ୍କ ତଥ୍ୟକୁ ବ୍ୟବହାର କରାଯିବା ପ୍ରସଙ୍ଗରେ ସିସିଆଇ ମଧ ଗୋଟିଏ କ୍ରସ ଆବେଦନ କରିଛି। ତେଣୁ ସୁପ୍ରିମକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ପୂରା ମାମଲାର ଶୁଣାଣି କରିଛନ୍ତି। ଖଣ୍ଡପୀଠରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ବ୍ୟତୀତ ଜଷ୍ଟିସ ଜୟମଲ୍ୟ ବାଗଚି ଓ ଜଷ୍ଟିସ ବିପୁଳ ପାଞ୍ଚୋଲି ରହିଛନ୍ତି।

ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟା ହାଜର ହୋଇଛି ବିଜ୍ଞାପନ ଉଦ୍ଦେଶ୍ୟରେ ତଥ୍ୟକୁ ଶେୟାର କରିବା ଭଳି ଗୋଟିଏ ଶୋଷଣ ନୀତିକୁ ସମାଲୋଚନା କରିଛନ୍ତି। ଏହା ଶୁଣି ପ୍ରଧାନ ବିଚାରପତି କହିଛନ୍ତି, "ଯଦି ଆପଣ ଆମ ସମ୍ବିଧାନକୁ ଅନୁସରଣ ନ କରିବେ, ତା'ହେଲେ ଭାରତ ଛାଡି ଦିଅନ୍ତୁ। ଆମେ କେବେ ହେଲେ ଦେଶର ନାଗରିକଙ୍କ ଗୋପନୀୟତାରେ ବୁଝାମଣା କରିପାରିବୁ ନାହିଁ।"

ନୀତି ସମ୍ପର୍କରେ ସୁପ୍ରିମକୋର୍ଟ ମତ ରଖିବା ସହ ଏହାକୁ ଦେଶର ଲକ୍ଷାଧିକ ଗରିବ ଓ ନିରକ୍ଷର ଲୋକ, ଜଣେ ଗରିବ ମହିଳା, ଜଣେ ରାସ୍ତା କଡର ଭେଣ୍ଡର କିମ୍ବା ଯିଏ କେବଳ ତାମିଲ କହୁଥିବେ, ସେମାନେ କ'ଣ ଏହାକୁ ବୁଝିପାରିବେ କି ପ୍ରଶ୍ନ କରିଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି, "ବେଳେବେଳେ ଆମେ ମଧ ଆପଣଙ୍କ ନୀତିଗୁଡିକ ବୁଝିବାରେ ସମସ୍ୟାର ସମ୍ମୁଖୀନ ହେଉଛୁ। ଏପରି ସ୍ଥିତିରେ ଗ୍ରାମୀଣ ବିହାରରେ ରହୁଥିବା ଲୋକମାନେ କେମିତି ଏସବୁ ବିଝିବେ? ଏହା ବ୍ୟକ୍ତିଗତ ତଥ୍ୟ ଚୋରି କରିବାର ଗୋଟିଏ ମାଧ୍ୟମ। ଆମେ କେବେ ହେଲେ ଏହାକୁ ଅନୁମତି ଦେଇପାରିବୁ ନାହିଁ।"

ଏହାପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ନିଜେ ସମ୍ମୁଖୀନ ହୋଇଥିବା ସ୍ଥିତିର ଉଦାହରଣ ଦେଇଛନ୍ତି। ସେ କହିଛନ୍ତି, "ଯଦି ଜଣେ ଡାକ୍ତରଙ୍କୁ ହ୍ୱାଟସଆପରେ କୌଣସି ମେସେଜ ପଠାଉଛନ୍ତି ଓ କହୁଛନ୍ତି ଆପଣଙ୍କ ଦେହ ଭଲ ନାହିଁ, ତା'ହେଲେ ଡାକ୍ତର ଆପଣଙ୍କୁ କିଛି ମେଡିସିନ ଗ୍ରହଣ କରିବାକୁ କହିବେ। ଏହି କଥାବାର୍ତ୍ତା ହେବା କ୍ଷଣି ଆପଣ ସେହି ସଂକ୍ରାନ୍ତ ବିଜ୍ଞାପନ ଦେଖିବା ଆରମ୍ଭ କରିବେ।"

ମେଟା ଓ ହ୍ୱାଟସଆପ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଓ ଅଖିଲ ଶିବଲ ଏହାକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଗାଁ ମଝିରେ ରାଇସ୍ ମିଲ୍
### ଅନୁମତି ଦେଲା କି'ଏ ?

**ମହାକାଳପଡ଼ା,୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଗାଁ ଭିତରେ କେହି ଧାନ କଳଟିଏ ବସାଇଲେ ତାକୁ ପ୍ରଦ୍ୟୁଷଣ ନିୟନ୍ତ୍ରଣବୋର୍ଡ଼ର ଅଧିକାରୀ ଆସି ହଲାପଟା କରୁଛନ୍ତି । ଏପରିକି ସେମାନଙ୍କୁ ସନ୍ତୁଷ୍ଟ କରିନପାରିଲେ ଧାନକଳଟିକୁ ଉଠାଇ ଦିଆଯାଉଥିବାର ନଜିର ରହିଛି । ହେଲେ ଘରକୁ ଘର ଲାଗିରହିଥିବା ମହାକାଳପଡ଼ା ବ୍ଲକ୍‌ର ବିଜୟନଗର ଗାଁ ଭିତରେ ଅନାୟସରେ ଚାଲିଛି ଏକ ବଡ଼ ଧରଣର ରାଇସ୍ ମିଲ୍ । ତାହା ପୁଣି ଜିଲ୍ଲା ପ୍ରଶାସନ ଓ ଆଂଚଳିକ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ଼ର ଜ୍ଞାତସାରରେ । ତା'ହୋଇନଥିଲେ ଚଳିତ ବର୍ଷ ଏହି ମିଲ୍‌କୁ ପ୍ରାୟ ୪ହଜାର ମେଟ୍ରିକ୍ ଟନ୍ ଧାନ କିଣିବାକୁ ସୁଯୋଗ ମିଳିନଥାନ୍ତା ! ଯାହାକୁ ନେଇ ଉକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ସାଧାରଣତଃ ଗାଁ ଠାରୁ ସର୍ବନିମ୍ନ ୫ଶହ ମିଟର ମଧ୍ୟରେ କୌଣସି ରାଇସ୍ ମିଲ୍‌କୁ ଅନୁମତି ମିଳିନଥାଏ । କିନ୍ତୁ ବିଜୟନଗରରେ ଗାଁ ମଝିରେ ଏଭଳି ରାଇସ୍ ମିଲ୍ ପ୍ରତିଷ୍ଠାକୁ କିପରି ଅନୁମତି ମିଳିଲା ଏବଂ ଜିଲ୍ଲା ପ୍ରଶାସନ ଗାଁ ମଝିରେ ଥିବା ଏହି ମିଲ୍ କୁ ଗ୍ରହଣ କରି କିପରି ଧାନ କ୍ରୟରେସାମିଲ କଲେ ସେଥିନେଇ ଉଠିଛି ପ୍ରଶ୍ନ । ଅନେକ *(ଶେଷ ପୃଷ୍ଠା ଦେଖନ୍ତୁ)*

## ୯ ବାଂଲାଦେଶୀଙ୍କୁ ୨ ବର୍ଷ ଜେଲ୍

**ଭୁବନେଶ୍ୱର,୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ରେଲୱେ ଷ୍ଟେସନରୁ ଗିରଫ ୯ ଜଣ ବାଂଲାଦେଶୀଙ୍କୁ ୨ ବର୍ଷ ସଜା ଶୁଣାଇଲେ କୋର୍ଟ । ପ୍ରଥମଥର ପାଇଁ ଓଡ଼ିଶାରେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ ବିରୋଧରେ ସଜା ଶୁଣାଇଛନ୍ତି କୋର୍ଟ । ଏହାସହ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ୩ ବର୍ଷ ଅଧିକ ସଶ୍ରମ କାରାଦଣ୍ଡାଦେଶ ହୋଇଛି । ୬ ଜଣ ସାକ୍ଷୀ ଏବଂ ଦସ୍ତାବିଜ ଆଧାରରେ କାରାଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ ।

ସୂଚନାଯୋଗ୍ୟ ଯେ, ୨୦୨୫ ମସିହା ମାର୍ଚ୍ଚ ୮ ତାରିଖରେ ଭୁବନେଶ୍ୱର ରେଳ ଷ୍ଟେସନରେ ୯ ଜଣ ବାଂଲାଦେଶୀଙ୍କୁ ଓଡ଼ିଶାରେ ଅନୁପ୍ରବେଶ ନେଇ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ ଏସଟିଏଫ । ସେମାନଙ୍କ ନିକଟରୁ ବାଂଲାଦେଶୀ ଟଙ୍କା ଏବଂ ଭାରତୀୟ ଟଙ୍କା ଏବଂ ମୋବାଇଲ ଜବତ କରିଥିଲା ଏସଟିଏଫ । ଗିରଫ ଅଭିଯୁକ୍ତମାନଙ୍କୁ ଆଉ ବାଂଲାଦେଶୀ ନ ଛାଡିବାକୁ ବାଂଲାଦେଶୀ ହାଇ କମିସନ ଭୁବନେଶ୍ୱର ଅଦାଲତ ଏବଂ କ୍ରାଇମବ୍ରାଞ୍ଚକୁ ଲିଖିତ ଆକାରରେ ଜଣାଥିଲେ ।

## ଗାଡି ଧକ୍କାରେ ଜଣେ ମୃତ
### ରାସ୍ତା ରୋକ

**ପଟ୍ଟାମୁଣ୍ଡାଇ,୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଅରୁଆ ନିକଟରେ ସୋମବାର ସନ୍ଧ୍ୟାରେ ଭୟଙ୍କର ଦୁର୍ଘଟଣା ଘଟିଛି । ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା । ମୃତକ ଜଣଙ୍କ ହେଲେ ଅରୁଆ ଗ୍ରାମର ଗିରିଧାରୀ କର (୫୫) । ସ୍ଥାନୀୟ ଲୋକେ ତାଙ୍କୁ ପଟ୍ଟାମୁଣ୍ଡାଇ ଡାକ୍ତରଖାନା ନେଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଚଡ଼ଦକୁଲାଟ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଏସିଏଫଙ୍କୁ ଆଇଆଇସିଙ୍କ ଧମକ ଘଟଣା
# କାର୍ଯ୍ୟାନୁଷ୍ଠାନ ପାଇଁ ଆଇଜିଙ୍କୁ ଚିଠି

**ରାଜନଗର,୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ବନବିଭାଗର ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ପଶି ଏସିଏଫଙ୍କ ଉପରେ ବର୍ଷିବା ଘଟଣା ଭିନ୍ନ ମୋଡ ନେଇଛି । ଓଡିଶା ବନସେବା ସଂଘ ସମ୍ପୃକ୍ତ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଡି ବସିଛନ୍ତି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀମତୀ ବବିତା ମହାନ୍ତି, ଓଏଏସ୍(ଏସଏସ) କେନ୍ଦ୍ରୀୟ ରେଞ୍ଜ ଆଇଜି କଟକଙ୍କୁ ଚିଠି ନଂ ୨୫୭୩ /ତା୩.୨.୨୬ରିଖରେ ଘଟଣାର ତଦନ୍ତ କରିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଇଛନ୍ତି । ଏହି ଚିଠି ପାଇବା ପରେ ଆଇଜିଙ୍କ ନିର୍ଦ୍ଦେଶ କ୍ରମେ ଆଜି କେନ୍ଦ୍ରାପଡା ଅତିରିକ୍ତ ଏସପି ସୁଧାକର ସାହୁ ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ଜାନୁୟାରୀ ୨୧ ତାରିଖ ଦିନ ଘଟିଥିବା ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ । ସେଦିନ କଣ ଘଟଣା ଘଟିଥିଲା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଶ୍ରୀମତୀ ପାତ୍ର ଏଠାରେ କଣ କଣ କହିଥିଲେ, କଣ ଧମକ ଦେଇଥିଲେ ସେ ନେଇ ତଥ୍ୟ ସଂଗ୍ରହ କରିଛନ୍ତି । ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଫରେଷ୍ଟର ବିଜୟ କୁମାର ପାତ୍ର ଓ ଅନ୍ୟ ବନ କର୍ମଚାରୀଙ୍କୁ ଘଟଣା ସମ୍ପର୍କରେ ପଚରା ଉଚରା କରିଥିବା ଜଣାପଡିଛି ।

ଅପର ପକ୍ଷରେ ଓଡ଼ିଶା ବନ ସେବା ସଂଘ ପକ୍ଷରୁ ଗତ ମାସ ତିରିଶ ତାରିଖରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ନୂତନ ପିସିସିଏଫ ଡକ୍ଟର କେ ମୁରୁଗେସନଙ୍କୁ ଭେଟି ରାଜନଗର ଏସିଏଫଙ୍କ ଉପରେ କିପରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଅଭିଯୁକ୍ତମାନଙ୍କ ଆଗରେ ବର୍ଷିବା ସହ ମିଛ ମାମଲା କରିବାକୁ ଧମକ ଦେଇଛନ୍ତି ସେ ନେଇ ଜଣାଇଛନ୍ତି । ବନ କର୍ମଚାରୀଙ୍କ ସୁରକ୍ଷା ଓ ଘଟଣାରେ ସମ୍ପୃକ୍ତ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏସିଏଫ ଗଗନ ବିହାରୀ ମଲ୍ଲିକ ପିସିସିଏଫ (ବନ୍ୟଜନ୍ତୁ)ଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଛନ୍ତି । ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ବିଶୃଙ୍ଖଳିତ ଆଚରଣ ପୋଲିସ ବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସଚିବଙ୍କୁ ଓଡ଼ିଶା ବନ ସେବା ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଏକ ସମ୍ବେଦନଶୀଳ ବନ୍ୟପ୍ରାଣୀ ଅପରାଧର ଆଇନଗତ ତଦନ୍ତ ସମୟରେ, ସୂଚୀ-୧ ପ୍ରଜାତିର ବଜ୍ରକାପ୍ତା ଅବୈଧ ଭାବେ ରଖିବା ଏବଂ ବାଣିଜ୍ୟ ସହିତ ଜଡିତ ଘଟଣାରେ ତଦନ୍ତ ଓ ଅଭିଯୁକ୍ତଙ୍କୁ ପଚରାଉଚରା ସମୟରେ ପଟ୍ଟାମୁଣ୍ଡାଇ ଆଦର୍ଶ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବିଦ୍ୟୁତ ଆଘାତରେ ମହିଳା ମୃତ

**କେନ୍ଦ୍ରାପଡ଼ା,୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତର ଜଜାଙ୍ଗ ଗ୍ରାମରେ ୱାଟରହିଟର ଯୋଗେ ବାଲତିରେ ପାଣି ଗରମ କରୁଥିବା ବେଳେ ଅସାବଧାନତାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି । ମୃତ ମହିଳା ହେଉଛନ୍ତି ଜଜାଙ୍ଗ ଗ୍ରାମର କାର୍ତ୍ତିକ ପଟ୍ଟନାୟକଙ୍କ ଝିଅ ଲିଲି (୩୦) । ସେ ଆଳିଜଙ୍ଗା ଗ୍ରାମର ରଂଜନ ନାୟକଙ୍କ ପତ୍ନୀ । ଗତ ସରସ୍ୱତୀ ପୂଜାରେ ସେ ବାପଘରକୁ ଆସିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସଦରଥାନା ପକ୍ଷରୁ ତଦନ୍ତ ଚାଲିଛି । ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ନବମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର

**ବଲାଙ୍ଗୀର,୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ଘଟିଛି ଲଜ୍ଜା ଓ ଅତ୍ୟନ୍ତ ଚିନ୍ତାଜନକ ଘଟଣା । ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ସହପାଠୀମାନେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ସେମାନଙ୍କ ସହିତ ଜଣେ ଯୁବକ ମଧ ଏଥିରେ ସଂପୃକ୍ତ ଥିବା ଅଭିଯୋଗ ହୋଇଛି ।

ଉଭୟ ପୀଡତା ଓ ଅଭିଯୁକ୍ତମାନେ ଗୋଟିଏ ସ୍ଥାନରେ ଟ୍ୟୁସନ ହୁଅନ୍ତି । ଘଟଣା ଦିନ ସନ୍ଧ୍ୟାରେ ଟ୍ୟୁସନରେ ପଢ଼ା ଶେଷ ହେବା ପରେ ଶିକ୍ଷକ ନଥିବା ସମୟରେ ଜଣେ ୨୨ ବର୍ଷର ଯୁବକ ସୁଶାନ୍ତ ସାହୁ ସେଠାକୁ ଆସିଥିଲେ । ତାଙ୍କ କଥାରେ ପଡି ନାବାଳିକାଙ୍କୁ ତାଙ୍କର ଚାରିଜଣ ସହପାଠୀ ଦୁଷ୍କର୍ମ କରିଥିଲେ । ସୁଶାନ୍ତ ମଧ ନାବାଳିକାଙ୍କୁ ଦୁଷ୍କର୍ମ କରିଥିଲେ ।

ଖାଲି ଏତିକି ନୁହେଁ, ସୁଶାନ୍ତ



ଦୁଷ୍କର୍ମ ସମୟର ଭିଡିଓ ଉତ୍ତୋଳନ କରି ଭାଇରାଲ ମଧ କରି ଦେଇଛି । ଭିଡିଓ ଭାଇରାଲ ହେଲା ପରେ ନାବାଳିକାଙ୍କ ସଂପର୍କୀୟ ବଲାଙ୍ଗିର ପୁଲିସକୁ ଘଟଣା ସଂପର୍କରେ ଜଣାଇଥିଲେ । ଏସପି ନିଜେ ଘଟଣାର ତଦନ୍ତ କରିଥିଲେ ।

ଏସପିଙ୍କ ନିର୍ଦ୍ଦେଶକ୍ରମେ ତୁରକେଲା ପୁଲିସ ୫ ଅଭିଯୁକ୍ତ (୪ ନାବାଳକ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଲିଙ୍ଗଗତ ବୈଷମ୍ୟ
## ଓଡ଼ିଶାରେ ଝିଅଙ୍କ ସଂଖ୍ୟା କମ୍



**ଭୁବନେଶ୍ୱର,୩।୨ : ତଥ୍ୟ**

ଓଡ଼ିଶାରେ ପୁଅଙ୍କ ତୁଳନାରେ ଝିଅମାନଙ୍କ ସଂଖ୍ୟା କମ୍ ରହୁଥିବା ଯୋଗୁ ଭବିଷ୍ୟତରେ ବଡ଼ଧରଣର ସାମାଜିକ ସମସ୍ୟା ଉପୁଜିପାରେ । ଏଥିପ୍ରତି ଏବେଠାରୁ ସଜାଗ ରହିବା ପାଇଁ ସମାଜ ବିଜ୍ଞାନୀମାନେ ବାରମ୍ବାର ଚେତାବନୀ ଦେଇଆସୁଛନ୍ତି ।

ଭାରତ ସରକାରଙ୍କ ସଦ୍ୟ ପ୍ରକାଶିତ ଆର୍ଥିକ ସର୍ଭେ ରିପୋର୍ଟର ବିବରଣୀ ମୁତାବକ ୨୦୨୩ରେ ଓଡ଼ିଶାରେ ଯେତେ ଶିଶୁ ଜନ୍ମ ହୋଇଛନ୍ତି ସେମାନଙ୍କ ଭିତରେ ପୁତ୍ର ସନ୍ତାନଙ୍କ ତୁଳନାରେ କନ୍ୟାରତ୍ନଙ୍କ ସଂଖ୍ୟା ଢେର କମ୍ । ପ୍ରତି ହଜାର ପୁଅରେ ଓଡ଼ିଶାରେ ଶିଶୁକନ୍ୟାଙ୍କ ସଂଖ୍ୟା ଏହି ବର୍ଷରେ ୯୨୩ ରହିଥିଲା ।

ତେବେ ଓଡ଼ିଶା ପାଇଁ ଆଶ୍ୱାସନାର କଥା ହେଉଛି ଯେ ଏ କ୍ଷେତ୍ରରେ ସାରା ଦେଶରେ ସ୍ଥିତି ଅଧିକ ଗମ୍ଭୀର । ୨୦୨୩ ବର୍ଷରେ ସାରା ଭାରତରେ ଯେତେ ଶିଶୁ ସନ୍ତାନ ଜନ୍ମ ହୋଇଛନ୍ତି ସେମାନଙ୍କ ଭିତରେ ପ୍ରତି ହଜାରେ ପୁଅରେ ଝିଅଙ୍କ ସଂଖ୍ୟା ମାତ୍ର ୯୧୭ । ଓଡ଼ିଶାଠାରୁ ଆହୁରି ଅନେକ ରାଜ୍ୟର ସ୍ଥିତି ଖରାପ ରହିଛି । ପ୍ରତି ହଜାରେ ପୁଅରେ ଉତ୍ତର ପ୍ରଦେଶରେ ଝିଅଙ୍କ ସଂଖ୍ୟା ୯୧୬ ଥିବାବେଳେ ଏହା ରାଜସ୍ଥାନରେ ୯୧୯ ଓ ପଞ୍ଜାବରେ ୯୦୬ ରହିଛି । ମଧ୍ୟପ୍ରଦେଶରେ ଏହା ୯୧୭ ରେକର୍ଡ କରାଯାଇଥିବା ବେଳେ *(ଶେଷ ପୃଷ୍ଠା ଦେଖନ୍ତୁ)*




# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
କେନ୍ଦ୍ରାପଡା ୪ ଫେବୃଆରୀ ୨୦୨୬ । ବୁଧବାର



## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ



**ମୁରିବାହାଲ: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି-ଗୁଡିଘାଟ ରାସ୍ତା ସରଧାପୁର ଗ୍ରାମ ନିକଟରେ ଏକ ବାଇକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସୂଚ଼ନା ମୁତାବକ ମୁରିବାହାଲ ଥାନା ବାରବନ୍ଧ ଗ୍ରାମର ଦୁଇଜଣ ଯୁବକ ପ୍ରତିଦିନ ଭଳି କଣ୍ଟାବାଞ୍ଜିରୁ କାମ କରି ବାଇକ୍ ଯୋଗେ ନିଜ ଘରକୁ ଫେରୁଥିବା ସମୟରେ ରବିବାର ସନ୍ଧ୍ୟା ସମୟରେ ସରଧାପୁର ପୋଖରି ନିକଟରେ ବୁଲା ଗାଈପଲ ରାସ୍ତା ଉପରକୁ ହଠାତ୍ ଚ଼ାଲିଆସିଥିଲେ । ଯାହା ଫଳରେ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ବାଇକରେ ଥିବା ବାରବନ୍ଧ ଗ୍ରାମର ରେଙ୍ଗଟୁ ଭୋଇଙ୍କ ପୁଅ ଚ଼ଳ ଭୋଇ ( ୨୨ ) ଓ ଶରତ ନାଏକଙ୍କ ପୁଅ ଚ଼ମ୍ପେଶ୍ୱର ନାଏକ ( ୨୧ ) ଗୁରୁତର ଆହତ ହୋଇଥିଲେ । ଉଭୟ ଆହତଙ୍କୁ ପ୍ରଥମେ କଣ୍ଟାବାଞ୍ଜି ହସ୍ପିଟାଲରେ ଚ଼ିକିତ୍ସା କରାଯାଇଥିଲା ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ଭିମଭୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚ଼ିକିତ୍ସିତ ଅବସ୍ଥାରେ ଚ଼ଳ ଭୋଇଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିବା ବେଳେ ଚ଼ମ୍ପେଶ୍ୱର ନାଏକ ଏବେବି ଚ଼ିକିତ୍ସିତ ହେଉଛନ୍ତି । ବଲାଙ୍ଗିରରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ଚ଼ଳଙ୍କ ଶବ ଆଣି ଗାଁରେ ଅନ୍ତିମ ସଂସ୍କାର କରିଥିଲେ । ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି ।

## ଦନ୍ତା ଆକ୍ରମଣରେ ବିଦ୍ୟୁତ କର୍ମଚ଼ାରୀ ଆହତ

**ଚ଼ମ୍ପୁଆ: ଏକ୍ସପ୍ରେସ ନ୍ୟୁଜ୍**

ଚ଼ମ୍ପୁଆରେ ହାତୀ ଆତଙ୍କ ଥମିବାର ନାଁ ଧରୁନାହିଁ । ଦିନକୁଦିନ ଗୋଠ ଛଡା ଦନ୍ତା ହାତୀଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି । ବନ ବିଭାଗ ହାତୀଙ୍କ ଗତିବିଧି ଜାଣି ପାରୁ ନଥିବାରୁ ନାଚ଼ାର ହୋଇ ହାତବାନ୍ଧି ବସିଥିବା ଦେଖିବାକୁ ମିଳୁଛି । ଯାହାଦ୍ୱାରା ସାଧାରଣ ଜନତା ବାରମ୍ବାର ହାତୀ ଆକ୍ରମଣର ଶିକାର ହେଉଛନ୍ତି । କେତେବେଳେ ହାତୀ ପାଦ ତଳେ ନିରୀହ ମଣିଷଙ୍କ ଜୀବନ ଚ଼ାଲି ଯାଉଛି ତ କେତେବେଳେ ଗୁରୁତର ଆହତ ହେଉଛନ୍ତି । ଅନୁରୂପ ଘଟଣା କ୍ରମେ ପତଳା ଜଙ୍ଗଲରେ ଦନ୍ତା ହାତୀ ରହିଥିବା ଖବର, କାହାରି ପାଖରେ ନ ଥିଲା । ଯାହାଦ୍ୱାରା ଦନ୍ତା ଆକ୍ରମଣରେ ଜଣେ ବିଦ୍ୟୁତ କର୍ମଚ଼ାରୀ ଆହତ ହୋଇଛନ୍ତି । ଚ଼ମ୍ପୁଆ ବନାଞ୍ଚଳ ପତଳା ଜଙ୍ଗଲ ପତଳା ଗାଁମୁଣ୍ଡ ରାସ୍ତାରେ ଘଟିଛି ଏହି ଘଟଣା ।

ଖବର ଅନୁସାରେ, ଚ଼ମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ଅନ୍ତର୍ଗତ ପତଳା ଗ୍ରାମର ଜିତେନ୍ଦ୍ର ନାଏକ । ସେ ଚ଼ମ୍ପୁଆ ବିଦ୍ୟୁତ ବିଭାଗରେ କାର୍ଯ୍ୟ କରନ୍ତି । ସକାଳ ପ୍ରାୟ ୭ଟା ୧୫ ମିନିଟ ସମୟରେ ଚ଼ମ୍ପୁଆ ବିଦ୍ୟୁତ କାର୍ଯ୍ୟାଳୟରେ ରାତି ଡ୍ୟୁଟି ସାରି ନିଜ ଘରକୁ ଫେରୁଥିବା ବେଳେ ଗାଁ ମୁଣ୍ଡ ରାସ୍ତାରେ ହଠାତ ଏକ ଦନ୍ତା ହାତୀ ସହିତ ସାମ୍ନାସାମ୍ନି ହେବାରୁ ସେ ଦନ୍ତା ଆକ୍ରମଣର ଶିକାର ହୋଇଛନ୍ତି । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚ଼ମ୍ପୁଆ ଡାକ୍ତରଖାନାରେ ଚ଼ିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ଖବର ପାଇ ବନ କର୍ମଚ଼ାରୀ ଡାକ୍ତରଖାନାରେ ପହଞ୍ଚିଛନ୍ତି । ତେବେ ଗୋଠଛଡା ଦନ୍ତା ହାତୀଙ୍କ ଗତିବିଧି ସମ୍ପର୍କିତ ସଠିକ ସୂଚ଼ନା ବନବିଭାଗ ପାଖରେ ରହୁ ନଥିବା ବେଳେ ହାତୀର ଉପସ୍ଥିତି ଅଞ୍ଚଳବାସୀ ଜାଣିପାରୁ ନାହାନ୍ତି । ଫଳରେ ଅସମୟରେ ବାରମ୍ବାର ହାତୀ ଆକ୍ରମଣର ଶିକାର ହେଉଛନ୍ତି ଲୋକେ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

### ଜବରଦଖଲ ଉଚ୍ଛେଦ ପାଇଁ ମାପଚୁପ

## ଦୋକାନ ଗୃହ ଯୋଗାଇଦେବାକୁ ବ୍ୟବସାୟୀଙ୍କ ଦାବି

**ଚାରିଛକ: ଏକ୍ସପ୍ରେସ ନ୍ୟୁଜ୍**

ମୁଖ୍ୟ ରାସ୍ତା ସଂପ୍ରସାରଣ ପାଇଁ ଚାରିଛକ ବଜାରରୁ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ସଂପୃକ୍ତ ଜବର ଦଖଲକାରୀମାନଙ୍କୁ ନୋଟିସ ଜାରି କରାଯାଇଥିଲା । ତେବେ ଜବରଦଖଲକାରୀମାନେ ସରକାରୀ ଜାଗା ଖାଲି ନକରିବାରୁ ମଙ୍ଗଳବାର ପୁର୍ନବାର ମାପଚୁପ କରାଯାଇ ସରକାରୀ ଜାଗା ଖାଲି କରିବାକୁ ଦୋକାନୀମାନଙ୍କୁ କୁହାଯାଇଛି । ପର୍ଯ୍ୟଟନସ୍ଥଳୀ କୋଣାର୍କ, ଅସ୍ତରଙ୍ଗର ପୀର ଜାହାନିଆ, କାକଟପୁର ମା'ମଙ୍ଗଳାଙ୍କ ପୀଠ ଓ ପୁରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଦୈନନ୍ଦିନ ହଜାର ହଜାର ପର୍ଯ୍ୟଟକ ବିଭିନ୍ନ ଯାନ ବାହାନରେ ଚାରିଛକ



ବଜାର ଦେଇ ଯାତାୟତ କରିଥାନ୍ତି । ଚାରିଛକ ବଜାରରେ ଥିବା ଜବରଦଖଲ ଯୋଗୁଁ ଟ୍ରାଫିକ ସମସ୍ୟା ଦେଖାଦେବା ସହିତ ଦୁର୍ଘଟଣା ଘଟି ଅନେକ ଧନ ଓ ଜୀବନ ହାନୀ ଘଟୁଛି । ଚାରିଛକ ବଜାର ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ଜାଗାରେ କ୍ୟାବିନ, ଆଜବେଷ୍ଟସ ଓ ଛାତ ଘର କରି ଲୋକେ ଦୋକାନ କରିବା ଫଳରେ ରାସ୍ତା ସଂକୁଚିତ ହୋଇ ଟ୍ରାଫିକ ସମସ୍ୟା ଦେଖାଦେବା ସହିତ ଛକ, ବଜାର ରାସ୍ତା ବୁଲାଣି ମୁହଁରେ ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହୋଇପଡୁଛି । ଚାରିଛକ ବଜାରକୁ ଜବରଦଖଲ ମୁକ୍ତ କରିବାକୁ ସ୍ଥାନୀୟ ତହସିଲ ପ୍ରଶାସନ ତତ୍ପରତା ଦେଖାଇଛି । ମଙ୍ଗଳବାର ସ୍ଥାନୀୟ ପ୍ରଶାସନ ତରଫରୁ ଚାରିଛକ ବଜାର ମାପଚୁପ କରାଯିବା ସହିତ ୭ଦିନ ମଧ୍ୟରେ ସରକାରୀ ଜାଗା ଖାଲି କରିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତାଗିଦ କରାଯାଇଛି । ମାପ ସମୟରେ ପୂର୍ତ୍ତବିଭାଗ କନିଷ୍ଠଯନ୍ତ୍ରୀ ଜ୍ୟୋତିଶ୍ରୀ ସେନାପତି, ବ୍ରହ୍ମକୁଣ୍ଡୀ ରାଜସ୍ୱ ନିରୀକ୍ଷକ ପାର୍ଥ ସାରଥି ସେଠୀ, ସୁପର ଭାଇଜର ଝରଣା ସେଠୀ, ସତ୍ୟବାନ ପୋଲେଇ, ବଜାର କମିଟି ସଭାପତି ସନ୍ତୋଷ ପ୍ରଧାନ ଓ ଚାରିଛକ ପୋଲିସ ପ୍ରମୁଖ ଉପସ୍ଥିତଥିଲେ । ସରକାରୀ ଜାଗାରୁ ଦୋକାନଘର ଉଚ୍ଛେଦ ପରେ ଦୋକାନୀମାନେ ପରିବାର ଚଳାଇବାକୁ ବେସାହାରା ହୋଇପଡିଛନ୍ତି । ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ କରିବାକୁ ଅନେକ ବ୍ୟବସାୟୀ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

## ମାଓ ସଂଗଠନ ଛାଡିଲେ ପ୍ରଭୁ



**ରାଉରକେଲା: ଏକ୍ସପ୍ରେସ ନ୍ୟୁଜ୍**

ଭାଙ୍ଗୁଛି ଲାଲ୍ ଗଡ଼ । ଧ୍ୱଂସ ପାଉଛି ମାଓଗଡ଼ । ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହେଉଛନ୍ତି ଟପ୍ ମାଓ ନେତା । ଦେଶକୁ ମାଓ ମୁକ୍ତ କରିବା ପାଇଁ ମାର୍ଚ୍ଚ ୩୧ ରହିଛି ଡେଡଲାଇନ୍ । ଏହାଭିତରେ ମାଓ ସଂଗଠନ ଛାଡୁଛନ୍ତି ଅନେକ ଟପ୍ କ୍ୟାଡର । ଏହିକ୍ରମରେ ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ନକ୍ସଲ ନେତା ଅବ୍‌ଲେମ୍ ହୋନେଜ୍ ଓରଫ ପ୍ରଭୁ ।

ମାଓ ନେତା ପ୍ରଭୁର ଘର ଝାଡଖଣ୍ଡ ଛୋଟାନାଗାରା ଥାନା ହଲମୁଲି ଗାଁରେ । ନାବାଳକ ଥିବା ସମୟରେ ଦୁଇ ବର୍ଷ ତଳେ ମାଓ ସଂଗଠନରେ ହୋଇଥିଲେ ସାମିଲ । ଟପ୍ ମାଓ ନେତା ଅନ୍ ମୋଲ୍ ଟିମ୍‌ରେ କାମ କରୁଥିଲେ ପ୍ରଭୁ । ବନ୍ଧୁକ ବୋହିବା, ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ମାଓ କ୍ୟାମ୍ପ ସ୍ଥାନାନ୍ତର ସମୟରେ ପୋଲିସ ଏବଂ ସୁରକ୍ଷାକର୍ମୀଙ୍କ ଉପରେ ନଜର ରଖିବା, ମାଓ ହିଂସା ସମୟରେ ସହଯୋଗ କରିବା ମୁଖ୍ୟ କାମ ଥିଲା । କିନ୍ତୁ ଏସବୁ କାମ ଭିତରେ ମାଓ ସଂଗଠନ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି ପ୍ରଭୁ । ମଙ୍ଗଳବାର ରାଉରକେଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ପ୍ରଭୁ । ସରକାରଙ୍କ ବ୍ୟବସ୍ଥା ଅନୁସାରେ ସମସ୍ତ ସହଯୋଗ କରାଯିବ ବୋଲି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ସାମ୍ବାଦିକ ସମ୍ମିଳନୀ ସୂଚ଼ନା ଦେଇଛନ୍ତି ।

## ଦୁଷ୍କର୍ମ ମାମଲାରେ ଯୁବକ କୋର୍ଟଚ଼ାଲାଣ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ଭଣ୍ଡାରୀପଲି ଗାଁର ପୂର୍ଣ୍ଣଚ଼ନ୍ଦ୍ର ଦାସଙ୍କ ପୁଅ ସୁବାଶ ଦାସ ଓରଫ୍ ରାଜୁ (୨୭) ସେହି ଗାଁ ନିକଟ ନୂଆସାହି ଗାଁର ଜନୈକ ବିବାହିତ ମହିଳାଙ୍କୁ ୩ଦିନ ତଳେ ନିଶାସକ୍ତ ଅବସ୍ଥାରେ ଘରେ ପଶି ଦୁଷ୍କର୍ମ କରିଥିଲା । ଏ ସଂପର୍କରେ ମହିଳାଙ୍କ ସମ୍ପର୍କୀୟଙ୍କ ସହିତ ରାଇବଣିଆ ଥାନାରେ ଅଭିଯୋଗ ପରେ ଯୁବକକୁ ସୋମବାର ଥାନାରେ ଅଟକ ରଖାଯାଇଥିଲା । ପ୍ରାଥମିକ ତଦନ୍ତ ଆଧାରରେ କେସ୍ ନଂ ୧୫/୨୬ ମୂଳେ ମାମଲା ହୋଇ ସୋମବାର କୋର୍ଟ ଚ଼ାଲାଣ କରାଯାଇଛି । ସୂଚ଼ନାଯୋଗ୍ୟ ଉକ୍ତ ଯୁବକ ସହିତ ଅନ୍ୟ ୪/୫ଜଣ ଯୁବକ ବିଭିନ୍ନ ସମୟରେ ନିଶାସକ୍ତ ଅବସ୍ଥାରେ ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ସହିତ ବିଭିନ୍ନ କାଣ୍ଡ କରିବା ଅଭିଯୋଗ ହୋଇ ଆସୁଥିଲା ।

## ସଙ୍କଟରେ ପହରିଆ ସମ୍ପ୍ରଦାୟର ଜନଜାତି

**ନୂଆପଡା: ଏକ୍ସପ୍ରେସ ନ୍ୟୁଜ୍**

ଜଙ୍ଗଲ ସୁରକ୍ଷା ତଥା ଜଙ୍ଗଲରେ ରହୁଥିବା ପାରମ୍ପରିକ ଓ ଅଣ ପାରମ୍ପରିକ ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ କାର୍ଯ୍ୟକାରୀ ହୋଇଥିଲା ଜଙ୍ଗଲ ଜମି ଅଧିକାର ଆଇନ । କିନ୍ତୁ ଦୀର୍ଘ ଦଶନ୍ଧି ନେଇ ଜଙ୍ଗଲ ଅଞ୍ଚଳରେ ବସବାସ କରିଆସୁଥିବା ପହରିଆ ସମ୍ପ୍ରଦାୟର ଆଦିମ ଜନଜାତିଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇ ନ ଥିବାରୁ ଏବେ ଏମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି ।

ନୂଆପଡା ଜିଲ୍ଲାର ସୁନାବେଡ଼ା ଅଭୟାରଣ୍ୟ ସହ ପାଟଧାରାର ଜଙ୍ଗଲ ଅଞ୍ଚଳରେ ଆଦିମ କାଳରୁ ବସବାସ କରି ଆସୁଥିବା ଏହି ପହରିଆ ଆଦିମ ଜନଜାତି ଜଙ୍ଗଲ ଉପରେ ନିର୍ଭର କରି ଜଙ୍ଗଲରୁ ବନ୍ୟଜାତ ଦ୍ରବ୍ୟ ସହ ମୁଖ୍ୟତଃ ବାଉଁଶରେ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ନିଜ ଜୀବିକା ନିର୍ବାହ କରି ଆସୁଛନ୍ତି । କିନ୍ତୁ ବର୍ତ୍ତମାନ ଜଙ୍ଗଲରେ ବାଉଁଶ ଅଭାବ ସହ ବଜାରରେ ବାଉଁଶରେ ତିଆରି ସାମଗ୍ରୀର ଚ଼ାହିଦା କମିଯିବାରୁ ଏମାନଙ୍କ ଜୀବିକା ସଙ୍କଟରେ ପଡ଼ିଛି ।



ନିଜ ପରିବାର ପ୍ରତିପୋଷଣ ପାଇଁ ଏମାନେ ସମସ୍ୟାରେ ପଡ଼ି ରହିଛନ୍ତି । ଯା ଫଳରେ ଏମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ ପାଇଁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ପାଇଁ ଦାବି କରିଛନ୍ତି ।

ଜଙ୍ଗଲ ଜମି ପାଇଁ ଏହି ଜନଜାତି ବନବିଭାଗ ଓ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉନଥିବା ରୁ ସରକାରୀ ଯୋଜନାରୁ ଏମାନେ ବଞ୍ଚିତ ରହିଯାଉଛନ୍ତି ଏହି ପହରିଆ ସମ୍ପ୍ରଦାୟର ଆଦିମ ଜନଜାତି ପଡୋଶୀ ଛତିଶଗଡ ରାଜ୍ୟରେ ଆଦିବାସୀ ଶ୍ରେଣୀର ମାନ୍ୟତା ପାଇ ସମସ୍ତ ସରକାରୀ ଯୋଜନାରେ ସାମିଲ ହୋଇ ମୁଖ୍ୟ ସ୍ରୋତରେ ସାମିଲ ହୋଇଥିବା ବେଳେ ଓଡ଼ିଶାରେ କିନ୍ତୁ ଆଦିବାସୀ ମାନ୍ୟତା ମିଳିପାରି ନାହିଁ ।

ଏମାନଙ୍କୁ ସରକାରୀ ସହାୟତା ଓ ଯୋଜନାରେ ଶୀଘ୍ର ସାମିଲ ପାଇଁ ଆଦିବାସୀ ସଂଘ ମଧ୍ୟ ଦାବି କରିଛି । ଏହା ସହ ପହରିଆ ଜନଜାତିଙ୍କ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ପହରିଆ ଜନଜାତି ଆନ୍ଦୋଳନକୁ ଓହ୍ଲାଇବ ଓ ଆଦିବାସୀମାନେ ଏହି ଆନ୍ଦୋଳାନରେ ସାମିଲ ହେବେ ବୋଲି ଆଦିବାସୀ ନେତା ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ଏହି ପାହରିଆ ସମ୍ପ୍ରଦାୟର ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ଦେବାରେ ଦେଖଦେଇଥିବା ସମସ୍ୟାର ସମାଧାନ କରି ଜଙ୍ଗଲ ଜମି ଯୋଗାଇ ଦେବା ଦିଗରେ ଶୀଘ୍ର ଦୃଷ୍ଟି ଦେବା ଜରୁରୀ ହୋଇପଡିଛି ।

## ବେକରେ ଓଢଣି ଦେଇ ନାବାଳିକାର ଆତ୍ମହତ୍ୟା

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

ବେକରେ ଓଢଣି ଦେଇ ନାବାଳିକା ଜଣକ ଆତ୍ମହତ୍ୟା କରିଥିବା ନେଇ ଜୟପୁର ସଦର ଥାନା ରେ ଲିଖିତ ଅଭିଯୋଗ ହୋଇଛି । ଜୟପୁର ସଦର ଥାନା ଅନ୍ତର୍ଗତ ଗାଗନାପୁର ଗ୍ରାମର ଦାସି ମୁଦୁଲି ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ନାବାଳିକା ଝିଅ ଶିବାନି ମୁଦୁଲି (୧୫) ଶୋଇବା ଘରେ ପଶି ବକାଟ ଦେଇ ପଙ୍ଖାରେ ଓଢଣି ଦେଇ ଆତ୍ମହତ୍ୟା କରିଛନ୍ତି । ପରିବାର ଲୋକେ ନାବାଳିକାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟରେ ଭର୍ତ୍ତି କରି ଥିଲେ । ସେ ଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ନାବାଳିକା ଜଣକ କିଛି ଦିନ ହେବ ବିଷାଦ ଗ୍ରସ୍ତରେ ରହୁଥିଲେ । ସେଥି ଯୋଗୁଁ ସେ ଆତ୍ମହତ୍ୟା କରିଥିବା ନାବାଳିକାର ବାପା ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଜିଲ୍ଲା ମୁଖ୍ୟ ଚ଼ିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବିଷୟ ଜୟପୁର ସଦରେ ଥାନା ଅଧିକାରି ସଚ୍ଚିନ୍ଦ୍ର ପ୍ରଧାନ ସୂଚ଼ନା ଦେଇଛନ୍ତି ।

### ବାଣିଜ୍ୟ

## ଭାରତ ବଜାରରେ ପ୍ରବେଶ କରିପାରିବନି ବିଦେଶୀ କ୍ଷୀର

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ବ୍ରିଟେନ୍, ୟୁରୋପ ପରେ ଏବେ ଆମେରିକା ସହ ଭାରତର ଟ୍ରେଡ୍ ଡିଲ୍ ସ୍ୱାକ୍ଷର ହୋଇଛି । ଏହିଦ୍ୱାରା ଦେଶରେ ଅନେକ ସାମଗ୍ରୀ ଶସ୍ତା ହେବା ନେଇ ଆଶା ବଢ଼ିଛି । ପ୍ରାୟ ସବୁ ସେକ୍ଟର ସାମଗ୍ରୀର ଆମଦାନୀ, ରପ୍ତାନୀ ବି ବୃଦ୍ଧି ପାଇବ ବୋଲି ମଧ୍ୟ ଆଶା ବଢ଼ିଛି, କିନ୍ତୁ କିଛି ସେକ୍ଟର ଏପରି ରହିଛି ଯେଉଁଥିରେ ବିଦେଶୀ ସାମଗ୍ରୀକୁ ଅନ୍ତର୍ଭୁକ୍ତ କରିନାହାନ୍ତି ପ୍ରଧାନମନ୍ତ୍ରୀ ମୋଦୀ ।

ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସତ୍ତ୍ୱେ, ଭାରତ କୃଷି କ୍ଷେତ୍ର ଏବଂ ଦୁଗ୍ଧ ଶିଳ୍ପକୁ ଆମେରିକା ପାଇଁ ଖୋଲିବ ନାହିଁ, ସରକାରୀ ସୂତ୍ର ଅନୁଯାୟୀ, ଭାରତ ଏହି ବାଣିଜ୍ୟ ଚୁକ୍ତିରେ ସମ୍ବେଦନଶୀଳ କୃଷି ଉତ୍ପାଦ ଓ ଦୁଗ୍ଧଶିଳ୍ପ କ୍ଷେତ୍ରକୁ ସୁରକ୍ଷା ଦେବାର ଦୀର୍ଘକାଳୀନ ନୀତି ବଜାୟ ରଖିବ । ଏହାର ଅର୍ଥ ହେଉଛି, ଭାରତରେ କୌଣସି ବିଦେଶୀ କୃଷିଜାତୀୟ ସାମଗ୍ରୀକୁ ପ୍ରବେଶ କରାଯିବ ନାହିଁ, ଯଥା ଧାନ, ଚ଼ାଉଳ, ଗହମ, ମକା, ବାଜରା, ମୁଗ, ବିରି, ଚ଼ଣା, କ୍ଷୀର, ଦହି, ଘିଅ ଭଳି ଅନ୍ୟାନ୍ୟ ସାମଗ୍ରୀ ଭାରତ ବଜାରରେ ପ୍ରବେଶ କରିବ ନାହିଁ ।

ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି ସ୍ପଷ୍ଟ କରିଛନ୍ତି, 'ବର୍ତ୍ତମାନର ସ୍ଥିତି ଭଲ ରହିଛି, ସମ୍ବେଦନଶୀଳ ସାମଗ୍ରୀ ପ୍ରତି ଆମର ସାଧାରଣ ଆଭିମୁଖ୍ୟ ଜାରି ରହିଛି ।' ଭାରତର ଏହି ନିଷ୍ପତ୍ତି ଏହାର ଦୀର୍ଘକାଳୀନ ବାଣିଜ୍ୟ ରଣନୀତିର ଏକ ଅଂଶ । ଭାରତ ୟୁକେ, ନ୍ୟୁଜିଲ୍ୟାଣ୍ଡ ଓ ୟୁରୋପୀୟ ସଂଘ ସହିତ ଆଲୋଚ଼ନାରେ ବି କୃଷି ଏବଂ ଦୁଗ୍ଧ ସ୍ୱାର୍ଥକୁ ମଧ୍ୟ ସୁରକ୍ଷା ଦେଇଛି । ତେବେ ଭାରତ ସରକାର ଏହା ବିଶ୍ୱାସ କରନ୍ତି ଯେ, ଦୁଗ୍ଧ ଏବଂ କୃଷି କ୍ଷେତ୍ର ଲକ୍ଷ ଲକ୍ଷ କ୍ଷୁଦ୍ର ଚ଼ାଷୀଙ୍କ ଜୀବିକା ସହିତ ସିଧାସଳଖ ଭାବେ ଜଡିତ । ବିଦେଶୀ ବଜାରରୁ ଶସ୍ତା ଆମଦାନୀ ସ୍ଥାନୀୟ ଚ଼ାଷୀଙ୍କ ଆର୍ଥିକ ଉନ୍ନତିକୁ ବିପଦରେ ପକାଇବାର ଆଶଙ୍କା ସୃଷ୍ଟି କରୁଛି, ଯାହାକୁ ସରକାର କୌଣସି ମୂଲ୍ୟରେ ଗ୍ରହଣ କରିବେ ନାହିଁ ।

## ୩୫ ଲିଟର ମଦ ଜବତ, ଜଣେ ଗିରଫ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ଜିଲ୍ଲାର ସାଂସ୍କୃତିକ ଗଣପର୍ବ 'ମାଲ୍ୟବନ୍ତ ମହୋତ୍ସବ' ସମୟରେ ଶାନ୍ତିଶୃଙ୍ଖଳା ରକ୍ଷାକୁ ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ମହୋତ୍ସବର ତୃତୀୟ ଦିନରେ ମଦ ବିକ୍ରି ଓ ଚ଼ାଲାଣ ବିରୋଧରେ ଲଗାତାର ଅଭିଯାନ ଚ଼ାଲିଛି । ରାତିରେ ଏମଭି–୭୯ ଥାନା ଅଞ୍ଚଳରେ ପୋଲିସ ଚେକିଂ ସମୟରେ ପ୍ରାୟ ୩୫ ଲିଟର ବିଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ ତାଣ୍ଡବାଇ ଗାଁର ଏରା ସୋଡି ନାମକ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି । ଏ ସଂକ୍ରାନ୍ତରେ କେସ୍ ନମ୍ବର ୨୧/୨୦୨୬ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚ଼ାଲାଣ କରାଯାଇଛି ।

ସୂଚ଼ନା ଅନୁଯାୟୀ, ଏମଭି ୭୯ ଥାନାର ଏସଆଇ ଶ୍ରୀଚ଼ନ୍ଦନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ତାଣ୍ଡବାଇ ଅଞ୍ଚଳରେ ଅବୈଧ ମଦ ବିକ୍ରି ସମ୍ବନ୍ଧୀୟ ଗୁପ୍ତ ସୂଚ଼ନା ପାଇ ଚ଼ଢ଼ଉ କରିଥିଲେ । ଚ଼ଢ଼ଉ ସମୟରେ ଅଭିଯୁକ୍ତଙ୍କ ଠାରୁ ୩୫ ଲିଟର ମଦ ଜବତ କରାଯାଇଥିଲା ।

ଏହା ପୂର୍ବରୁ କାଳିମେଳା ଥାନା ଅଞ୍ଚଳରେ ମଧ ମଦ ଚୋରାଚ଼ାଲାଣ ଅଭିଯୋଗରେ ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚ଼ନା ମିଳିଛି । ଦୁଇ ଥାନା ଅଞ୍ଚଳରେ ଲଗାତାର ଚ଼ାଲିଥିବା ଏହି କାର୍ଯ୍ୟାନୁଷ୍ଠାନ ମହୋତ୍ସବ ସମୟରେ ମଦ ବ୍ୟବସାୟ ଉପରେ ପ୍ରଶାସନର କଡ଼ା ନଜରକୁ ସ୍ପଷ୍ଟ କରୁଛି । ମହୋତ୍ସବକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଜାନୁଆରୀ ୨୯ ତାରିଖରୁ ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି । ଏହାସହ ଜିଲ୍ଲା ସୀମା ବାହାରୁ ମଦ ପ୍ରବେଶ, ସଂଗ୍ରହ ଓ ସରବରାହ ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଜାରି କରାଯାଇଛି ।

ସୂଚ଼ନାଯୋଗ୍ୟ ଯେ, ମଦ ବନ୍ଦ ହେବାର ସୂଚ଼ନା ପୂର୍ବରୁ ମିଳିଥିବାରୁ କିଛି ଗ୍ରାମାଞ୍ଚଳର ମଦ ବ୍ୟବସାୟୀ ଆଗରୁ ଅଧିକ ପରିମାଣରେ ମଦ କିଣି ମହଜୁଦ ରଖିଥିବା ସୂଚ଼ନା ମିଳିଛି । ବର୍ତ୍ତମାନ ସେହି ମଦକୁ ଅଧିକ ଦରରେ ଗୁପ୍ତ ଭାବେ ବିକ୍ରି କରାଯାଉଥିବା ଅଭିଯୋଗ ଉଠିଛି । ଏନେଇ ପୋଲିସ ଆହୁରି କଡ଼ା ଯାଞ୍ଚ କରି ଏପରି ଅବୈଧ କାରବାରକୁ ବନ୍ଦ କରିବାର ଆବଶ୍ୟକତା ରହିଛି ।

## ତେଲ ଟ୍ୟାଙ୍କର ଧକ୍କାରେ ମହିଳା ମୃତ

**ବରଗଡ: ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ -ଭଟଲି ରାସ୍ତାର ବରଡୋଲ ନିକଟରେ ସୋମବାର ସନ୍ଧ୍ୟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଏକ ତେଲ ବୋଝେଇ ଟ୍ୟାଙ୍କର ବିପରୀତ ଦିଗରୁ ଆସୁଥିବା ବାଇକକୁ ଧକ୍କା ଦେବା ଯୋଗୁଁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ, ଅବସରପ୍ରାପ୍ତ ସେନା ଅଧିକାରୀ ତଥା ଭଟଲି ବାସିନ୍ଦା ସୁଦାମ ଶତପଥୀଙ୍କ ସ୍ତ୍ରୀ ତୁଳସୀ ।

ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟକ ଯାନବାହାନ ଅଟକି ରହିଛି । ତେବେ ଆନ୍ଦୋଳନ ଚ଼ାଲିଥିବାବେଳେ ଏକ ସ୍କର୍ପିଓ ଜୋର ଜବରଦସ୍ତ ଆନ୍ଦୋଳନସ୍ଥଳ ପାରି ହେବା ସହିତ ସେଠାରେ ଥିବା କେତେକ ବାଇକକୁ ଧକ୍କା ଦେଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଆହୁରି ତୀବ୍ର ହୋଇଛି । ଉତ୍ତେଜିତ ଲୋକେ ସମ୍ପୃକ୍ତ ସ୍କର୍ପିଓକୁ ଭଙ୍ଗାରୁଜା କରିଥିବା ସୂଚ଼ନା ମିଳିଛି । ଆଇନ ଶୃଙ୍ଖଳା ପରିସ୍ଥିତି ଏଡାଇବା ପାଇଁ ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି ।

**FOR SALE OF INDUSTRIAL SHED & LAND**
(IN AND AROUND BHUBANESWAR CITY)

**Prime Location:** Situated next to NH5, **Property Type:** Industrial Shed and Land, **Plot Size:** 33000 sq.ft., **Built-up Area:** 15,000 sq. ft above.

**Power:** Connected Power of 48kW with Generator backup.
**Facilities:** Includes a Factory shed, Office Building, Canteen, Washrooms & Security room.

Interested parties may contact:
Email: archanabangalore05@gmail.com / Mob.: 9187502902

## ଅଖିଳ ଭାରତ ଭ୍ରଷ୍ଟାଚ଼ାର ବିରୋଧୀ ସଂଗଠନର ସାମ୍ବାଦିକ ସମ୍ମିଳନୀ

**ଜୟପୁର: ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ବିଧାନସଭା ଅଧିବେଶନରେ ମନ୍ତ୍ରୀ, ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କ ଦରମା ଓ ପେନସନ୍ ବୃଦ୍ଧି ପ୍ରସ୍ତାବକୁ ସବୁ ଦଳର ବିଧାୟକମାନେ ସମର୍ଥନ କରି ପ୍ରସ୍ତାବ ଗ୍ରହଣ କରିଥିଲେ । ଆମ ରାଜ୍ୟରେ ଏହି ଦରମା ଓ ଭତ୍ତା ବୃଦ୍ଧି ସମଗ୍ର ଦେଶରେ ସର୍ବାଧିକ ହୋଇଥିଲା । ବିଭିନ୍ନ ମହଲରେ ଦାବି ଓ ଜନସାଧାରଣଙ୍କ ଚ଼ାପ ଯୋଗୁଁ ବିଜେପି ବିଧାୟକ ଦଳ ବୈଠକରେ ଏହି ପ୍ରସ୍ତାବକୁ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ଗ୍ରହଣ କରାଗଲା । ଏହା ପରେ ଏହି ବୃଦ୍ଧି ପ୍ରସ୍ତାବ ସ୍ଥଗିତ ରହିଛି । ମାତ୍ର ଚ଼ଳିତ ବିଧାନସଭା ଅଧିବେଶନରେ ପୁନର୍ବାର ବୃଦ୍ଧି କରିବା ପ୍ରସ୍ତାବ ଆଗତ କରିବାକୁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି ଏବଂ ଏହି ବୃଦ୍ଧିକୁ ବର୍ତ୍ତମାନ ମଧ୍ୟ ଅଧିକାଂଶ ବିଧାୟକ ସମର୍ଥନ କରି ଗଣମାଧ୍ୟମରେ ବିବୃତ୍ତି ଦେଉଛନ୍ତି । ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଧାୟକ, ମନ୍ତ୍ରୀ ଏବଂ ପୂର୍ବତନ ବିଧାୟକଙ୍କ ଦରମା ପେନସନ୍ କେତେ ହେବ ରାଜ୍ୟ ସରକାର ଲୋକମାନଙ୍କ ଠାରୁ ମତାମତ ସଂଗ୍ରହ କରିବାକୁ ଅଖିଳ ଭାରତ ଭ୍ରଷ୍ଟାଚ଼ାର ବିରୋଧୀ ସଂଗଠନର ରାଜ୍ୟ କମିଟି ପକ୍ଷରୁ ଦାବି କରାଯାଇଛି ।



### ସିନେମାଫିନେମା ଟିଭିଫିବି

## ବିବାଦରେ ଗାୟିକା ଚ଼ାପେଲ ରୋଆନ୍

ଆମେରିକୀୟ ଗାୟିକା-ଗୀତକାର ଚ଼ାପେଲ ରୋଆନ୍, ଯାହାଙ୍କର ସୋମବାର ଗ୍ରାମୀ ପୁରସ୍କାର ସମାରୋହରେ ପ୍ରାୟ ଟପଲେସ୍ ବର୍ଗଣ୍ଡି ପୋଷାକ ଅନଲାଇନରେ ଆଲୋଚ଼ନାର ବିଷୟ ପାଲଟିଥିଲା । ସେ ନକାରାତ୍ମକ ମନ୍ତବ୍ୟକୁ ଅଣଦେଖା କରି 'ବ୍ୟକ୍ତିଗତ ସ୍ୱାଧୀନତା'କୁ ରକ୍ଷା କରିଛନ୍ତି ।

ମଙ୍ଗଳବାର, 'ରେଡ୍ ୱାଇନ୍ ସୁପରନୋଭା' ଗାୟିକା ଇନଷ୍ଟାଗ୍ରାମରେ ଗ୍ରାମୀ ରେଡ୍ କାର୍ପେଟରେ ନିଜର ଫଟୋ ପୋଷ୍ଟ କରିଛନ୍ତି । ଫଟୋଗୁଡ଼ିକ ସହିତ, କଳାକାର ଅନଲାଇନ୍ ଘୃଣାକୁ ସମ୍ବୋଧିତ କରି ଏକ ହାସ୍ୟରସପୂର୍ଣ୍ଣ, ହାଲୁକା ହୃଦୟର ନୋଟ୍ ଲେଖିଛନ୍ତି । ହସୁଛି କାରଣ ମୁଁ ଭାବୁନାହିଁ ଯେ ଏହା ଏତେ ଅଜବ ପୋଷାକ । ଏହି ଲୁକ୍ ପ୍ରକୃତରେ ବହୁତ ସୁନ୍ଦର ଏବଂ ଅଜବ, ସେ ମଙ୍ଗଳବାର ଇନଷ୍ଟାଗ୍ରାମରେ ଲେଖିଛନ୍ତି । ମୁଁ କେବଳ ତୁମର ନିଜସ୍ୱ ଶୈଳୀ ବ୍ୟବହାର କରିବାକୁ ସୁପାରିଶ କରୁଛି । ଏହା ପ୍ରକୃତରେ ମଜାଦାର ଏବଂ ଅଜବ । ମୋତେ ଭୋଟ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ।

ସୋମବାର, ସେ ଲସ୍ ଆଞ୍ଜେଲସର ଗ୍ରାମୀରେ ଅଲିଭିଆ ଡିନଙ୍କୁ ବର୍ଷର ନୂତନ କଳାକାର ପୁରସ୍କାର ପ୍ରଦାନ କରିଥିଲେ । ୨୦୨୪ ମସିହାରେ ଆର୍ଟିଷ୍ଟ ଅଫ୍ ଦି ଇୟର ଜିତିଥିବା ଚ଼ାପେଲ ରୋଆନ ଏକ ବୋଲ୍ଡ ମୁଗଲର ଗାଉନ ବାଛିଥିଲେ, ଏକ ଅଭିଲେଖାଗାର-ଅନୁପ୍ରାଣିତ ନଗ୍ନ ଡ୍ରେସ ଲୁକ୍ ଯାହା ନକଲି ନିପଲ ରିଙ୍ଗରେ ଗୁଡ଼ାଯାଇଥିବା ପରି ଦେଖାଯାଉଥିଲା ଏବଂ ଏକ ସ୍ୱଚ୍ଛସ୍ତର ଥିଲା । ସମାରୋହରେ ପହଞ୍ଚିବା ପରେ, ଇଣ୍ଟରନେଟ୍ ତାଙ୍କ ଡ୍ରେସକୁ ଟ୍ରୋଲ ଏବଂ ସମାଲୋଚ଼ନା କରିଥିଲେ । ଏହାକୁ ଘୃଣ୍ୟ, ଧ୍ୟାନ ଆକର୍ଷଣୀୟ ଏବଂ ନିମ୍ନ-ଶ୍ରେଣୀ ବୋଲି କହିଥିଲେ । ତଥାପି, ଅନେକ ତାଙ୍କର ସାହସୀ ଡ୍ରେସ ଏବଂ କାଳ୍ପନିକ ଫ୍ୟାଶନ୍ ଷ୍ଟେଟମେଣ୍ଟକୁ ପ୍ରଶଂସା କରିଥିଲେ, ଏହାକୁ ୨୦୦୦ ଗ୍ରାମି ପୁରସ୍କାରରେ ଜେନିଫର ଲୋପେଜଙ୍କ ପ୍ରତିଷ୍ଠିତ ଭର୍ସାସ୍ ଗାଉନ ସହିତ ତୁଳନା କରିଥିଲେ । ମିସୌରୀରେ ଜନ୍ମଗ୍ରହଣ କରିଥିବା କେଲି ରୋଜ୍ ଆମଷ୍ଟୁଟଜଙ୍କ ଜନ୍ମଗ୍ରହଣ କରିଥିବା ଚ଼ାପେଲ ରୋଆନ ଜଣେ ପ୍ରସିଦ୍ଧ ଆମେରିକୀୟ ଗାୟିକା-ଗୀତକାର, ତାଙ୍କର ନାଟ୍ୟ, ଡ୍ରାଗ୍-ପ୍ରେରିତ କ୍ୱିଅର ପପ୍ ସଙ୍ଗୀତ ପାଇଁ ଜଣାଶୁଣା । ତାଙ୍କର ୨୦୨୩ ମସିହାର ପ୍ରଥମ ଆଲବମ୍, ଦି ରାଇଜ୍ ଆଣ୍ଡ ଫଲ୍ ଅଫ୍ ଏ ମିଡୱେଷ୍ଟ ପ୍ରିନ୍ସେସ୍ ଏକ ପ୍ରମୁଖ ହିଟ୍ ହୋଇଥିଲା, ତା'ପରେ 'ଗୁଡ୍ ଲକ୍, ବେବ୍!' ପରି ହିଟ୍ ଆସିଥିଲା । ସେ ତାଙ୍କର କ୍ୟାମ୍ପି, ଉଚ୍ଚ-ଫ୍ୟାଶନ୍ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା ।

# ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ପ୍ରଧାନମନ୍ତ୍ରୀ ସଡ଼କ ମରଣଯନ୍ତା



**୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଯେଉଁ ଦେଶର ରାସ୍ତା ସୁନ୍ଦର ସେ ଦେଶ ସେତେ ଉନ୍ନତ । ଆମ ଭାରତର କେନ୍ଦ୍ର ତଥା ରାଜ୍ୟ ସରକାର ସହର ସହିତ ଗ୍ରାମ ସଂଯୋଗ ପାଇଁ କୋଟି କୋଟି ଟଙ୍କାର ପ୍ରଧାନମନ୍ତ୍ରୀ ସଡ଼କ ଏବଂ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ଯୋଜନା କରୁଛନ୍ତି ସତ ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ନିମ୍ନମାନର କାର୍ଯ୍ୟ ପାଇଁ ବର୍ଷେ ଦୁଇ ବର୍ଷ ମଧ୍ୟରେ ଖରାପ ହୋଇଯାଉଛି । ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ୧୮ନଂ ଜାତୀୟ ରାଜପଥର ଜରକା ଠାରୁ ବୈଦିପୁର୍ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିଲେ ମଧ୍ୟ ବିଭାଗ ଏହି ରାସ୍ତାର ମରାମତି କରିବାର ନାମ ଧରୁନଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଯାନ ବାହାନ ଚଳାଚଳରେ ବାଧା ଉପୁଜିଛି । ଏହି ରାସ୍ତାର ୭.୩୭୦କି ମି ରାସ୍ତା ତିଆରି ନିମନ୍ତେ ୨ କୋଟି୪୮ ଲକ୍ଷ ୮୮. ୯୬୪ ଲକ୍ଷ ଅର୍ଥ ମଞ୍ଜୁରୀ କରାଯାଇ ତା ୨୮.୧୧.୨୧ରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏବଂ ବିଧାୟକ ସନାତନ ବିଜୁଳିଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ବେଳେ ୨୦୨୨ ମସିହା ଜୁଲାଇ ମାସରେ ଶେଷ ହେବା ସହିତ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ହେବାର ଚୁକ୍ତି ରହିଛି । ମାତ୍ର ଏହି ରାସ୍ତା ମରାମତି ନହେବାରୁ ଏହା ସିଧାସଳଖ ବିଭାଗର ଅପାରଗତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଅର୍ଥ ଥାଇ ମଧ୍ୟ ଅବଧି ଶେଷ ହେବାକୁ ଆହୁରି ଦେଢ଼ ବର୍ଷ ରହିଥିବାବେଳେ ମରାମତି ନହେବା କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାସ୍ତାର ଅବସ୍ଥା ଏଭଳି ହୋଇଛି ଯେ ତାହା ନଦେଖିଲେ ବିଶ୍ୱାସ ହେବ ନାହିଁ । ଏହି ରାସ୍ତା ମରାମତି ହେବା ଠାରୁ ରକ୍ଷଣାବେକ୍ଷଣର ଅବଧି ଶେଷ ହେଉଥିବା ବେଳେ ବଡ଼ସାହି ବିଧାୟକ ତାଙ୍କର ୫ ବର୍ଷ ଅବଧି ଶେଷ କରି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ ମଧ୍ୟ ଏହି ଅଞ୍ଚଳ ଗସ୍ତ କରି ନାହାନ୍ତି କି ଏହି ରାସ୍ତାର ଅବସ୍ଥା ଦେଖି ନାହାନ୍ତି । ଉକ୍ତ ରାସ୍ତା ଦେଇ ସୁବର୍ଣ୍ଣରେଖା କେନାଲ ଯାଉଥିବା ବେଳେ ଓ ଏହି ରାସ୍ତା ଉପରେ କେନାଲ ନିମନ୍ତେ ଏକ ପୋଲ ନିର୍ମାଣ ରାସ୍ତା ଉପରେ ନିର୍ମିତ ହେବାକୁ ଥିବାରୁ ଏଥିପାଇଁ ଲୋକଙ୍କ ନିମନ୍ତେ ଓ ଯାନବାହାନ ଚଳାଚଳର ସୁବ୍ୟବସ୍ଥା ନିମନ୍ତେ କେନାଲ ବିଭାଗ ମଧ୍ୟ ଯତ୍ନବାନ ହେବା ଜରୁରୀ ଅଟେ । ଏତଦ ବ୍ୟତିତ ଏହି ରାସ୍ତା ଜାରକାରୁ ମେର୍ଦା ମଧ୍ୟରେ ମରାମତି ନସାରିବା ପୂର୍ବରୁ ଅବସ୍ଥା ଶୋଚନୀୟ ହୋଇ ପଡ଼ିଲାଣି, କଂକ୍ରିଟ ରାସ୍ତା ଉପରୁ ଲୋକଙ୍କ ଭରସା ତୁଟି ଗଲାଣି, କଂକ୍ରିଟ ଉଠି ରାସ୍ତା ଯାକ ଖାଲରେ ଭର୍ତ୍ତି ହେବାସହ ରାସ୍ତା ଉପରେ ହମ୍ପସ ନିର୍ମାଣ ଯୋଗୁ ଜରୁରିକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି, ବିଶେଷ ଭାବେ ୧୦୮ ଆମ୍ବୁଲାନ୍ସ ଓ ଦମକଳ ପାଇଁ ବିପଦ ସୃଷ୍ଟି କରୁଛି । ବିଭାଗୀୟ ଅଧିକାରୀଙ୍କ ନଜର ପଡୁନାହିଁ କି ରାଜନେତାଙ୍କ ଦୃଷ୍ଟି ମଧ୍ୟ ନପଡିବାରୁ ୫ଟି ପଞ୍ଚାୟତର ୫୦୦୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଓ ଏହି ରାସ୍ତା ଦେଇ ଚଳାଚଳ କରୁଥିବା ଯାତ୍ରୀବାହୀ ବସ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏତଦ ବ୍ୟତିତ ସାଇକେଲ ଯୋଗେ ଯିବା ଆସିବା କରୁଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଯଥାଶୀଘ୍ର ମରାମତି କରିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହେଉଛି ।

## ଆଜିର ରାଶିଫଳ

| ତାରିଖ | ବୁଧବାର– ତୃତୀୟା |
| --- | --- |
| ୪.୨.୨୦୨୬ | ନକ୍ଷତ୍ର– ପୂର୍ବାଫାଃ, ସିଂହଚନ୍ଦ୍ର |



| | | |
| --- | --- | --- |
| ମେଷ | : | ଚିନ୍ତା ବୃଦ୍ଧି ପାଇବ । |
| ବୃଷ | : | ଅଘଟଣ ଘଟିପାରେ । |
| ମିଥୁନ | : | ଦ୍ରବ୍ୟଲାଭ ଯୋଗ ରହିଛି । |
| କର୍କଟ | : | ଶୁଭକାର୍ଯ୍ୟରେ ବ୍ୟାଘାତ ଦେଖାଦେବ । |
| ସିଂହ | : | ବନ୍ଧୁଙ୍କ ସହଯୋଗ ବୃଦ୍ଧି ପାଇବ । |
| କନ୍ୟା | : | ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ତୁଳା | : | ବକେୟା ପଡ଼ିଥିବା ଅର୍ଥ ମିଳିବ । |
| ବିଛା | : | ଦିନଟି ସୁଖଶାନ୍ତିରେ କଟିବ । |
| ଧନୁ | : | ପାରିବାରିକ ସମସ୍ୟା ନେଇ ଦୁଃଖୀ ହେବେ । |
| ମକର | : | ଯାନବାହନରେ ଅଘଟଣ ଘଟିପାରେ । |
| କୁମ୍ଭ | : | ଅର୍ଥଲାଭ ଯୋଗ ରହିଛି । |
| ମୀନ | : | କର୍ମକ୍ଷେତ୍ରରେ ପଦୋନ୍ନତି ପାଇବେ । |

# ରାସ୍ତା କାମ ଅଧା କରି କଣ୍ଟ୍ରାକ୍ଟର ଛୁ'

**ଚାରିଛକ, ୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ପ୍ରାଚୀ ଡିଭିଜନ କୁଣ୍ଡେଇ ବାମପଟ କେନାଲ ବନ୍ଧର ପୁରୁଣା ଫାଣ୍ଡି ଛକ ବ୍ରହ୍ମକୁଣ୍ଡି–ଶ୍ରୀ କୋଇଲି ପର୍ଯ୍ୟନ୍ତ ୩ କି.ମି କେନାଲ ବନ୍ଧ ରାସ୍ତାର ଉନ୍ନତୀକରଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା । ଗତ ୨୦୨୩ ମସିହାରେ ରାସ୍ତାକାର୍ଯ୍ୟ ପାଇଁ ଟେଣ୍ଡର କରାଯାଇଥିଲା । ଦୁଇବର୍ଷ ପରେ ଅର୍ଥାତ ଅବଧି ସରିବାପରେ ୨୦୨୫ ଜାନୁୟାରୀ ୭ ତାରିଖରେ ଚାରିଛକ ଠାରେ ଉପ–ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉକ୍ତ



ରାସ୍ତା କାର୍ଯ୍ୟ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଶିଳାନ୍ୟାସର ୬ ମାସ ପରେ ଠିକାଦାର ରାସ୍ତା କାର୍ଯ୍ୟ ଆରମ୍ଭ କରିଥିଲେ, ମାତ୍ର କିଛି କାର୍ଯ୍ୟକରି କାମ ଅଧାରୁ ବନ୍ଦ କରି ପଳାଇଥିବା ଜଣାପଡିଛି । ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ନିମନ୍ତେ ରାସ୍ତା ପାର୍ଶ୍ୱରେ ଥିବା ୩ ଶହରୁ ଉର୍ଦ୍ଧ୍ୱ ଫଳନ୍ତି ନଡିଆ ଗଛକୁ କଟାଯାଇଥିବା ବେଳେ ରାସ୍ତା କଡରେ ଗଛ ମୂଳସବୁ ଅଧା ଖୋଳା ହୋଇ ରାସ୍ତା ସାରା ଖାଲ ଖମା ହୋଇ ପଡିରହିଛି । ଏହି ରାସ୍ତା ଦେଇ ଯାତାୟତ କରୁଥିବା ବିଭିନ୍ନ ଗ୍ରାମ ବ୍ରହ୍ମକୁଣ୍ଡି ଦଣ୍ଡିକିରା, ଶ୍ରୀକୋଇଲି, ଜଳଛତ୍ର, ସଇଦାବାଦ, ତେନ୍ତୁଳିଗୁଆଁ, କଦଳୀବାରି ଆଦି ଗ୍ରାମର ଜନସାଧାରଣ, ଛାତ୍ରଛାତ୍ରୀ, ଯାନ ବାହାନ, ଆମ୍ବୁଲାନ୍ସ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗପରେ ବିଭାଗୀୟ ଅଧିକାରୀ ତରବରିଆ ଭାବେ କେବଳ ଲୋକମାନଙ୍କ ମନ ବୁଝିବାକୁ ବାଲି, ମୋରମ ପକାଇ ରାସ୍ତା ମରାମତି କରିଥିଲେ । ତେବେ ରାସ୍ତା ଉପରେ ପକାଯାଇଥିବା ବାଲିଗୋଡି ଉଠି ପୁଣି ପାଲଟିଛି ମରଣଯନ୍ତା । ବର୍ଷାଦିନ ପୂର୍ବରୁ ତୁରନ୍ତ ରାସ୍ତାକାର୍ଯ୍ୟ ଶେଷ କରିବାକୁ ସ୍ଥାନୀୟ ଲୋକମାନେ ଦାବୀ କରିଛନ୍ତି ।

# ଟ୍ରକ ଓଲଟି ଚାଳକ ଓ ହେଲପର ଆହତ

**ବାଲିଅନ୍ତା, ୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ବ୍ଲକ ବଇଁତୁଆ ସ୍ଥିତ ନିର୍ମାଣାଧୀନ ଧନୁଆ ବ୍ରିଜ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଓଲଟି ପଡିବାରୁ ଘଟଣାସ୍ଥଳରେ ଟ୍ରକ ଚାଳକ ଓ ହେଲପର ଗୁରୁତର ଆହତ ହୋଇଛନ୍ତି । ବ୍ରିଜ ଠିକା ସଂସ୍ଥା କର୍ମଚାରୀ ଚିକିତ୍ସା ନେଇ ଉଭୟଙ୍କୁ ହସ୍ପିଟାଲ ନେଇଥିଲେ । ସୂଚନା ଅନୁସାରେ ୨ ବର୍ଷ ହେଲା ବଇଁତୁଆ ପଞ୍ଚାୟତ ଧବଳାହାର ନିକଟରେ ଧନୁଆ– କୁଶଭଦ୍ରା ନଦୀ ସଂଯୋଗ ସ୍ଥଳରେ ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲିଛି । ସୋମବାର ଉକ୍ତ ଟ୍ରକ ସିମେଣ୍ଟ ନେଇ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ଓଲଟି ପଡିଥିଲା । ବାଲିଅନ୍ତା ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଜବତ କରିବା ସହ ଜଣେ ଠିକା ସଂସ୍ଥା କର୍ମଚାରୀଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି ।

## ବାସୁଦେବ ପରିଡ଼ା ମୃତ୍ୟୁ ଘଟଣା

# ମୁଖ୍ୟ ଅଭିଯୁକ୍ତ ସହ ୪ ଗିରଫ

**ଖୋର୍ଦ୍ଧା, ୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବେଗୁନିଆ ଥାନା ଅନ୍ତର୍ଗତ ଦଲକ ରାସ୍ତାରେ ଗତ ୧୯ତାରିଖ ସନ୍ଧ୍ୟାରେ ଗୁଳିମାଡରେ ଖଣି ବ୍ୟବସାୟୀ ଜାମୁସାହିର ବାସୁଦେବ ପରିଡା ଓରଫ୍ ଟୁଟୁ ହତ୍ୟା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ୪ଜଣଙ୍କୁ ଗିରଫ କରିଛି । ଗୁଳିମାଡର କାରଣ ଖଣି ବ୍ୟବସାୟିକ ଶତ୍ରୁତା ବୋଲି ପୁଲିସ କହିଛି । ପ୍ରକାଶ ଥାଉକି, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ୧୯ ତାରିଖ ସକାଳେ କିଛି ସ୍ଥାନୀୟ ଲୋକ ତାଙ୍କ ପରିବାରକୁ ଧମକ ଦେଇଥିଲେ । ସେହି ଦିନ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ଅଭିଯୁକ୍ତମାନଙ୍କ ଦ୍ୱାରା ଦଲକ ରୋଡରେ ଟୁଟୁଙ୍କୁ ଗୁଳିକରି ନିର୍ମମ ଭାବେ ହତ୍ୟା କରାଯାଇଥିଲା । ମୃତକଙ୍କ ଦେହରେ ୩ ରାଉଣ୍ଡ ଗୁଳି ମାଡ଼ ହୋଇଥିଲା । ଘଟଣାସ୍ଥଳରୁ ଗୋଟିଏ ବୁଲେଟ୍ ମୋଟରସାଇକେଲ ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ମୃତକଙ୍କ ସ୍ତ୍ରୀ ସଲିଳା ପରିଡାଙ୍କ ଅଭିଯୋଗ ଉପରେ ବେଗୁନିଆ ପୁଲିସ ୩୪/୨୬ ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ୩ଟି ଟିମ୍ ଗଠନ କରି ବିଭିନ୍ନ ଅଞ୍ଚଳରେ ଚଢଉ କରିଥିଲେ । ଗୟାବନ୍ଧ ଜଙ୍ଗଲରେ ଲୁଚିଥିବା ସେହି ଗ୍ରାମର ଅଜୟ ଭୁଜବଳ (୩୪), ଜ୍ଞାନରଞ୍ଜନ ପ୍ରଧାନ (୩୪), ମାନସ ସୁବୁଦ୍ଧି (୩୩) ଏବଂ କାର୍ତ୍ତିକ ଭୁଜବଳ (୩୬)କୁ ପୁଲିସ ଗିରଫ କରିଛି । ସେମାନଙ୍କ ଠାରୁ ପୁଲିସ୍ ଦୁଇଟି ବାଇକ୍, ୨ଟି ଖୋକା ଏବଂ ମୃତଦେହରୁ ଦୁଇଟି ଗୁଳିକୁ ଜବତ କରିଛି । ଅଭିଯୁକ୍ତମାନେ ଏକ ଖଣି କାରବାରରେ ବ୍ୟବସାୟକୁ କେନ୍ଦ୍ର କରି ମୃତ ବାସୁଦେବ ପରିଡ଼ା ସହ ଶତ୍ରୁତା କରୁଥିଲେ । ପୂର୍ବରୁ ସେମାନଙ୍କର ମଧ୍ୟ ଶତ୍ରୁତା ଲାଗି ରହିଥିଲା ବୋଲି ଖୋର୍ଦ୍ଧା ଏସ୍‌ପି ଶ୍ରୀ ଶର୍ମା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ବୁଦାମୂଳରୁ ନବଜାତ ଶିଶୁ ଉଦ୍ଧାର

**ପାଲଲହଡ଼ା, ୨।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ପାଲଲହଡା ଥାନା ଅନ୍ତର୍ଗତ ଚଷାଗୁରୁଜାଙ୍ଗ ଗ୍ରାମ ଖେଳପଡିଆ ନିକଟରେ ଅଭାବନୀୟ ଘଟଣା ଘଟିଛି । ଏକ ବୁଦା ମୂଳରୁ ଏକ ନବଜାତ ପୁତ୍ରର ମୃତଦେହ ଉଦ୍ଧାର ହୋଇଛି । ଛୁଆଟି କାନ୍ଦିବା ପରେ ଲୋକେ ଦେଖି ପ୍ରଶାସନକୁ ଖବର ଦେଇଥିଲେ । ସ୍ଥାନୀୟ ଲୋକେ ପ୍ରଥମେ ଶିଶୁପୁତ୍ରର କାନ୍ଦ ଶୁଣିଥିଲେ । ଶିଶୁପୁତ୍ରଟି ଖେଳ ପଡିଆ ନିକଟ ଏକ ବୁଦାମୂଳରେ ପଡ଼ିଥିବା ଦେଖି ନବଜାତଟିକୁ ଉଦ୍ଧାର କରିବା ସହ ସ୍ଥାନୀୟ ପ୍ରଶାସନକୁ ଖବର ଦେଇଥିଲେ ଛ ପରେ ପାଲଲହଡା ସିଡିପିଓ, ପୁଲିସ ଏବଂ ଏକ ଟିମ ଗାଁରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଶିଶୁ ପୁତ୍ରଟିକୁ ପାଲଲହଡା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ଠିକ ରହିଥିବାର ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ କୁହାଯାଇଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଚଳାଇଛି ।

# ଆବାସ ପାଇବାରୁ ବଞ୍ଚିତ ଗୁଡ଼ିସାହିର ସତ୍ୟବତୀ

**ଢେଙ୍କାନାଳ, ୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଲୋକଙ୍କ ସରକାର କହି ଏଇ ସରକାର ଡିଣ୍ଡିମ ପିଟୁଥିବାବେଳେ ବାସ୍ତବରେ କିନ୍ତୁ ଲୋକଙ୍କ ପାଖରେ ସରକାର ପହଞ୍ଚି ପାରୁନାହିଁ କି ଲୋକଙ୍କ ସମସ୍ୟାର ସମାଧାନ କରିପାରୁନାହିଁ । ଏହାର ଜ୍ୱଳନ୍ତ ଉଦାହରଣ ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ପାଟଲା ପଞ୍ଚାୟତ ଅନ୍ତର୍ଗତ ପାଟଲା ଗୁଡିସାହିରେ ଦେଖିବାକୁ ମିଳିଛି ।

ସୂଚନା ଅନୁଯାୟୀ ଗୁଡ଼ିସାହିର ସତ୍ୟବତୀ ସାହୁ (୫୫) ଆବାସ ପାଇବାରୁ ବଞ୍ଚିତ ହୋଇଛନ୍ତି । ପରିବାର ସହ ଭଙ୍ଗାରୁଜା ବିପଦପୂର୍ଣ୍ଣ ଘରେ ଜୀବନ କାଟୁଛନ୍ତି । ରହୁଥିବା ଘରେ ଦିନରେ ସୂର୍ଯ୍ୟ ଏବଂ ରାତିରେ ତାରାର ଆଲୋକ ଦେଖିବାକୁ ପଡୁଛି । ଏପରି ଦୟନୀୟ ଅବସ୍ଥାରେ ଜୀବନ କାଟୁଥିଲେ ମଧ୍ୟ



ସରପଞ୍ଚ, ପଞ୍ଚାୟତ ଅଧିକାରୀ ଓ ବିଡ଼ିଓଙ୍କ ନଜର ଆଜିପର୍ଯ୍ୟନ୍ତ ପଡୁନାହିଁ। ଆବାସଟିଏ ପାଇଁ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କୁ ସତ୍ୟବତୀ ବାରମ୍ବାର ଗୁହାରି କରିବାରେ ଆବାସ ପାଇବାକୁ ହେଲେ ହାତଗୁଞ୍ଜା ଦେବାକୁ ପଡ଼ିବ ବୋଲି କହିଥିବାର ଏକ ସାଂଘାତିକ ଅଭିଯୋଗ ସତ୍ୟବତୀ ସେମାନଙ୍କ ନାମରେ ଆଣିଛନ୍ତି । ସତ୍ୟବତୀଙ୍କର ସ୍ୱାମୀ ଜଣେ କିଡନୀ ରୋଗୀ ହୋଇଥିବାବେଳେ ସେମାନଙ୍କର ୬ଟି ପିଲାଙ୍କ ମଧ୍ୟରୁ ତିନୋଟି ପିଲା ୯୦ ଭାଗରୁ ଅଧିକ ବିକଳାଙ୍ଗ ଅଟନ୍ତି । ସରକାରଙ୍କ ନିୟମାନୁଯାୟୀ ସେମାନେ ବର୍ଦ୍ଧିତ ଭତ୍ତା ପାଇବାର ହକଦାର ଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସେ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଅଛନ୍ତି । ପାଉଥିବା ଭତ୍ତା ମଧ୍ୟ ସଠିକ୍ ଭାବରେ ତାଙ୍କୁ ଦିଆଯାଉନଥିବାର ମଧ୍ୟ ସେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ଦୃଢ଼ ନିନ୍ଦା କରାଯାଇଛି । ଏପରି ଅଭିଯୋଗଗୁଡିକ ସମ୍ପର୍କରେ ଆମେ ପାଟଲା ପଞ୍ଚାୟତ ଅଧିକାରୀ ରଞ୍ଜନ ସେଠୀଙ୍କୁ ଯୋଗାଯୋଗ କରିବାରେ ସେ ଘର ପାଇବାକୁ ଯୋଗ୍ୟ ବୋଲି କହିବା ସହ ଟଙ୍କା ମାଗିବା ଅଭିଯୋଗକୁ ଭିତ୍ତିହୀନ ବୋଲି କହିଥିଲେ । ସରପଞ୍ଚଙ୍କ ସହ ଆମେ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇପାରିନଥିଲା । ସତ୍ୟବତୀ ଆଣିଥିବା ଅଭିଯୋଗ ଗୁଡ଼ିକର ତଦନ୍ତ କରାଯାଇ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ସହ ଘଟଣାରେ ସଂପୃକ୍ତ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବିଦ୍ୟୁତ ଖୁଣ୍ଟରେ ଧକ୍କା ହୋଇ ବାଇକ ଆରୋହୀ ଗୁରୁତର

**ବାଲିଅନ୍ତା, ୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଳକାଟି– ବାଲିଅନ୍ତା ପୂର୍ତ୍ତ ବିଭାଗ ରାସ୍ତାର ହୀରାପୁର ନୀଳମାଧବ ମନ୍ଦିର ନିକଟରେ ସୋମବାର ଅପରାହ୍ନରେ ବିଦ୍ୟୁତ ଖୁଣ୍ଟରେ ବାଇକ ପିଟି ହୋଇ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଆହତ ଯୁବକ ହେଲେ ବାଳକାଟି ଫାଣ୍ଡି ଅଧୀନ ପଣସପାଟଣା ଗ୍ରାମର ସୁନୀଲ କୁମାର ସାହୁ (୨୫) । ସୁନୀଲଙ୍କ ଗୋଡ଼ ଭାଙ୍ଗି ଯାଇଥିଲା ବେଳେ ଶରୀରରେ ଗଭୀର ଆଘାତ ଲାଗିଛି । ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଡକାଇ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ । ବାଇକ ଧକ୍କାରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ଯାଇଥିଲା । ଖବର ପାଇ ବିଦ୍ୟୁତ କର୍ମଚାରୀ ପହଞ୍ଚି ବିଦ୍ୟୁତ ସଂଯୋଗ କରିବା ପରେ ସରବରାହ ସ୍ୱାଭାବିକ ହୋଇଥିଲା । ସୂଚନା ଅନୁସାରେ ଅପରାହ୍ନ ୩ଟା ସମୟରେ ସୁନୀଲ ଓ ଅନ୍ୟ ଜଣେ ଯୁବକ ବାଇକରେ ଭୁବନେଶ୍ୱରରୁ ଆସୁଥିବା ବେଳେ ନିୟନ୍ତ୍ରଣ ହରାଇ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇଯାଇଥିଲେ ।

# ରାସ୍ତା ପାର୍ଶ୍ୱରୁ ବିଦ୍ୟୁତ ଖୁଣ୍ଟ ନ ହଟିବାରୁ ବଢୁଛି ଦୁର୍ଘଟଣା

**ଚାରିଛକ, ୩।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡା–ଅସ୍ତରଙ୍ଗ ରାସ୍ତାକାର୍ଯ୍ୟ ଗତ ୪ବର୍ଷ ତଳୁ ସରିଥିଲେ ସୁଦ୍ଧା ରାସ୍ତା ପାର୍ଶ୍ୱରେ ଥିବା ପୁରୁଣା ବିଦ୍ୟୁତ ଖୁଣ୍ଟଗୁଡିକ ଆଜି ପର୍ଯ୍ୟନ୍ତ ସ୍ଥାନାନ୍ତର ନହେବା ଫଳରେ ଦିନକୁ ଦିନ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି ।



ନିମାପଡା ପୂର୍ତ୍ତ ବିଭାଗ ତରଫରୁ ରାସ୍ତା ସଂପ୍ରସାରଣ ସମୟରେ ବିଦ୍ୟୁତ ବିଭାଗକୁ ଖୁଣ୍ଟି ସଂପ୍ରସାରଣ ପାଇଁ ଜଣାଇ ଦିଆଯାଇଥିଲେ ସୁଧା ବିଦ୍ୟୁତ ବିଭାଗ ଖାମଖିଆଲ କରି ରାସ୍ତା ପାର୍ଶ୍ୱରୁ ବିଦ୍ୟୁତ ଖୁଣ୍ଟ ସବୁ ସଂପ୍ରସାରଣ କଲେ ନାହିଁ । ଯାହା ଫଳରେ ପ୍ରତ୍ୟେକ ଦିନ ରାସ୍ତା ପାର୍ଶ୍ୱରେ ଥିବା ଖୁଣ୍ଟ ସହିତ ଯାନବାହାନ ଦୁର୍ଘଟଣା ଘଟି ଧନ ଜୀବନ ହାନୀ ଘଟୁଥିବା ଜଣାପଡିଛି । ଅନେକ ସମୟରେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଆଳ ଦେଖାଇ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ କରିବା ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପ୍ରକାଶ ଥାଉକି ରବିବାର ବିଳମ୍ବିତ ରାତିରେ ନିମାପଡା–କାକଟପୁର ରାସ୍ତାର ତୁଳସୀପୁର ଛକ ନିକଟରେ ବିଦ୍ୟୁତ ଖୁଣ୍ଟରେ ଏକ କାର ଧକ୍କା ଦେବା ଫଳରେ ୨ଜଣ କାର ଆରୋହୀ ଗୁରୁତର ହୋଇ ଚିକିତ୍ସାଧିନ ଥିବା ଜଣାପଡିଛି । ଯାହା ଫଳରେ ଦୀର୍ଘ ୧୨ ଘଣ୍ଟାଧରି ବିଦ୍ୟୁତ ସେବା ବ୍ୟାଘାତ ହେବାରୁ ଜନସାଧାରଣ ନାନା ପ୍ରକାର ଅସୁବିଧାର ସମ୍ମୁଖିନ ହୋଇଥିଲେ । ତୁରନ୍ତ ରାସ୍ତାକଡରେ ଥିବା ପୁରୁଣା ବିଦ୍ୟୁତ ଖୁଣ୍ଟ ସବୁ ହଟାଇବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି ।

# ମେଡିକାଲ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ

**ମାହାଙ୍ଗା, ୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ଥାନା ଅନ୍ତର୍ଗତ କୁମୁଡାଜୟପୁର ଫାଣ୍ଡି ଅଧିନ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବେ ଅସୁରକ୍ଷିତ ହୋଇ ପଡିଛି । ସୁରକ୍ଷା ଅଭାବରୁ କେତେବେଳେ ଡାକ୍ତର ତ କେତେବେଳେ କର୍ମଚାରୀମାନେ ଆକ୍ରୋଶ ସହ ଆକ୍ରମଣର ଶିକାର ହେଉଥିବା ନେଇ ଥାନାରେ ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲେ ମଧ୍ୟ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀମାନେ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛନ୍ତି । ମଧୁପୁର ଗ୍ରାମର ନିହାର ରଞ୍ଜନ ସାହାଣି ମଧ୍ୟାହ୍ନରେ ଚିକିତ୍ସିତ ହେବା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ । ଡାକ୍ତରଙ୍କ ପରୀକ୍ଷା ପରେ ତାଙ୍କୁ ଏକ ଇଞ୍ଜେକସନ ଦେବା ନିମନ୍ତେ ପରାମର୍ଶ ଦେଇଥିଲେ । ଏହି ସମୟରେ କାର୍ଯ୍ୟରତ ଷ୍ଟାଫନର୍ସ ଏବଂ କେତେକ କର୍ମଚାରୀ ଏହି ବ୍ୟକ୍ତିଙ୍କୁ ଇଞ୍ଜେକସନ ଦେବାକୁ ପ୍ରୟାସ କରୁଥିବା ସମୟରେ ରୋଗୀଙ୍କ ସାଙ୍ଗରେ ଯାଇଥିବା କିଛି ବ୍ୟକ୍ତି କାହିଁକି ଇଞ୍ଜେକସନ ଦେଉଛ କହି ଗାଳିଗୁଲଜ କରିଥିଲେ । ଡାକ୍ତରଙ୍କ ଚିଠା ମୁତାବକ ଆମେ ଏହି ରୋଗୀକୁ ଇଞ୍ଜେକସନ ଦେଉଅଛୁ ଆପଣମାନେ କାହିଁକି ବିରୋଧ କରୁଛନ୍ତ । ଏହି କଥା ଶୁଣି ରୋଗୀ ନିହାର ରଞ୍ଜନ ଆଟେଣ୍ଡାଣ୍ଟ ସୁକାନ୍ତ ବେହେରାଙ୍କ ବେକୁ ଧରି ଆକ୍ରମଣ କରିଥିଲେ । ଏହି ସମୟରେ ଷ୍ଟାଫନର୍ସ ଜଣକ ଡାକ ପକାଇବାରୁ ଲ୍ୟାବ ଟେକ୍ନିସିଆନ ରଞ୍ଜିତ କୁମାର ମହାନ୍ତି ରୋଗୀ ୱାର୍ଡରେ ପହଞ୍ଚି ଆଟେଣ୍ଡାଣ୍ଟ ବେହେରାଙ୍କୁ ତାଙ୍କ କବଳରୁ ଛଡାଉଥିବା ବେଳେ ରୋଗୀଙ୍କ ସହିତ ଯାଇଥିବା ତାଙ୍କ ସମ୍ପର୍କୀୟ ସାଥିମାନେ ସଂଘବଦ୍ଧ ଭାବେ ଟେକ୍ନିସିଆନ ଶ୍ରୀ ମହାନ୍ତିଙ୍କ ପଛରୁ ବିଧା, ଗୋଇଠା ମାରି ଆକ୍ରମଣ କରି ଲହୁଲୁହାଣ କରିଥିଲେ । କିଛି ସମୟ ପାଇଁ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ଆକ୍ରମଣରେ ଶ୍ରୀ ମହାନ୍ତିଙ୍କ କାନରୁ ରକ୍ତ ବାହାରିବା ସହ ପେଟ, ପିଠି, ଗୋଡ ଓ ଛାତି ଆଦିରେ ଆଘାତ ଲାଗିବାରୁ ସେ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ଏବଂ ତାଙ୍କୁ ଜୀବନରୁ ମାରି ଦେବାକୁ ଆକ୍ରମରକାରୀମାନେ ଧମକ ଦେଇଥିବା ନେଇ ସେ କୁମୁଡା ଜୟପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ଏ ନେଇ ଫାଣ୍ଡି ଅଧିକାରୀ ବିଦ୍ୟାଧର ମଲିକଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ପାଇଛି ବୋଲି କହିଥିଲେ । ତେବେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ମାସରେ ଜଣେ କାର୍ଯ୍ୟରତ ଡାକ୍ତରଙ୍କୁ ସ୍ଥାନୀୟ ଅଞ୍ଚଳର ଜୈନିକ ଯୁବକ ଗାଳିଗୁଲଜ କରି ଆକ୍ରମଣ କରିଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିବାବେଳେ ଆସାମୀକୁ ପୋଲିସ ଧରିବାରେ ସକ୍ଷମ ହୋଇନାହିଁ । ମେଡିକାଲରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକ ମୁତାବକ ସୁରକ୍ଷା କର୍ମୀ ଓ କର୍ମଚାରୀ ନିଯୁକ୍ତ କରୁନଥିବାରୁ କାର୍ଯ୍ୟରତ ଡାକ୍ତର ଓ କର୍ମଚାରୀ ମାନେ ଅନେକ ସମୟରେ ଆକ୍ରମଣର ଶିକାର ହେଉଛନ୍ତି । ସୁରକ୍ଷା ବ୍ୟବସ୍ଥା କଡାକଡି ସହ ଆକ୍ରମଣକାରୀମାନଙ୍କୁ ତୁରନ୍ତ ପୋଲିସ ଗିରଫ ନ କଲେ ଆଗାମୀ ଦିନରେ ସମୂହ ଡାକ୍ତର ଓ କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ମେଡିକାଲ ଭାରପ୍ରାପ୍ତ ଅଧିକାରୀ ଅବିନାଶ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ନିମ୍ନମାନର ରାସ୍ତାକାମ କରି ଅର୍ଥ ହରିଲୁଟ୍ !

**ଢେଙ୍କାନାଳ, ୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଦୁର୍ନୀତି ଏବେ ଚରମାସୀମାରେ ପହଞ୍ଚିଲାଣି । କିଛି ପ୍ରଭାବଶାଳୀ ଜନପ୍ରତିନିଧି ଓ ସରକାରୀ ଅଧିକାରୀଙ୍କୁ ହାତବାରିସୀ କରି ଠିକାଦାରମାନେ ଲୁଟିବାରେ ଲାଗିଛନ୍ତି ହିନ୍ଦୋଳ ନିର୍ବାଚନମଣ୍ଡଳୀକୁ । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ହିନ୍ଦୋଳ ବ୍ଲକରେ ମାଳମାଳ ।



ସୂଚନା ଅନୁଯାୟୀ ହିନ୍ଦୋଳ ବ୍ଲକ୍ ମହାଲୁଣ୍ଡା ପଞ୍ଚାୟତରେ ନିର୍ମାଣ ହେଉଥିବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର କାର୍ଯ୍ୟ କରସାହି ଠାରୁ ଭାୟା କୃଷ୍ଣଚନ୍ଦ୍ରପୁର ଦେଇ ମହାଲୁଣ୍ଡା ପର୍ଯ୍ୟନ୍ତ ପିଚୁ ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହୋଇଛି। କାର୍ଯ୍ୟ ହେବାର ମାତ୍ର ଛଅ ଦିନ ହୋଇଛି କି ନାହିଁ ପିଚୁ ଛେଲା ଛେଲା ହୋଇ ଉପରକୁ ଉଠିଯାଉଛି। ଏହା ପୂର୍ବରୁ ହିନ୍ଦୋଳରୁ କା ଭାୟା କରାବିରା ନୂଆକୋଟ ରାସ୍ତା ମଧ୍ୟ ଦୁଇଦିନ ମଧ୍ୟରେ ଉଠିଯାଇଥିବାର ଅଭିଯୋଗ ହୋଇଥିଲା । ରାସ୍ତା ମଝିରେ ଯେଉଁଠାରେ କଂକ୍ରିଟ୍ ନିର୍ମାଣ ହୋଇଥିଲା। ତାହା ମଧ୍ୟ ଫାଟି ମାନଚିତ୍ର ପାଲଟିଯାଇଛି । ତେବେ ସରକାରୀ ଅର୍ଥକୁ ସଠିକ୍ ଉପାୟରେ ବ୍ୟବହାର କରାନଯାଇ ଏପରି ନିମ୍ନମାନର କାର୍ଯ୍ୟ କରି ଅର୍ଥ ହରିଲୁଟ୍ କରୁଥିବାର ଅଭିଯୋଗ ହେଉଛି । ଯାହାକୁ ନେଇ ସାଧାରଣରେ ଏବଂ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଯଦି ଆଗାମୀଦିନରେ ଏଥିରେ କିଛି ସୁଧାର ନଆସେ ତେବେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

# ଟୁରିଷ୍ଟଙ୍କୁ ନିମାପଡ଼ାରେ ଅଟକିବା ମନା

**ନିମାପଡ଼ା, ୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**




ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ ତଥା ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ରାଜ୍ୟ ସରକାର କୋଟିକୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ବେଳେ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବିଭାଗରେ ବହୁମାତ୍ରାରେ ବିକାଶମୂଳକ କାର୍ଯ୍ୟ ଚାଲିଛି । ପର୍ଯ୍ୟଟକମାନେ ଆମ ଅଞ୍ଚଳକୁ ଆସିଲେ ଅଞ୍ଚଳର ବିକାଶ ହେବାସହ ଜିଲ୍ଲା, ରାଜ୍ୟର ମଧ୍ୟ ଉନ୍ନତି ହେବ ବୋଲି ଲକ୍ଷ୍ୟ ରଖାଯାଇଛି । ସେଥିପାଇଁ ରାସ୍ତାଘାଟ ସଫାସୁତୁରା ସାଙ୍ଗକୁ ଆଲୋକୀକରଣ କରାଯାଇଛି । କିନ୍ତୁ ନିମାପଡ଼ାରେ ପ୍ରଶାସନିକ ଅଧିକାରୀ ମାନଙ୍କ ମନମାନି, ଦୂରଦୃଷ୍ଟିର ଅଭାବ ସାଙ୍ଗକୁ ଅସହଯୋଗ ମନୋଭାବ ଯୋଗୁଁ ବିକାଶ କେବଳ କଥାରେ ସୀମିତ ରହିଗଲା ଭଳି ଲାଗୁଛି । ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ପରିବର୍ତ୍ତେ ସେମାନଙ୍କୁ ଅଞ୍ଚଳରେ ଅଟକିବାକୁ ଦିଆଯାଉ ନଥିବାର ଅଭିଯୋଗ ହୋଇଛି । ଭୁବନେଶ୍ୱର, କଟକରୁ କୋଣାର୍କ, କାକଟପୁର ଆସୁଥିବା ପର୍ଯ୍ୟଟକମାନେ ସାମଗ୍ରୀ କିଣାକିଣି ପାଇଁ ବିଶେଷକରି ନିମାପଡ଼ା ଉପରେ ନିର୍ଭର କରିଥାନ୍ତି । ନିମାପଡ଼ା ମୁଖ୍ୟ ରାସ୍ତାର ନୂଆବସଷ୍ଟାଣ୍ଡ ଠାରୁ କୁଶଭଦ୍ରା ନଦୀ ପର୍ଯ୍ୟନ୍ତ ଦୀର୍ଘ ୨କିମି ରାସ୍ତାରେ ଟ୍ରାଫିକ ସମସ୍ୟା ଦର୍ଶାଇ ସେମାନଙ୍କୁ ଅଟକିବାକୁ ବାରଣ କରାଯାଉଛି । ପୋଲିସ, ଏନଏସି କର୍ମଚାରୀ ରାସ୍ତାକଡ଼ରେ ଟୁରିଷ୍ଟ ଗାଡ଼ିକୁ ମୁହୂର୍ତ୍ତକ ପାଇଁ ରଖାଇ ଦେଉ ନାହାନ୍ତି । ଅନ୍ୟପଟରେ ଏହି ୨କିମି ରାସ୍ତାରେ ପାର୍କିଂର ସୁବିଧା ନଥିବାରୁ ଆମେ ବାଧହୋଇ ଟୁରିଷ୍ଟ ଗାଡ଼ିକୁ ଅଟକିବା ପାଇଁ ସୁଯୋଗ ଦେଇପାରୁନୁ ବୋଲି ଅଧିକାରୀମାନେ ସଫେଇ ଦେଇଛନ୍ତି । ଦିନସାରା ଆମେ କେବଳ ଦୋକାନରେ ବସି ରାସ୍ତାରେ ଯାତାୟାତ କରୁଥିବା ଶହଶହ ଗାଡ଼ି ଦେଖୁଛୁ, ଟୁରିଷ୍ଟ ଗାଡ଼ି ରହୁନି ବ୍ୟବସାୟ ଆମର ହୋଇପାରୁନି ବୋଲି ରାସ୍ତାକଡ଼ ବ୍ୟବସାୟୀ ମାନେ ଅଭିଯୋଗ କରିଛନ୍ତି ।

ପ୍ରକାଶଥାଉ କି ପର୍ଯ୍ୟଟନ ଶିଳ୍ପ ସମେତ ଅଞ୍ଚଳର ବିକାଶ ନିମନ୍ତେ ବର୍ଷକତଳେ ଓଡ଼ିଶା ସରକାର ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମିଳିତ ସହଯୋଗରେ ପ୍ରଥମ ଥରପାଇଁ ଓଡ଼ିଶାରେ ଆୟୋଜନ ହୋଇଥିଲା ପ୍ରବାସୀ ଭାରତୀୟ ସମ୍ମେଳନ । ପ୍ରବାସୀ ଭାରତୀୟଙ୍କୁ ରାଜ୍ୟରେ ରାଜକୀୟ ଆତିଥ୍ୟ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଆହ୍ୱାନ ଜଣାଇ ଥିବାବେଳେ ଏହାର ମଙ୍ଗ ଧରିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । କାକଟପୁର ମା' ମଙ୍ଗଳା ପୀଠ, କୋଣାର୍କ ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ଆଦି ସ୍ଥାନକୁ ପର୍ଯ୍ୟଟକମାନେ ବୁଲିବା ନିମନ୍ତେ ନିମାପଡ଼ା ମୁଖ୍ୟରାସ୍ତା ମଧଦେଇ ଯିବାକୁ ଥିବାରୁ ନିମାପଡ଼ାର ଏନଏସି ପ୍ରବେଶ ପଥ ଅଲଣ୍ଡି ଛକଠାରୁ କୁଶଭଦ୍ରା ନଦୀ ବ୍ରିଜ ପର୍ଯ୍ୟନ୍ତ ଅତ୍ୟନ୍ତ ଉଚ୍ଚକୋଟୀର ଆଲୋକମାଳାରେ ସଜ୍ଜିତ କରାଯାଇଥିଲା । ତେବେ ସେ ସମୟରେ ପାର୍କିଂ ପାଇଁ ଦୃଷ୍ଟି ଦିଆଗଲା ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛ । ନିମାପଡ଼ା ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାପାଇଁ ବ୍ୟବସାୟୀମାନେ ଅନୁରୋଧ କରିଛନ୍ତି ।

ସରକାରଙ୍କ ଯୁକ୍ତି ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ମାନଦଣ୍ଡ ସହିତ ତମାଖୁ ଟିକସ ଆଣିବା ଆବଶ୍ୟକ ଥିଲା । ଏହା ସହିତ ସରକାର ଏହାର କ୍ଷତିକାରକ ପ୍ରଭାବକୁ ହ୍ରାସ କରିବା ପାଇଁ ଲୋକଙ୍କୁ ଧୂମପାନରୁ ନିରୁତ୍ସାହିତ କରିବାର ଲକ୍ଷ୍ୟ ରଖିଛନ୍ତି । ସେହିକାରଣରୁ କୁଆଡ଼େ ଦର ବୃଦ୍ଧି କରାଯାଇଛି । ଏହାର ପରୋକ୍ଷ ପ୍ରଭାବରେ– ଯେଉଁମାନେ ସହଜରେ ସିଗାରେଟ୍ କିଣିପାରୁଥିଲେ ସେମାନେ କିଣିପାରିବେନି କିମ୍ବା କମ୍ ସଂଖ୍ୟକ କିଣିବେ । ସିଗାରେଟ୍ ଟାଣିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ବୋଲି ସରକାର ବେଶ୍ ଜାଣନ୍ତି । ତେଣୁ ପରୋକ୍ଷ ଭାବରେ ଏହା ଏକ ଉତ୍ତମ ପଦକ୍ଷେପ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୪ ଫେବୃଆରୀ, ୨୦୨୬ | ବୁଧବାର

ଓଡ଼ିଶା ଏକ୍ସପ୍ରେସ୍


## ପରୋକ୍ଷ ପ୍ରଭାବ

ଆମ ଦେଶରେ ପରୋକ୍ଷ ପ୍ରଭାବକୁ ଅଧିକ ଗୁରୁତ୍ୱ ଦିଆଯାଏ ସବୁବେଳେ । କିନ୍ତୁ ଏକଥାକୁ ମାନିବାକୁ ପଡ଼ିବ ଯେ ପ୍ରତ୍ୟକ୍ଷ ପ୍ରଭାବ ଅଧିକ ପ୍ରଭାବଶାଳୀ ହୋଇଥାଏ ।

ଶିଳ୍ପ ସଂସ୍ଥା ଏବଂ ଶିଳ୍ପାୟନ ବଢ଼ିଲେ ପ୍ରତ୍ୟକ୍ଷ ଭାବେ ଯେତିକି କର୍ମନିଯୁକ୍ତି ସୃଷ୍ଟି ହେବ ତା'ଠାରୁ ଅଧିକ ଆତ୍ମନିଯୁକ୍ତି ସୃଷ୍ଟି ହେବ ପରୋକ୍ଷ ଭାବରେ ବୋଲି ସରକାର ଲୋକଙ୍କୁ ବୁଝାଇ ଦିଅନ୍ତି ତାଙ୍କ ଭାଷଣରେ ।

ଆଜିକାଲି କଳକାରଖାନାମାନଙ୍କରେ ମଣିଷଙ୍କ କାମ ଯନ୍ତ୍ର କରିଦେଉଛି । ଗୋଟେ ଗୋଟେ ଜେସିବି ମେସିନ ୧୦୦ ଲୋକଙ୍କ କାମ କରିଦେଇପାରୁଛି କେଇଘଣ୍ଟା ଭିତରେ । ତେଣୁ ଯନ୍ତ୍ର କେତେ ଲୋକଙ୍କୁ ଅକାମୀ କରିପାରୁଛି ଦେଖନ୍ତୁ । ଶ୍ରମଶକ୍ତି ବେକାର । ତେଣୁ ବେକାରୀ ବଢ଼ିବା ସ୍ୱାଭାବିକ । କିନ୍ତୁ ଶିଳ୍ପ ସଂସ୍ଥାଟିଏ ମୁଣ୍ଡ ଟେକିଲେ ଆଖପାଖରେ ଦୋକାନ ବଜାର ଗଢ଼ିଉଠିବ, ବ୍ୟବସାୟ ଚାଲେ । ଲୋକେ କର୍ମସଂସ୍ଥାନ ପାଆନ୍ତି । ପରିବହନ ବ୍ୟବସାୟୀମାନେ ଉପକୃତ ହୁଅନ୍ତି । ସେ ଅଞ୍ଚଳର ବିକାଶ ମନକୁ ମନ ହୋଇଯାଏ, କିଛି କରିବା ଦରକାର ନାହିଁ ।

ଏଇଭଳି ଭାଷଣ ଶୁଣିଥିବେ ଆପଣମାନେ । ଏଆଇ ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ପୂର୍ଣ୍ଣ ବିନିଯୋଗ ହେବା ପରେ ଧୀରେଧୀରେ ଲୋକେ ବେକାର ହେବାକୁ ଲାଗିଛନ୍ତି । ରାସ୍ତାକଡ଼ରେ ଯେଉଁ ଜ୍ୟୋତିମାନେ ଭାଗ୍ୟଫଳ କହି ଦି'ପଇସା ରୋଜଗାର କରୁଥିଲେ ତାଙ୍କ ପେଟକୁ ଲାତ ମଧ୍ୟ ମାରିଲାଣି ଏଆଇ । ଏଆଇ ମଧ୍ୟ ଭାଗ୍ୟଫଳ କହିପାରୁଛି ।

ଛାଡ଼ନ୍ତୁ ସେସବୁ କଥା, ଏବେ ଅସଲ କଥାକୁ ଆସିବା । ଏଥରର ବଜେଟ୍‌ରେ ସିଗାରେଟ୍‌ର ଦାମ୍‌କୁ ବଢ଼ାଇ ଦିଆଯାଇଛି । ୧୦ଟଙ୍କାରେ ମିଳୁଥିବା ସିଗାରେଟ୍‌ର ଦାମ୍ ଏବେ ୨୫ ଟଙ୍କା । ନିକଟରେ ଉପସ୍ଥାପିତ ସରକାରଙ୍କ ବଜେଟ୍‌ରେ ସବୁଠାରୁ ବଡ଼ ଝଟ୍‌କା ପାଇଥିବା ଉତ୍ପାଦଗୁଡ଼ିକ ମଧ୍ୟରେ ସିଗାରେଟ୍ ଶୀର୍ଷରେ ରହିଛି । ତମାଖୁ ଉତ୍ପାଦ ଉପରେ ଟିକିସ ବୃଦ୍ଧି ପରେ ସିଗାରେଟ୍ ମୂଲ୍ୟରେ ତୀବ୍ର ବୃଦ୍ଧି ଦେଖାଦେଇଛି ।

ସରକାରଙ୍କ ଯୁକ୍ତି ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ମାନଦଣ୍ଡ ସହିତ ତମାଖୁ ଟିକସ ଆଣିବା ଆବଶ୍ୟକ ଥିଲା । ଏହା ସହିତ ସରକାର ଏହାର କ୍ଷତିକାରକ ପ୍ରଭାବକୁ ହ୍ରାସ କରିବା ପାଇଁ ଲୋକଙ୍କୁ ଧୂମପାନରୁ ନିରୁତ୍ସାହିତ କରିବାର ଲକ୍ଷ୍ୟ ରଖିଛନ୍ତି । ସେହିକାରଣରୁ କୁଆଡ଼େ ଦର ବୃଦ୍ଧି କରାଯାଇଛି । ଏହାର ପରୋକ୍ଷ ପ୍ରଭାବରେ– ଯେଉଁମାନେ ସହଜରେ ସିଗାରେଟ୍ କିଣିପାରୁଥିଲେ ସେମାନେ କିଣିପାରିବେନି କିମ୍ବା କମ୍ ସଂଖ୍ୟକ କିଣିବେ । ସିଗାରେଟ୍ ଟାଣିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ବୋଲି ସରକାର ବେଶ୍ ଜାଣନ୍ତି । ତେଣୁ ପରୋକ୍ଷ ଭାବରେ ଏହା ଏକ ଉତ୍ତମ ପଦକ୍ଷେପ ।

କିନ୍ତୁ ଯଦି ସିଗାରେଟ୍ ବଜାରରେ ମୋଟେ ନମିଳନ୍ତା ତା'ହେଲେ ଏହା ଯୁବବର୍ଗଙ୍କ ପାଇଁ ଅଧିକ ହିତକାରୀ ହୁଅନ୍ତାନି କି? ଆଜିକାଲି ସ୍କୁଲ୍ କଲେଜ ପିଲାଙ୍କଠୁ ଆରମ୍ଭ କରି ଇଂଜିନିୟରିଂ ପଢୁଆ ପିଲା ଏବଂ ସଫ୍ଟୱେୟାର ସଂସ୍ଥାରେ କାମ କରୁଥିବା ଯୁବକମାନେ ମଧ୍ୟ ଏବେ ସିଗାରେଟ୍ ନିଶାରେ । କେତେକ ଝିଅଙ୍କୁ ମଧ୍ୟ ସିଗାରେଟ୍ ଟାଣୁଥିବାର ଦେଖାଯାଉଛି । ତେଣୁ ଦର ବଢ଼ିଲେ ଯେ ଏମାନେ ସିଗାରେଟ୍ ଟାଣିବା ଛାଡ଼ିଦେବେ ପଇସା ସଂଚିବା ପାଇଁ, ଏଭଳି ସମ୍ଭାବନା ବୋଧେ ନାହିଁ । କାରଣ ସେମାନଙ୍କ ପାଖରେ ପଇସାର ଅଭାବ ନଥାଏ । ମଦୁଆମାନେ ସ୍ତ୍ରୀ ବେକର ମଙ୍ଗଳସୂତ୍ର ବିକ୍ରି କରି ମଧ୍ୟ ମଦ ପିଇବାର ନଜିର ରହିଛି । ତେଣୁ ମୂଳୁ ମାଇଲେ ଯିବ ସରି ନ୍ୟାୟରେ ଏସବୁ ନିଶାଦ୍ରବ୍ୟର ଅସଲ ଉତ୍ସକୁ ଯଦି ବନ୍ଦ କରାଯାଆନ୍ତା ତା'ହେଲେ ଏହାର ପ୍ରଭାବ ଅଧିକ ପଡ଼ନ୍ତା । କିନ୍ତୁ ଏହା ସମ୍ଭବ ହେଉନାହିଁ ଏହି କାରଣରୁ ଯେ ଏସବୁ ମାଦକ ଦ୍ରବ୍ୟ ଅଧିକ ରାଜସ୍ୱ ଦେଇଥାଏ । କିନ୍ତୁ ରାଜସ୍ୱଠାରୁ କ'ଣ ଲୋକଙ୍କ ଜୀବନ ମୂଲ୍ୟବାନ ନୁହେଁ? ସରକାର ତାଙ୍କ ଦାୟିତ୍ୱ କେବଳ ଲୋକଙ୍କୁ ସଚେତନ କରାଇବାରେ ସାରିଦେଉଛନ୍ତି ।

# ଢେଙ୍କାଶବର, ଢେଙ୍କାନାଳ: ରାଜତନ୍ତ୍ରରୁ ଗଣତନ୍ତ୍ର-(୨)



**ଇତିହାସର ଇତି କଥା**


ସତ୍ୟବାଦୀ ବଳିଆରସିଂହ


ଏହି ରାଜବଂଶର ତେରତମ ରାଜା ହେଉଛନ୍ତି ଭଗୀରଥ ମହୀନ୍ଦ୍ର ବାହାଦୁର । ସେ ବାଟୁଳି ମାରିବା ଓ ବନ୍ଧୁକ ଚାଳନାରେ ସିଦ୍ଧହସ୍ତ ଥିଲେ । ସେ ତାଙ୍କ ଜୀବନରେ ୩୫୦ଟି ମହାବଳ ବାଘ ଶିକାର କରିଥିଲେ। ସେ ଆତସବାଜୀ (ବାଣ), ସନ୍ତରଣ, ଅଶ୍ୱାରୋହଣ, ଅଶ୍ୱ ପରିଚୟ, ରତ୍ନ ପରିଚୟ, ଗାରେଡ଼ି ବିଦ୍ୟା, ଚିତ୍ରାଙ୍କନ, ଗନ୍ଧର୍ବ ବିଦ୍ୟା (ଗାନ ବାଜଣା), ନାନାବିଧ ଶିଳ୍ପ ବିଦ୍ୟା ଓ ଇନ୍ଦ୍ରଜାଲ (ମ୍ୟାଜିକ୍) ଆଦିରେ ଜ୍ଞାନଥିଲା । ଏପରିକି ସଂସ୍କୃତ ସାହିତ୍ୟ, ଦର୍ଶନ ଶାସ୍ତ୍ର, ପୁରାଣ ସଂହିତା ଓ ସ୍ମୃତି ଶାସ୍ତ୍ରାଦି ଏବଂ ପ୍ରାଚୀନ ଉତ୍କଳ ସାହିତ ଅର୍ଥାତ ଉପେନ୍ଦ୍ର ଭଞ୍ଜ ଓ ଯଦୁମଣିଙ୍କର କାର୍ଯ୍ୟାବଳୀ ଉପରେ ଅସାଧାରଣ ପାଣ୍ଡିତ୍ୟ ଥିଲା । ଉକ୍ତ ଶାସ୍ତ୍ରାଦିର ଅନେକ ଅଂଶ ତାହାଙ୍କର କଣ୍ଠସ୍ଥ ଥିବାରୁ ସେ ଅନେକ ଛାନ୍ଦ, ଶ୍ଳୋକ କଥା ଓ ପ୍ରକରଣ ପ୍ରଭୃତି ନିଜ ମୁଖରେ ଆବୃତ୍ତି କରିପାରୁଥିଲେ । ସେ ସନ୍ଧ୍ୟା ସମୟରେ ନିକଟସ୍ଥ ଭଦ୍ରଲୋକ, ସ୍ଥାୟୀ ପରିଷଦ ଓ ପରିବାରବର୍ଗଙ୍କ ସମ୍ମୁଖରେ ସଂସ୍କୃତ କାବ୍ୟ ନାଟକ, ଶ୍ରୀମଦ ଭାଗବତ, ଭଂଜୀୟ ଛାନ୍ଦ ପ୍ରଭୃତି ବାଖ୍ୟା କରୁଥିଲେ । ସେ ନବାଗତ ପଣ୍ଡିତମାନଙ୍କୁ ଶାସ୍ତ୍ର ଯୁକ୍ତିଦ୍ୱାରା ପରାସ୍ତ କରିପାରୁଥିଲେ । ସେ ଢେଙ୍କାନାଳରେ ନିଜ ନାମରେ ଭାଗୀରଥ ସଂସ୍କୃତ ବିଦ୍ୟାଳୟ ସ୍ଥାପନ କରିବା ସହ ମେଧାବୀ ଛାତ୍ରମାନଙ୍କୁ ଅଧ୍ୟୟନ ପାଇଁ ସାହାଯ୍ୟ କରୁଥିଲେ । ୧୮୬୬ ନଅଙ୍କ ଦୁର୍ଭିକ୍ଷ ସମୟରେ ଅକାତରେ ଧାନ ବିତରଣ କରି ଇଂରେଜ ସରକାରଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ ଓ ଇଂରେଜ ସରକାରଙ୍କଠାରୁ ମହାରାଜା ଉପାଧି ପାଇଥିଲେ । ମହିମାଧର୍ମର ପ୍ରସାର ପାଇଁ ଯେଉଁ ମହିମାଗାଦି ଯୋରନ୍ଦାଠାରେ ସ୍ଥାପିତ ହୋଇଥିଲା ତାହା ତାଙ୍କ ପ୍ରୋତ୍ସାହନରେ ହୋଇଥିଲା ।

ଢେଙ୍କାନାଳର ଶେଷ ରାଜା ଶଙ୍କର ପ୍ରତାପସିଂହ ଦେଓ ମହୀନ୍ଦ୍ର ବାହାଦୁରଙ୍କ ସମୟରେ ପ୍ରଜାଆନ୍ଦୋଳନ ତୀବ୍ରତର ହୋଇଥିଲା। ମହେନ୍ଦ୍ର ଚନ୍ଦ୍ର, ସୁବାହୁ ସିଂହ, ସାରଙ୍ଗଧର ଦାସ, ବୈଷ୍ଣବ ଚରଣ ପଟ୍ଟନାୟକ, ବ୍ରଜକିଶୋର ଧଳ, ହରମୋହନହ ପଟ୍ଟନାୟକ ପ୍ରଭୃତି ସଂଗ୍ରାମର ନେତୃତ୍ୱ ନେଇଥିଲେ। ତା.୧୯.୧୦.୧୮୩୮ ରିଖରେ ଢେଙ୍କାନାଳରେ ରାଜ୍ୟସ୍ତରୀୟ ଗଡ଼ଜାତ ଦିବସ ପାଳିତ ହୋଇଥିଲା। ରାଜ୍ୟ ଶାସନ ବିରୋଧରେ ସଂଗ୍ରାମ କରି ୧୯୩୮ ଅକ୍ଟୋବର ମାସ ୧୦ ତାରିଖ ଦିନ ଭୁବନଠାରେ ଏସଡ଼ିଓ ବିନୟ ଘୋଷଙ୍କ ନେତୃତ୍ୱରେ ପୋଲିସ ଗୁଳିମାଡ଼ରେ ଗୁରି ନାୟକ ଓ ରଘୁନାଥ ନାୟକ ଶହୀଦ ହେଲେ ଓ ଅନ୍ୟ ଛଅଜଣ ଆହତ ହେଲେ। ତା'ପରଦିନ ଅର୍ଥାତ ୧୧ ତାରିଖ ଦିନ ପୋଲିଓ ଫୋର୍ସ ନୀଳକଣ୍ଠପୁରଠାରେ ବ୍ରାହ୍ମଣୀ ନଦୀ ପାର ହେବାକୁ ଆସି ଘାଟ ଜଗିଥିବା ନାଉରିଆ ହୃଷୀକେଶ ପ୍ରଧାନ, ଲକ୍ଷ୍ମଣ ମଲ୍ଲିକ ଓ ନଟବର ମଲ୍ଲିକ ଡଙ୍ଗାରେ ପାରି ନକରିବାରୁ ଗୁଳିମାଡ଼ର ଶିକାର ହୋଇ ନିହତ ହେଲେ । ସେଠାରେ ଉପସ୍ଥିତ ଥିବା ବାର ବର୍ଷର ବାଳକ ବାଜିରାଉତ ଗୁଳିବାଜି ନିହତ ହେଲେ । ଏହି ବୀର ଶହୀଦମାନେ ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇରହିବେ । ରାଜ୍ୟ ଶାସନର ଅନ୍ୟାୟ ଜୁଲୁମ ବିରୋଧରେ ପ୍ରଜା ଆନ୍ଦୋଳନ ତୀବ୍ରତର ହେବାରୁ ଇଂରେଜ ସରକାର ରାଜା ଶଙ୍କର ପ୍ରତାପଙ୍କ କ୍ଷମତାକୁ ୧୯୪୪ ମସିହା ଜାନୁଆରୀ ୧୭ ତାରିଖରୁ ସଂକୁଚିତ କରିଥିଲେ । ରାଜାଙ୍କର କେତେକ କ୍ଷମତାକୁ ପରିଚାଳନା କରିବାପାଇଁ ଇଂରେଜ ସରକାର ରାୟ ସାହେବ ଏସ.କେ ଶ୍ରୀବାସ୍ତବ, ରାୟ ସାହେବ ଟି. ସତ୍ୟନାରାୟଣ, ରାୟ ସାହେବ ରାୟ ଗୋପାଳ ଦାସ, ରାୟ ବାହାଦୁର ଓ କେ. ଚାଟାର୍ଜୀଙ୍କୁ ୧୯୪୪ ଜାନୁଆରୀ ୧୭ ତାରିଖରୁ ନିଯୁକ୍ତ କଲେ । ୧୯୪୮ ଜାନୁଆରୀ ୧ ତାରିଖରେ ଢେଙ୍କାନାଳ ଓଡ଼ିଶାର ମିଶ୍ରଣ ହେଲା । ଢେଙ୍କାନାଳର ପ୍ରସିଦ୍ଧ ସ୍ଥାନ– ୨,୦୮୭ ଫୁଟ ବା ୬୩୬ ମିଟର ଉଚ୍ଚତାରେ ଅବସ୍ଥିତ କପିଳାସ ପର୍ବତର ପ୍ରତିଷ୍ଠିତ ଶ୍ରୀଚନ୍ଦ୍ରଶେଖର ଦେବ ଓ ସେଠାରେ ଥିବା ଝରଣା ପାଇଁ ଏହା ଏକ ପର୍ଯ୍ୟଟନ ସ୍ଥଳୀ । ସେହିପରି ସପ୍ତଶଯ୍ୟା ପର୍ବତ (୧୯୨୧ ଫୁଟ୍) ଝରଣା ଏକ ଦର୍ଶନୀୟ ସ୍ଥାନ । ଏହି ଗଡ଼ଜାତ ମଧ୍ୟରେ ଥିବା ପର୍ବତମାନେ ହେଲେ ବରୁଆଁ (୧,୨୭୪ ଫୁଟ ବା ୩୮୭ ମିଟର), ବସି ଫୁଲଝରି (୧୭୧୮ ଫୁଟ ବା ୫୨୪ ମିଟର), ସୁନ୍ଦର ଖେରାଳ ପାହାଡ଼ (୧୯୦୬ ଫୁଟ), ଉଦୟଗିରି (୧୪୩୬ ଫୁଟ), ବାହାଡ଼ାପାଳ ପାହାଡ଼ (୧୮୯୯ ଫୁଟ), ଗୁମାରିଆ (୧୯୨୨ ଫୁଟ) ଓ ଦଲାଲ ପର୍ବତ (୧୪୪୩ ଫୁଟ)। ଉପରୋକ୍ତ ପର୍ବତ ବ୍ୟତୀତ ବ୍ରାହ୍ମଣୀ ଓ ରାମିଆଳ ପ୍ରମୁଖ ନଦୀ ଅବସ୍ଥିତ। କାମାକ୍ଷାନଗର ଉପଖଣ୍ଡ ସରାଙ୍ଗଠାରେ ପ୍ରାଚୀନ ପ୍ରସ୍ତର ନିର୍ମିତ ଅନନ୍ତ ଶୟନ ମୂର୍ତ୍ତି ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ।

**ଢେଙ୍କାନାଳ ଗଡ଼ଜାତର ବିଶେଷତ୍ୱ :** ଢେଙ୍କାନାଳ ଗଜଲକ୍ଷ୍ମୀ ପୂଜା ଓଡ଼ିଶା ପ୍ରସିଦ୍ଧ । ୧୯୨୩ ମସିହାରୁ ଏହି ପୂଜା ଧାରାବାହିକ ଭାବେ ହୋଇଆସୁଛି । ଓଡ଼ିଶାର ସର୍ବବୃହତ ଗ୍ରାମ ଭୁବନ ୨୫ ଶହ ବର୍ଷ ତଳର ଜନବସତି । ଏଠାରେ ଦଶହରା ପର୍ବ ବାସୀ ବିଖ୍ୟାତ ବଳଦ ଯାତ୍ରା ହୁଏ। ଏଭଳି ବଳଦ ଯାତ୍ରା ଓଡ଼ିଶାର ଅନ୍ୟକୌଣସି ସ୍ଥାନରେ ଦେଖାଯାଏ ନାହିଁ । ଓଡ଼ିଶାର ଅଧିକାଂଶ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଅଛି । କିନ୍ତୁ କେନ୍ଦ୍ରାପଡ଼ାରେ ବଳଦେବ ଜିଉ, କେନ୍ଦୁଝରରେ ବଳଭଦ୍ର ଦେବଙ୍କ ମନ୍ଦିର ଓ ଢେଙ୍କାନାଳରେ ଶ୍ରୀବଳରାମ ଦେବଙ୍କ ମନ୍ଦିର ପ୍ରସିଦ୍ଧ । ପ୍ରାୟ ୪୦୦ ବର୍ଷ ତଳେ ପ୍ରତିଷ୍ଠିତ ଶ୍ରୀବଳରାମ ଦେବଙ୍କ ମନ୍ଦିରରେ କେତୋଟି ବ୍ୟତିକ୍ରମ ଦେଖାଯାଏ। ପ୍ରତେକ ଜଗନ୍ନାଥ ମନ୍ଦିରର ରତ୍ନ ସିଂହାସନରେ ସାଧାରଣତଃ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ପୂଜା ପାଆନ୍ତି। ସେମାନଙ୍କ ବିଗ୍ରହ କାଠରେ ତିଆରି ହୋଇଥାଏ। କିନ୍ତୁ ଢେଙ୍କାନାଳର ଆରାଧ୍ୟ ଦେବତା ବଳରାମଙ୍କ ରତ୍ନ ସିଂହାସନରେ ସୁଭଦ୍ରା, କୃଷ୍ଣଙ୍କ ସହିତ ରୁକ୍ମିଣୀଙ୍କ ସହିତ ଜ୍ୟେଷ୍ଠଭ୍ରାତା ବଳରାମ କାମପାଳ ରୂପେ ବିଦ୍ୟମାନ। ଏଠାରେ ବଳରାମଙ୍କ ମୂର୍ତ୍ତି ଅନନ୍ୟ । ଏହା ଏକପ୍ରକାର ରକ୍ତବର୍ଣ୍ଣ ପାଷାଣରେ ନିର୍ମିତ । ଏହାର ଉଚ୍ଚତା ପ୍ରାୟ ୪ ଫୁଟ୍। ମସ୍ତକରେ ସପ୍ତଫେଣୀ ଅଛି, ବାମହସ୍ତରେ ଲଙ୍ଗଳ ଏବଂ ଡାହାଣ ହାତରେ ମୂଷକ ଶୋଭାପାଉଛି। ମୂର୍ତ୍ତିଟିରେ ସାଧାରଣ ମଣିଷର ସାଦୃଶ୍ୟ ରହିଛି ।

**ଢେଙ୍କାନାଳରେ କେନ୍ଦ୍ର ସରକାରୀ ପ୍ରତିଷ୍ଠାନ :** ଢେଙ୍କାନାଳ ରାଜପ୍ରସାଦ ନିକଟସ୍ଥ ପାହାଡ଼ର ପାଦଦେଶରେ ଭାରତର ଦ୍ୱିତୀୟ ଜନସଂଚାର ସଂସ୍ଥାନ ୧୯୯୩ ମସିହା ଅଗଷ୍ଟ ୧୪ ତାରିଖ ଦିନ ଢେଙ୍କାନାଳ ସାଂସଦ କାମାକ୍ଷା ପ୍ରସାଦ ସିଂହଦେଓ କେନ୍ଦ୍ରମନ୍ତ୍ରୀ ଥିବାବେଳେ ଗଣମାଧ୍ୟମ ଓ ସାମ୍ବାଦିକତା ସମ୍ପର୍କୀୟ ଗବେଷଣା ପାଇଁ ଏହା ପ୍ରତିଷ୍ଠା ହୋଇଥିଲା। ସେହିଭଳି ବିଜ୍ଞାନ କେନ୍ଦ୍ର, କପିଳାସ ବିଜ୍ଞାନ ଉଦ୍ୟାନ, ଆକାଶବାଣୀ, ଦୂରଦର୍ଶନ ରିଲେ କେନ୍ଦ୍ର, କ୍ଷେତ୍ର ପ୍ରଚାର କାର୍ଯ୍ୟାଳୟ, ଆୟକର କାର୍ଯ୍ୟାଳୟ, କେନ୍ଦ୍ର ଅବକାରୀ ଓ ଶୁଳ୍କ କାର୍ଯ୍ୟାଳୟ ଆଦି ଢେଙ୍କାନାଳରେ ପ୍ରତିଷ୍ଠା ହୋଇଛି ।

**ଢେଙ୍କାନାଳର ପ୍ରତିଭା :** ଢେଙ୍କାନାଳର ଧଳପୁରର ଦେବେନ୍ଦ୍ର ଶତପଥୀଙ୍କ ପତ୍ନୀ ନନ୍ଦିନୀ ଶତପଥୀ କେନ୍ଦ୍ରରେ ପ୍ରଥମ ଓଡ଼ିଶା ମହିଳା ମନ୍ତ୍ରୀ, ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଥିଲେ। ଢେଙ୍କାନାଳ ସହରର କଳ୍ପନା ଦାସ ପ୍ରଥମ ଓଡ଼ିଆ ଏଭରେଷ୍ଟ ଶୃଙ୍ଗ ଆରୋହଣକାରୀ । ସେ ଓଡ଼ିଶାର ଗର୍ବ ଓ ଗୌରବ। ସେହିପରି ଢେଙ୍କାନାଳ ଗଇଲୋ ନିବାସୀ ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତ୍ତି ଜୟକୃଷ୍ଣ ମିଶ୍ରଙ୍କ କନ୍ୟା ନ୍ୟାୟମୂର୍ତ୍ତି ଅମୀୟବାଳା ପାଢ଼ୀ ଓଡ଼ିଶା ହାଇକୋର୍ଟର ପ୍ରଥମ ମହିଳା ବିଚାରପତି । ସୂଚନାଯୋଗ ଯେ ଏହି ପରିବାରର ଅର୍ଥାତ ନ୍ୟାୟମୂର୍ତ୍ତି ଜୟକୃଷ୍ଣ ମିଶ୍ରଙ୍କ ସାନଭାଇ ନ୍ୟାୟମୂର୍ତ୍ତି ଗତିକୃଷ୍ଣ ମିଶ୍ର ଓଡ଼ିଶା ହାଇକୋର୍ଟର ମୁଖ ବିଚାରପତି ଓ ଜୟକୃଷ୍ଣ ମିଶ୍ରଙ୍କ ପୁତ୍ର ନ୍ୟାୟମୂର୍ତ୍ତି ପ୍ରଫୁଲ୍ଲ କୁମାର ମିଶ୍ର ପାଟଣା ହାଇକୋର୍ଟର ମୁଖ ବିଚାରପତି ଭାବେ ଅବସ୍ଥାପିତ ହୋଇଥିଲେ। ସମ୍ପ୍ରତି ନ୍ୟାୟମୂର୍ତ୍ତି ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସୁପୁତ୍ର ଗୌତମ କୁମାର ମିଶ୍ର ଓଡ଼ିଶା ହାଇକୋର୍ଟର ଜଣେ ପ୍ରଜ୍ଞାଶାଳୀ ଆଡ଼ଭୋକେଟ ଭାବେ କାର୍ଯ୍ୟରତ। ଢେଙ୍କାନାଳ ଇଚ୍ଛାବତୀପୁରର ନ୍ୟାୟମୂର୍ତ୍ତି ଶରତଚନ୍ଦ୍ର ମହାପାତ୍ର ଓଡ଼ିଶା ହାଇକୋର୍ଟ ଓ ଆଲ୍ଲାବାଦ ହାଇକୋର୍ଟର ବିଚାରପତି ଥିଲେ ।

**ଢେଙ୍କାନାଳର ବିଶିଷ୍ଟ ସାହିତ୍ୟିକ :** ଜଗତଗୁରୁ ଶ୍ରୀଧର ସ୍ୱାମୀ, ପ୍ରବୃଦ୍ଧ ଗୁରୁ ମହିମା ଗୋସେଇଁ, ଭକ୍ତକବି ଦୀନକୃଷ୍ଣ ଦାସ, କବି ବ୍ରଜନାଥ ବଡ଼ଜେନା, ଉତ୍କଳବୀରା କୃଷ୍ଣଚନ୍ଦ୍ର ପ୍ରିୟା, ସୁଲକ୍ଷଣା ଦେବୀ, ଭକ୍ତି ବିନୋଦ ରାମଚନ୍ଦ୍ର ନନ୍ଦ, ହରମୋହନ ନନ୍ଦ, ଲଳିତ ମୋହନ ନନ୍ଦ, ଅନଦା ଶଙ୍କର ରାୟ, ରତ୍ନପ୍ରଭା ଦେବୀ, ଭାଷାବିତ ଗୋଲଖ ବିହାରୀ ଧଳ, କବି ଭୂଷଣ ରାଜକିଶୋର ପଟ୍ଟନାୟକ, ରାଜା ଭଗୀରଥ ମହୀନ୍ଦ୍ର ବାହାଦୁର, ଫକୀର ମୋହନ ସେନାପତି (ଢେଙ୍କାନାଳରେ ଦେୱାନ ଥିବାବେଳେ ରାମାୟଣ ଅନୁବାଦ କରିଥିଲେ) । ବିଦାଦର ମହାନ୍ତି, ଦାମୋଦର ପଟ୍ଟନାୟକ, ବୈଷ୍ଣବ ଚରଟ ମହାପାତ୍ର, ପଣ୍ଡିତ ଚକ୍ରଧର ଦାସ, ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର (ସାହିତ ଓ ଇତିହାସ ଉଭୟ କ୍ଷେତ୍ରର ଲେଖକ)। ଅନ୍ତର୍ଯ୍ୟାମୀ ଶତପଥୀ, ଅଲେଖ ପ୍ରସାଦ ଦାସ, ଅଜୟ କୁମାର ପ୍ରଧାନ, ଅଥୟ ସାହୁ, ଅନସୂୟା ନନ୍ଦ, ଅନନ୍ତ ଚରଣ ନାୟକ, ଅମରେନ୍ଦ୍ର ମଲ୍ଲ, ଆକୁଳାନନ୍ଦ ରାଉତ, ଇନ୍ଦ୍ରମଣି ନାୟକ, ଡ.ଉଦ୍ଧବ ନାୟକ, କାମିନୀ ରଥ, କୁଞ୍ଜ ବିହାରୀ ନାୟକ, କୁମାରୀ କଳିଙ୍ଗ କନା, କୈଳାସ ଚନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ଜୟନ୍ତ ବିଶ୍ୱାଳ, ଜୟରାମ ସାହୁ, ତ୍ରିଲୋଚନ ପଣ୍ଡା, ଦୈତାରୀ ବିଶ୍ୱାଳ, ତୁଳସୀ ରାଣୀ ବେହେରା, ଧ୍ରୁବଚରଣ ସ୍ୱାଇଁ, ଧନେଶ୍ୱର ପାଣି, ନନ୍ଦିନୀ ଶତପଥୀ, ନିତାନନ୍ଦ ମିଶ୍ର, ନଟବର ନାୟକ, ନିରଞ୍ଜନ ଦାସ, ନରେନ୍ଦ୍ର ନାଥ ମିଶ୍ର, ଅବନୀ କୁମାର ମିଶ୍ର, ଅଚ୍ୟୁତାନନ୍ଦ ସାହୁ, ଈଶ୍ୱର ଚନ୍ଦ୍ର ପଣ୍ଡା, ଈଶ୍ୱର ଚନ୍ଦ୍ର ମହାପାତ୍ର, ଈଶ୍ୱର ଚନ୍ଦ୍ର ତ୍ରିପାଠୀ (ପର୍ଜଙ୍ଗ), ଉଦୟନାଥ ଶତପଥୀ (ମାର୍ଥାପୁର), ଓଁ ପ୍ରକାଶ ମିଶ୍ର, କାଳିଚରଣ ତ୍ରିପାଠୀ, କୃପାସାଗର ସାହୁ, କାହ୍ନୁଚରଣ ପୃଷ୍ଟି, କେଶବାନନ୍ଦ ସରସ୍ୱତୀ, ଗିରିଶଚନ୍ଦ୍ର ନନ୍ଦ, କାମାକ୍ଷାନଗର ଧନେଶ୍ୱର ପାଣି, ଜୀରଦ କୁମାର ଦାସ, ନୃସିଂହ ପ୍ରସାଦ ତ୍ରିପାଠୀ, ପ୍ରେମାନନ୍ଦ ରାଉତ, ପରେଶ ପଟ୍ଟନାୟକ, ପ୍ରମୋଦ କୁମାର ମିଶ୍ର (ଭୁବନ), ବ୍ରଜକିଶୋର ଧଳ, ବନ୍ଦେଶ୍ୱର ଭୂତିଆ, ଭିକାରୀ ଚରଣ ରାଉତ, ଭ୍ରମରବର ବିଶ୍ୱାଳ, ହିଂମାଶୁ ଶେଖର ପରିଡ଼ା, ମନୋରଂଜନ ଦାସ, ମୃଣାଳ ଚାଟର୍ଜୀ, ରମେଶ ଚନ୍ଦ୍ର ସାହୁ, ରୁଦ୍ର ପ୍ରସାଦ ମହାନ୍ତି, ରମେଶ ଚନ୍ଦ୍ର ଧଳ, ରାଜକିଶୋର ଦାଶ, ରବୀନ୍ଦ୍ର କୁମାର ଦାଶ, ଶରତ ଚନ୍ଦ୍ର ରାଉତ, ଶଙ୍କର୍ଷଣ ଜେନା, ସଂଧା ମହାନ୍ତି, ସୁରେଶ ପ୍ରସାଦ ମିଶ୍ର, ହିଂମାଶୁ ଶେଖର ପରିଡ଼ା, ଡ.ମୃଣାଳ ଚାଟାର୍ଜୀ, ବିମଳ ମିଶ୍ର ପ୍ରମୁଖ।


*ବଜ୍ରି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୯୨୩୭୦୮୯୫୦୯*


# ଚାଟୁକାରିତା ହିଁ ସଫଳତାର ଚାବିକାଠି - ଆଜିର ଅପ୍ରିୟ ସତ୍ୟ


■ ଅଖିଳ ତରାଇ ■


ଆଜିର ସମାଜରେ ଚାଟୁକାରିତା ଏକ ଅନିବାର୍ଯ୍ୟ ସାମାଜିକ ମୂଲ୍ୟ ପାଲଟିଛି । ଯେଉଁଠାରେ ସତ୍ୟ, ସ୍ୱଷ୍ଟବାଦିତା ଓ ନିର୍ଭୀକତା ପୂର୍ବରୁ ସମ୍ମାନିତ ହେଉଥିଲା, ସେଠାରେ ଆଜି ଚାଟୁକାରିତା ସଫଳତାର ସବୁଠାରୁ ସହଜ ଓ ଦ୍ରୁତ ପଥ ଭାବରେ ଗ୍ରହଣ କରାଯାଇଛି । ରାଜନୀତିରୁ ଆରମ୍ଭ କରି ପ୍ରଶାସନ, ବ୍ୟବସାୟ, ଶିକ୍ଷାକ୍ଷେତ୍ର, ସାମାଜିକ ମାଧ୍ୟମ ଏମିତି କୌଣସି କ୍ଷେତ୍ର ନାହିଁ ଯେଉଁଠାରେ ଏହି ବିଷାଦଜନକ ପ୍ରବୃତ୍ତି ନିଜର ଛାପ ଛାଡ଼ିନାହିଁ । ଆମ ସମାଜ ଆଜି ଚାଟୁକାରିତାର ଶୀର୍ଷରେ ପହଞ୍ଚିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ରାଜନୀତିରେ ଏହାର ପ୍ରଭାବ ସବୁଠାରୁ ସ୍ପଷ୍ଟ । ନେତାଙ୍କ ଚାରିପାଖରେ ଏକ ବୃହତ୍ ଚାଟୁକାର ଗୋଷ୍ଠୀ ଗଢ଼ି ଉଠିଛି, ଯେଉଁମାନେ ନେତାଙ୍କୁ ସର୍ବଦା ମହାନ, ଅଭେଦ୍ୟ, ଅନନ୍ୟ ଭାବରେ ବର୍ଣ୍ଣନା କରନ୍ତି । ଏହି ଚାଟୁକାରମାନେ ନେତାଙ୍କ ଭୁଲକୁ ଦେଖନ୍ତି ନାହିଁ, ବରଂ ସେଗୁଡ଼ିକୁ ମଧ୍ୟ ବୁଦ୍ଧିମତାର ପରିଚୟ ବୋଲି ପ୍ରଚାର କରନ୍ତି । ଫଳରେ ନେତୃତ୍ୱ ବାସ୍ତବତାରୁ ବିଚ୍ଛିନ୍ନ ହୋଇପଡ଼େ । ସତ୍ୟବାଦୀ ଓ ସ୍ୱଷ୍ଟବାଦୀ ଲୋକମାନଙ୍କୁ ଦୂରେଇ ଦିଆଯାଏ, ଆଉ ଚାଟୁକାରମାନେ କ୍ରମଶଃ କ୍ଷମତାର କେନ୍ଦ୍ରବିନ୍ଦୁରେ ପହଞ୍ଚିଯାଆନ୍ତି । ଏହି ପରିବେଶରେ ନୀତିଗତ ନିଷ୍ପତ୍ତି ନୁହେଁ, ବରଂ ନେତାଙ୍କ ଅହଂକାରକୁ ତୃପ୍ତ କରିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ହୋଇପଡ଼େ ।

ପ୍ରଶାସନ ଓ ଅଫିସ ସଂସ୍କୃତିରେ ମଧ୍ୟ ଏହି ଚାଟୁକାରିତା ବ୍ୟାପକ । ଅଧିକାରୀଙ୍କ ଆଗରେ ସବୁବେଳେ ହଁ ସର୍, ଆପଣ ଠିକ୍ କହୁଛନ୍ତି ଭଳି ବାକ୍ୟ ଶୁଣାଯାଏ । କାମର ଗୁଣବତ୍ତା ଅପେକ୍ଷା ବସ୍‌ଙ୍କ ପ୍ରଶଂସା କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼େ । ପ୍ରମୋସନ୍, ଟ୍ରାନ୍ସଫର୍ ଓ ସୁବିଧା ପାଇଁ ଏହି ଚାଟୁକାରିତା ଏକ ଅନୁଷ୍ଠାନିକ ପଦ୍ଧତି ଭାବରେ ପ୍ରଚଳିତ । ଫଳରେ ପ୍ରତିଭା ଓ ପରିଶ୍ରମ ପଛକୁ ପଡ଼ିଯାଏ, ଆଉ ଚାଟୁକାରିତା ହିଁ ସଫଳତାର ଚାବିକାଠି ହୋଇପଡ଼େ ।

ସାମାଜିକ ମାଧ୍ୟମ ଯୁଗରେ ଏହି ପ୍ରବୃତ୍ତି ଆହୁରି ବୃଦ୍ଧି ପାଇଛି । ପ୍ରଭାବଶାଳୀ ବ୍ୟକ୍ତିଙ୍କ ପୋଷ୍ଟେ ଅତ୍ୟଧିକ ପ୍ରଶଂସାମୂଳକ କମେଣ୍ଟ୍ ଦେଖାଯାଏ– ଆପଣ ଦେବତାଙ୍କ ସମାନ, ଆପଣ ବିନା ଦେଶ ଚଳିବ ନାହିଁ ଭଳି ଅତିରଞ୍ଜିତ ବାକ୍ୟ । ଏହା କେବଳ ବ୍ୟକ୍ତିଗତ ସମ୍ପର୍କ ନୁହେଁ, ବରଂ ଏକ ଡିଜିଟାଲ୍ ଚାଟୁକାରିତାର ସଂସ୍କୃତି ସୃଷ୍ଟି କରିଛି । ଲାଇକ୍, ଶେୟାର୍ ଓ ଫଲୋଅର୍ଙ୍କ ପାଇଁ ଲୋକେ ନିଜର ସ୍ୱାଭିମାନ ବିକ୍ରି କରିଦିଅନ୍ତି ।

ଏହି ଚାଟୁକାରିତାର ପରିଣାମ ଭୟଙ୍କର । ପ୍ରଥମତଃ ଏହା ସମାଜରେ ସତ୍ୟକୁ ଦମନ କରେ । ଭୁଲକୁ ଭୁଲ ବୋଲି କହିବା ବଦଳରେ ତାକୁ ସଠିକ୍ ବୋଲି ପ୍ରଚାର କରାଯାଏ । ଦ୍ୱିତୀୟତଃ ଏହା ପ୍ରତିଭାକୁ ନିରୁତ୍ସାହିତ କରେ । ଯେଉଁମାନେ ସ୍ୱଷ୍ଟବାଦୀ ଓ ସତ୍ୟବାଦୀ, ସେମାନଙ୍କୁ ପ୍ରାୟତଃ ବହିଷ୍କାର କରାଯାଏ । ତୃତୀୟତଃ ଏହା ସମାଜରେ ଏକ ଭୟର ପରିବେଶ ସୃଷ୍ଟି କରେ, ଯେଉଁଠାରେ ଲୋକେ ନିଜର ମତାମତ ପ୍ରକାଶ କରିବାକୁ ଭୟ କରନ୍ତି । ଶେଷରେ ଏହା ସମାଜର ନୈତିକ ଅବକ୍ଷୟ ଘଟାଏ– ଯେଉଁଠାରେ ସଫଳତା ପାଇଁ ସତ୍ୟକୁ ବିକ୍ରି କରିବା ସ୍ୱାଭାବିକ ହୋଇପଡ଼େ ।

ଆମ ସମାଜ ପୂର୍ବରୁ ମଧ୍ୟ ଚାଟୁକାରିତାରୁ ମୁକ୍ତ ନଥିଲା, କିନ୍ତୁ ଆଜିର ଡିଜିଟାଲ୍ ଯୁଗରେ ଏହା ଏକ ମହାମାରୀ ପାଲଟିଛି । ଏହାକୁ ରୋକିବା ପାଇଁ ଆବଶ୍ୟକ ହେଉଛି ସତ୍ୟବାଦିତାର ସଂସ୍କୃତି । ଶିକ୍ଷା ପ୍ରତିଷ୍ଠାନରେ ସ୍ୱଷ୍ଟବାଦିତାକୁ ପ୍ରୋତ୍ସାହନ, ରାଜନୀତିରେ ସମାଲୋଚନାର ସ୍ଥାନ, କର୍ମକ୍ଷେତ୍ରରେ ପ୍ରତିଭାର ମୂଲ୍ୟାଙ୍କନ– ଏହିସବୁ ଦିଗରେ ପଦକ୍ଷେପ ଆବଶ୍ୟକ । ଯଦି ଆମେ ଚାଟୁକାରିତାକୁ ସମାଜର ଶୀର୍ଷରେ ରଖିବା ଜାରି ରଖିବା, ତେବେ ଆମ ସମାଜ କେବଳ ବାହାରେ ଚମକିବ, ଭିତରେ କ୍ଷୟ ହେବ ।

ସତ୍ୟର ସାହସ ଓ ନିର୍ଭୀକତା ହିଁ ଆମକୁ ଏହି ଚାଟୁକାରିତାର ଜାଲରୁ ମୁକ୍ତ କରିପାରିବ । ନହେଲେ ଆଜିର ସମାଜ ଚାଟୁକାରିତାର ଶୀର୍ଷରେ ରହିବ, କିନ୍ତୁ ପ୍ରଗତିର ତଳକୁ ଖସିବ । ଏହା ଏକ ସମୟ ଆସିଛି ଯେଉଁଠାରେ ଆମେ ନିଜକୁ ପଚାରିବା ଦରକାର– ଆମେ କ'ଣ ସତ୍ୟର ସଙ୍ଗୀ ନା ଚାଟୁକାରିତାର ଦାସ?


*ଗଞ୍ଜାମ,ଓଡ଼ିଶା*
*ମୋ: ୭୮୮୭୦୦୧୦୦୧*


# କାଳିଆ ଘୋଡାରେ ଚଢିବି...


■ ହିମାଂଶୁ ଶେଖର ଆଚାର୍ଯ୍ୟ ■


ପାଠ ପଢିବି, ଓକିଲ ହେବି, ମଧୁବାବୁ ସଙ୍ଗେ ଲଢିବ – କାଳିଆ ଘୋଡାରେ ଚଢିବି । କାହିଁ କେଉଁ କାଳରୁ ଓଡ଼ିଶାର ଘରେ ଘରେ ଏହି କଥାଟି ଚଳିଆସୁଛି । ଛୋଟପିଲାମାନେ ପଢିବାକୁ ଅମଙ୍ଗ ହେଲେ ମା' ତାକୁ ଉତ୍କଳ ଗୌରବ ମଧୁସୂଦନଙ୍କ କଥା କହି ବୁଝାଇ ଦେଇଥାଏ । ଖଣ୍ଡ ବିଖଣ୍ଡିତ ଉତ୍କଳକୁ ଏକାଠି କରି ବ୍ରିଟିଶ ସରକାରଙ୍କ ପାଖରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ ଜରିଆରେ ଆଜିର ଓଡିଶା ପ୍ରଦେଶକୁ ଗଠନ କରିବାରେ ଯେଉଁ ସ୍ୱାଭିମାନୀ ପୁରୁଷ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ, ସେ ହେଉଛନ୍ତି ଜାତି ପ୍ରାଣ, ସ୍ୱାଭିମାନର ମନ୍ତ୍ରଦାତା, କୁଳବୃଦ୍ଧ, ଉତ୍କଳ ଗୌରବ ମଧୁସୂଦନ ଦାସ, ସବୁରି ପ୍ରିୟ ମଧୁବାରିଷ୍ଟର– ମଧୁବାବୁ । ଜାତିପ୍ରାଣରେ ଭରିଥିଲେ ସେ ସ୍ୱାଭିମାନର ମନ୍ତ୍ର, ମାତୃଭୂମି ଓ ମାତୃଭାଷା ପ୍ରତି ସୃଷ୍ଟି କରିଥିଲେ ଜାତୀୟତା ଭାବ । ଉତ୍କଳ ଜନନୀର ଏହି ସୁଯୋଗ୍ୟ ସନ୍ତାନଙ୍କ ଧରାବତରଣ ହୋଇଥିଲା କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ ୨୮ ତାରିଖରେ ଓ ଦେହାବସାନ ଘଟିଲା ୧୯୩୪ ମସିହା ଫେବୃଆରୀ ୪ ତାରିଖରେ । ହେଲେ ସାମଗ୍ରିକ ଭାବେ ତାଙ୍କର ଅବଦାନକୁ ଓଡିଶାବାସୀ ସବୁଦିନେ ମନେ ରଖିବେ ଏଥିରେ ସନ୍ଦେହର ଅବକାଶ ନାହିଁ ।

ମଧୁବାବୁ ଥିଲେ କ୍ରାନ୍ତି ଦ୍ରଷ୍ଟା ଓ ସ୍ରଷ୍ଟା । ସେ ଥିଲେ ଓଡ଼ିଆ ନବଜାଗରଣର ମୁଖ୍ୟ ପୁରୋଧା । ଆଜି ଏକ ପୂର୍ଣ୍ଣାଙ୍ଗ ଉତ୍କଳ ପ୍ରଦେଶ କଥା ଚିନ୍ତା କଲାବେଳେ ତାଙ୍କ ନାମ ସ୍ୱତଃ ମନକୁ ଆସେ । ସେତେବେଳେ ଓଡ଼ିଶା ଥିଲା ଏକ ଭୌଗୋଳିକ ନାମ ମାତ୍ର । ଖଣ୍ଡବିଖଣ୍ଡିତ ଓଡ଼ିଶା ଓ ଲୁପ୍ତପ୍ରାୟ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବାର ସ୍ୱର ପ୍ରଥମେ ସେ ହିଁ ଉତ୍ତୋଳନ କରିଥିଲେ । ଏହାର ପରିଣତି ହେଲା ୧୯୦୩ ମସିହାରେ ଉତ୍କଳ ସମ୍ମିଳନୀ ଗଠନ । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖ କଟକର ଇଦ୍‌ଗା ପଡିଆରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀ ମଞ୍ଚରେ ରାଜା-ମହାରାଜା, ବୁଦ୍ଧିଜୀବୀ, ସାହିତ୍ୟିକ, କବି ଓ ସାଧାରଣ ଜନତାଙ୍କୁ ସାମିଲ କରାଇ ଜାତୀୟତା ମନ୍ତ୍ରରେ ସେମାନଙ୍କୁ ପ୍ରଭାବିତ କରାଇଥିଲେ । ଏହି ସମ୍ମିଳନୀର ନିରବଚ୍ଛିନ୍ନ ପ୍ରୟାସର ଫଳସ୍ୱରୂପ ସମଗ୍ର ଭାରତବର୍ଷରେ ଓଡ଼ିଶା ଭାଷା ଭିତ୍ତିରେ ପ୍ରଥମ ପ୍ରଦେଶ ହେବାର ମାନ୍ୟତା ପାଇଥିଲା ୧୯୩୬ ମସିହା ଏପ୍ରିଲ ୧ ତାରିଖରେ । କିନ୍ତୁ ନିଜର ସ୍ୱପ୍ନର ଭୂଇଁକୁ ଦେଖିବାକୁ ସେ ନଥିଲେ । ସେ ବାହୁଡି ଗଲେ ତା'ର ଦୁଇବର୍ଷ ପୂର୍ବରୁ । ଆଜିର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହେଉଛି ତାଙ୍କ ଐକାନ୍ତିକ ତ୍ୟାଗ, ସଂଗ୍ରାମ ଓ ସଙ୍କଳ୍ପର ଫଳ ।

ମଧୁବାବୁଙ୍କ କର୍ମମୟ ଜୀବନ ଥିଲା ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଇତିହାସ । ନିଜ ଜୀବନକାଳରେ ତାଙ୍କ ଏକମାତ୍ର ଧ୍ୟେୟ ଥିଲା ଏକ ସ୍ୱର୍ଣ୍ଣପ୍ରସୂ ଓଡ଼ିଶା ନିର୍ମାଣ । ସେଥିପାଇଁ ଅକୁଣ୍ଠିତ ଚିତ୍ତରେ ଅଜାଡି ଦେଇଥିଲେ ସେ ନିଜ ଜୀବନର ସବୁକିଛି ସାମର୍ଥ୍ୟ, ସୌକୁମାର୍ଯ୍ୟ । ଅଜସ୍ର ଅର୍ଥ ଉପାର୍ଜନ କରି ସୁଖରେ କାଳାତିପାତ ନକରି ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ସେ ସବୁକୁ ଅକାତର ଭାବେ ଦାନ କରିଦେଇଥିଲେ । ସେଥିଲେ ଅନେକ କ୍ଷେତ୍ରରେ ପ୍ରଥମ ଓଡ଼ିଆ । ସେ ହେଉଛନ୍ତି ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍.ଏ, ପ୍ରଥମ ଓଡ଼ିଆ ଓକିଲ, ପ୍ରାଦେଶିକ ବ୍ୟବସ୍ଥାପକ ସଭା ଓ ଇମ୍ପେରିଆଲ୍ ବ୍ୟବସ୍ଥାପକ ସଭାର ପ୍ରଥମ ଓଡ଼ିଆ ସଭ୍ୟ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଓ ମନ୍ତ୍ରୀତ୍ୱ ତ୍ୟାଗ କରିବାରେ ପ୍ରଥମ ଭାରତୀୟ । ଖାଲି ସେତିକି ନୁହେଁ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିବାରେ ସେ ଅଦ୍ୟାବଧି ପ୍ରଥମ ଓଡ଼ିଆ । କହିବା ବାହୁଲ୍ୟ ଯେ ମଧୁସୂଦନଙ୍କ ପୂର୍ବରୁ ମାତ୍ର ଦୁଇଜଣ ଭାରତୀୟ ଯଥା ଦାଦାଭାଇ ନାରୋଜି ଓ ସୁରେନ୍ଦ୍ରନାଥ ବାନାର୍ଜୀ ବ୍ରିଟିଶ ପାର୍ଲାମେଣ୍ଟକୁ ସମ୍ବୋଧିତ କରିଥିଲେ । ସେ ସର୍ବଦା କହୁଥିଲେ– ମୋ ଜାତି ଅନୁନ୍ନତ ହେଲେ ବି ଅନ୍ୟ ଜାତିର କୌଣସି ପ୍ରଥମ ଗ୍ରାଜୁଏଟ୍ ମୋ ପରି ଏତେ କାମ କରିନାହାନ୍ତି । ଯଦି ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ଏସବୁ କରିପାରିଲା, ତାହେଲେ ପରବର୍ତ୍ତୀ ବଂଶଧରମାନେ ଯଦି ଜଣେ ବ୍ୟକ୍ତି ରୂପେ ନୁହେଁ ଏକ ଜାତିର ଜଣେ ରୂପେ ନିଜର ଦାୟିତ୍ୱ ହୃଦୟଙ୍ଗମ କରନ୍ତି ତାହେଲେ ସେମାନେ ଏଦିଗରେ ବହୁତ କାର୍ଯ୍ୟ କରିପାରିବେ ।



ମଧୁ ବାରିଷ୍ଟର– ଏକ ମଧୁର ଉଚ୍ଚାରଣ ।ପାଠପଢାରୁ ଓକିଲାତି । ସବୁଥିଲେ ତାଙ୍କର ଅନନ୍ୟ ପରିଚୟ । ଓକିଲାତି ତାଙ୍କ ଜୀବନ ଥିଲା । ସେ ସମୟରେ କଟକରେ ପ୍ରାୟ ସବୁ ଓକିଲ ବଙ୍ଗାଳୀ । ମାତ୍ର ସ୍ୱଳ୍ପସମୟ ଭିତରେ ମଧୁବାବୁ ନିଜର ଦକ୍ଷତା ଓ ବାଗ୍ମିତା ବଳରେ ସବୁ ବଙ୍ଗାଳୀ ଓକିଲଙ୍କ ସହ ପ୍ରତିଯୋଗିତା କରି ନିଜର ସ୍ୱତନ୍ତ୍ରତା ବଜାୟ ରଖିବାରେ ସମର୍ଥ ହୋଇପାରିଥିଲେ । ତାଙ୍କର ଅକାଟ୍ୟ ଯୁକ୍ତି, ପାଣ୍ଡିତ୍ୟ ଓ ବାଗ୍ମିତା ବିଚାରପତିମାନଙ୍କୁ ମୁଗ୍ଧ କରିଦେଉଥିଲା । ୧୮୮୬ ମସିହାରେ ପୁରୀ ମନ୍ଦିର ମୋକଦ୍ଦମା ତାଙ୍କ ଓକିଲାତି ଜୀବନର ଏକ ମାଇଲଖୁଣ୍ଟ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଉତ୍କଳର ଇଷ୍ଟଦେବ ଶ୍ରୀଜଗନ୍ନାଥ ମନ୍ଦିରକୁ ବ୍ରିଟିଶ କବଳରୁ ରକ୍ଷା କରିବା ପାଇଁ ଅଦାଲତରେ ଲଢେଇ କରି ଓଡ଼ିଆ ଜାତିର ସ୍ୱାଭିମାନ ଓ ମର୍ଯ୍ୟାଦାକୁ ରକ୍ଷା କରିବାରେ ସଫଳ ହୋଇଥିଲେ ସେ । ଏହି ମୋକଦ୍ଦମା ଛଡା ଅନ୍ୟ ବଡ ବଡ ମୋକଦ୍ଦମାରେ ସେ ବିଜୟୀ ହେବାର ଅନେକ ନଜିର ଅଛି । ଖାଲି ସେତିକି ନୁହେଁ ତାଙ୍କ ଏକନିଷ୍ଠ ଉଦ୍ୟମ ଯୋଗୁଁ ଭାରତରେ ମହିଳାମାନେ କୋର୍ଟରେ ଓକିଲାତି କରିବାର ସୁଯୋଗ ପାଇଥିଲେ । ତାଙ୍କର ପ୍ରତ୍ୟୁତ୍ପନ୍ନମତିତା, ବିଚକ୍ଷଣତା ଓ ସର୍ବୋପରି ହାସ୍ୟରସ ଉଦ୍ରେକ କରିବାର ଶକ୍ତି ତାଙ୍କୁ ଓକିଲାତି ବ୍ୟବସାୟରେ ଶୀର୍ଷସ୍ଥାନରେ ପହଞ୍ଚାଇ ପାରିଥିଲା । ସେଥିପାଇଁ ତାଙ୍କୁ ମଧୁ ବାରିଷ୍ଟର ବୋଲି କୁହାଯାଏ ।

ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେଇଥିଲେ ମଧୁବାବୁ । ସେ ଥିଲେ ଓଡ଼ିଶାର ପ୍ରଥମ ଶିଳ୍ପଦ୍ୟୋଗୀ । ତାଙ୍କ ପ୍ରତିଷ୍ଠିତ 'ଉତ୍କଳ ଟ୍ୟାନେରୀ'ର ଜୋତା ସେତେବେଳେ ୧୯୧୪ ପ୍ରଥମ ବିଶ୍ୱଯୁଦ୍ଧରେ ଆମଦାନୀ କରି ବ୍ୟବହାର କରିଥିଲେ ଜର୍ମାନ ସୈନିକଗଣ । ଯେଉଁଥିପାଇଁ ମଧୁବାବୁଙ୍କ ଉଦ୍ଦେଶ୍ୟରେ ମହାତ୍ମା ଗାନ୍ଧି କହିଥିଲେ– ମଧୁବାବୁଙ୍କୁ ଭେଟିବାର ସୌଭାଗ୍ୟ ମୋତେ ମିଳିଥିଲା । ସେ ଥିଲେ ଜଣେ ମହାନ୍ ଦେଶପ୍ରେମୀ । ଦେଶର ଯୁବଶକ୍ତିକୁ ଶ୍ରମର ମର୍ଯ୍ୟାଦା ସମ୍ପର୍କରେ ଶିକ୍ଷାଦେବା ପାଇଁ ସେ ଯତ୍ନବାନ ଥିଲେ । କୌଣସି ପରିସ୍ଥିତିରେ ସେ ନିଜର ସ୍ୱାଭିମାନ ଜଳାଞ୍ଜଳି ଦେଇନଥିଲେ । ଯେଉଁଥିପାଇଁ ଅନ୍ତର୍ଜାତିକ ମାନ୍ୟତା ହାସଲ କରିଥିବା ଉତ୍କଳ ଟ୍ୟାନେରୀ ପାଇଁ ସର୍ବସ୍ୱାନ୍ତ ହୋଇଯାଇଥିଲେ । ପରେ ସେ ଦେବାଳିଆ ବୋଲି ଘୋଷଣା କରାଯାଇଥିଲା । ତଥାପି ସେ ନିଜର ସ୍ୱାଭିମାନ ଛାଡିନଥିଲେ । ନିଜର ସ୍ୱାଭିମାନ ବଜାୟ ରଖିବା ପାଇଁ ପରିଣତ ବୟସରେ ବି ସେ କଚେରୀକୁ ଯାଇ ଓକିଲାତି କରିଥିଲେ । କେବଳଖ ସେତିକୁ ନୁହଗେଁ ସମଗ୍ର ଓଡ଼ିଆ ଜାତିକୁ ସ୍ୱାବଲମ୍ବୀ କରିବା ପାଇଁ ସେ ଆରମ୍ଭ କରିଥିଲେ ସୁନାରୂପାର ତାରକସି ଶିଳ୍ପ ଓ ବୟନଶିଳ୍ପ । ଆଜି ଓଡ଼ିଶାର ତାରକସି ଶିଳ୍ପ, ସମ୍ବଲପୁରୀ ଶାଢୀ, ବ୍ରହ୍ମପୁରୀ ପାଟ, ଓଡ଼ିଆ ଶିଳ୍ପୀଙ୍କ ଯେଉଁ ଅପୂର୍ବ ଶିଙ୍ଗ କାମ ଭାରତ ଓ ଭାରତ ବାହାରେ ଯେଉଁ ଟେକ ରଖିପାରିଛି, ତାପଛରେ ରହିଛି ମଧୁବାବୁଙ୍କ ସ୍ୱଦେଶୀ ସ୍ୱପ୍ନ ଓ ତାର ରୂପାୟନ ।

ମଧୁସୂଦନ ଜାତୀୟ ଜୀବନ ଉପରେ ଗୁରୁତ୍ୱ ଦେଉଥିଲେ । ଜାତିର ଟେକ ରଖିବାକୁ ସେ ସବୁବେଳେ କହୁଥିଲେ । ଓଡ଼ିଶାରେ ଜନ୍ମ ହୋଇଥିବାରୁ ସେ ନିଜକୁ ଗର୍ବିତ ଅନୁଭବ କରୁଥିଲେ । ୧୯୧୨ ମସିହା ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ସେ କହିଥିଲେ– ମୁଁ ଓଡ଼ିଆ, ଓଡ଼ିଶାରେ ଜନ୍ମଗ୍ରହଣ କରିଅଛି ଏବଂ ବାସ କରୁଅଛି । ଉତ୍କଳମାତା କୋଳରେ ମୋର ଅସ୍ଥି, ମାଂସ ରହିବ । ଯେଉଁମାନେ କୀର୍ତ୍ତି କରିଯାଇଛନ୍ତି, ସେମାନେ ମୋ ପୂର୍ବପୁରୁଷ । ତାଙ୍କ କୀର୍ତ୍ତିରକ୍ଷାର ଭାର ମୋ ଉପରେ ନ୍ୟସ୍ତ । ଉତ୍କଳ ତଥା ଦେଶର ଗୌରବ ବୃଦ୍ଧି ପାଇଁ ପ୍ରତ୍ୟେକ ପାଞ୍ଚ ମିନିଟ୍ ସମୟ ଦେବାକୁ ଆକୁଳ ନିବେଦନ କରି କହିଥିଲେ– ଉତ୍କଳର ଅସ୍ତମିତ ଗୌରବର ବିଷୟ ଥରେ ଚିନ୍ତାକର । ଏଭଳି ଚିନ୍ତା–ଚେତନାର ନେତା ଆଜିର ଦୁନିଆରେ ବିରଳ । ଖାଲି ସେତିକି ନୁହେଁ ସେ ଥିଲେ ଜଣେ ଜାତୀୟତାବାଦୀ କବି । ତାଙ୍କ କବିତାରେ ଜାତୀୟତା ଭାବ ଓ ତତ୍‌କାଳୀନ ଦେଶର ଅବସ୍ଥା ବେଶ୍ ପ୍ରତିଫଳିତ ହୋଇଥିଲା । ସେଥିପାଇଁ ସେ କହୁଥିଲେ ଅତୀତର ଉଦ୍‌ବୋଧନ ମଣିଷ ଇତିହାସରୁ ପାଏ । ଇତିହାସ ଅତୀତ ମଣିଷ ଓ ଜାତିର ସ୍ମାରକୀଲିପି । ସେଥିପାଇଁ ସେ ଲେଖିଥିଲେ–

ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତିପ୍ରାଣ ଧାର
ସେ ଧାରାରୁ ନୀର ପିଇଛି ଯେ ନର
ନିଶ୍ଚେ ହେବ ସେ ଜାତି କର୍ମବୀର ।

ଓଡ଼ିଆ ଜାତିର ଏହି ମୁକୁଟ ବିହୀନ ସମ୍ରାଟ ଆଜି ଆମ ଗହଣରେ ନାହାଁନ୍ତି । ତାଙ୍କ ୯୨ତମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଅନେକ କଥା ମନେପଡୁଛି । ଓଡ଼ିଶା ପାଇଁ, ଓଡ଼ିଆ ଜାତି ପାଇଁ ସେ ଦେଖିଥିବା ସ୍ୱପ୍ନ ଏବେବି ଅଧୁରା । ଆଜି ନେତା ଅଛନ୍ତି, ହେଲେ ସେଭଳି ନେତୃତ୍ୱ ନାହିଁ । ଓଡ଼ିଆ ଜାତିକୁ ମୁହ୍ୟମାନ ନିଦ୍ରାରୁ ଉଠାଇବା ପାଇଁ, ଓଡ଼ିଆ ଜାତିର ପ୍ରାଣ ସଞ୍ଚାରକ ମଧୁବାବୁଙ୍କ ପରି ନେତୃତ୍ୱର ଅବଶ୍ୟକତା ଅଛି । ଜୀବନ ଦୀପ ନିର୍ବାପିତ ହେବା ପର୍ଯ୍ୟନ୍ତ ସେ ଏ ଦେଶ ଓ ଜାତିକଥା ଚିନ୍ତା କରୁଥିଲେ ।


ମୋ – ୯୩୩୭୨୨୧୯୨୪

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**

ଭୁବନେଶ୍ୱର ୪ ଫେବୃଆରୀ ୨୦୨୬ ବୁଧବାର ପୃଷ୍ଠା ୫





## କ୍ୟାନସର୍ ଆତଙ୍କ ନୁହେଁ







**କ୍ୟାନସର୍ ନାଁ ଶୁଣିଲେ ମଣିଷ ଆତଙ୍କିତ ହୋଇଯାଏ । କ୍ୟାନସର୍‌ରେ ପୀଡ଼ିତ ରୋଗୀର ମନ ମରିଯାଏ । ହତାଶା ଆବୋରି ବସେ । କିନ୍ତୁ ହତାଶ ହେବାର ଦିନ ସରି ସରି ଆସୁଛି । ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ଏ ରୋଗକୁ କାବୁ କରିବାର ଔଷଧ ଏବଂ ଉପଚାରର ସନ୍ଧାନରେ ଲାଗିଛନ୍ତି । କିଛି ସଫଳତା ମିଳିଛି, ଆଗକୁ ଶହେ ପ୍ରତିଶତ ସଫଳତା ମିଳିବାର ଦାବି କରିଛନ୍ତି ବିଜ୍ଞାନୀମାନେ । ଆରମ୍ଭରୁ ଚିକିତ୍ସା କଲେ କ୍ୟାନସର୍ ଆରୋଗ୍ୟଲାଭ କରିବା ଖୁବ୍ ଗୋଟେ ବଡ଼କଥା ହୋଇ ଆଉ ନାହିଁ । ହଁ, ଆମେ ଟିକେ ସଚେତନ ହେଲେ ଏ ରୋଗକୁ ଖୁବ୍ ସହଜରେ ଦୂରେଇ ଦେଇପାରିବା । ପାନ, ସିଗାରେଟ୍, ମଦ ଏବଂ ଗୁଟ୍‌ଖା ବର୍ଜନ କଲେ କ୍ୟାନସର୍ ରୋଗକୁ ଦୂରେଇ ଦେଇ ପାରିବା ।**



### କ୍ୟାନସର୍ କ'ଣ

ଆମ ଶରୀରର ଯେକୌଣସି ସ୍ଥାନରେ ଜୀବକୋଷର ଅସ୍ୱାଭାବିକ ବୃଦ୍ଧି ହେବା ପ୍ରକ୍ରିୟାକୁ କ୍ୟାନସର୍ କୁହାଯାଉଛି । ଏ ବୃଦ୍ଧି ଶରୀରରେ ଅର୍ବୁଦ (ଗ୍ଲାଣ୍ଡ/ଟ୍ୟୁମର) କିମ୍ବା ଘା' ଆକାରରେ ହୋଇପାରେ ।

ବିଶ୍ୱରେ ହେଉଥିବା ମୃତ୍ୟୁର ଦ୍ୱିତୀୟ ବଡ଼ କାରଣ ହେଲା କ୍ୟାନସର୍ । ବିଶ୍ୱରେ ଏ ରୋଗ ମୁଖ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି । ପ୍ରତିବର୍ଷ ଭାରତରେ ଏ ରୋଗରେ କବଳିତ ହୋଇ ପ୍ରାୟ ୧୦ଲକ୍ଷ ରୋଗୀ ମୃତ୍ୟୁବରଣ କରନ୍ତି ।

ମହିଳାମାନେ ଗର୍ଭାଶୟ ଏବଂ ସ୍ତନକର୍କଟରେ ସର୍ବାଧିକ ଆକ୍ରାନ୍ତ ହୋଇଥାନ୍ତି । ପୁରୁଷମାନଙ୍କ ଠାରେ ଫୁସ୍‌ଫୁସ୍, ମୁଖ ଗହ୍ୱର, ଗଳା ଏବଂ ଖାଦ୍ୟନଳୀ କ୍ୟାନସର୍ ଅଧିକ ଦେଖାଯାଇଥାଏ ।

### ଉପଚାର ସହଜ ହେଉଛି

ଧୀରେ ଧୀରେ କ୍ୟାନସର୍‌ର ଉପଚାର କ୍ଷେତ୍ରରେ ସଫଳତା ମିଳିବାରେ ଲାଗିଛି ଏବଂ ଆଶାର ସଞ୍ଚାର ହେବାରେ ଲାଗିଛି ।

ମୁଖ୍ୟତଃ ଏ ରୋଗକୁ ଔଷଧ, ଅସ୍ତ୍ରୋପଚାର ଏବଂ ରେଡିଓ ଥେରାପି ସାହାଯ୍ୟରେ ଉପଚାର କରାଯାଏ । ଏବେ ଅସ୍ତ୍ରୋପଚାର କ୍ଷେତ୍ରରେ ଲାପ୍ରୋସ୍କୋପି ଏବଂ ରୋବଟିକ୍ ସର୍ଜରୀ ଖୁବ୍ ଫଳପ୍ରଦ ହେଉଛି । ଆଗ ଅପେକ୍ଷା ଏବେ ଖୁବ୍ ପ୍ରଭାବଶାଳୀ ପଦ୍ଧତିରେ ରେଡିଏସନ୍ ଥେରାପି ସାହାଯ୍ୟରେ ଟ୍ୟୁମର ନିଶ୍ଚିହ୍ନ କରାଯାଇ ପାରୁଛି । ଏଭଳି ରେଡିଏସନ୍ ଥେରାପିକୁ 'ଇମେଜ୍ ଗାଇଡେଡ୍ ରେଡିଏସନ୍ ଥେରାପି' କୁହାଯାଉଛି । ଏ ପଦ୍ଧତିରେ ବିକିରଣର ପାର୍ଶ୍ୱ କୁପ୍ରଭାବକୁ ଏଡ଼େଇ ଦେଇ ହେଉଛି ଏବଂ ସୁସ୍ଥ ଅଙ୍ଗକୁ ରକ୍ଷା କରି ହେଉଛି । ଏଥିସହିତ 'ଇଣ୍ଟାସିଟି ମାଡ୍ୟୁଲେଟିଡ୍ ରେଡିଏସନ୍ ଥେରାପି ଏବଂ ଥ୍ରୀ-ଡି କନ୍‌ଫର୍ମମାଲ ରେଡିଏସନ୍ ଥେରାପି ଦ୍ୱାରା ମଧ୍ୟ ଉପଚାର ସମ୍ଭବ ହେଉଛି ।

### ରେଡିଏସନ୍ ଥେରାପି

ରେଡିଏସନ୍‌ର ନୂଆ ଟେକ୍ନୋଲୋଜି ମଧ୍ୟରେ ଷ୍ଟିରିୟୋଟେକ୍ଟିକ ରେଡିଏସନ୍ ଥେରାପୀ, ଗାମା ନାଇଫ ଓ ସାଇବର ନାଇଫ୍ ସାମିଲ । ସାଇବର ନାଇଫ୍ କୌଶଳ ରେଡିଓଥେରାପିର ସବୁଠାରୁ ନୂଆ ପଦ୍ଧତି । ପାରମ୍ପରିକ ରେଡିଓଥେରାପି ତୁଳନାରେ ଏହା ଅଧିକ ନିଖୁଣ ଭାବରେ ଚିକିତ୍ସା କରିପାରେ ।

କ୍ୟାନସର୍ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହେଉଥିବା କେମୋଥେରାପିର ପଦ୍ଧତି ଏବେ ଆହୁରି ଉନ୍ନତ ହୋଇଯାଇଛି । ଏ ମଧ୍ୟରେ ରହିଛି ନିୟୋ-ଆଡଜୁଭେଣ୍ଟ କେମୋଥେରାପି, ମେଣ୍ଟେନାନ୍ସ ଥେରାପି ଓ ପ୍ୟାଲିଏଟିଭ୍ ଥେରାପି ।

ଆମ ଦେଶରେ ସବୁ କ୍ୟାନସର୍ ମଧ୍ୟରେ ମୁଖ କ୍ୟାନସର୍ ରୋଗୀଙ୍କ ସଂଖ୍ୟା ସର୍ବାଧିକ । ଏହାର ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ସାରା ପୃଥିବୀରେ ଯେତିକି ମାଉଥ୍ କ୍ୟାନସର୍ ରୋଗୀ ଅଛନ୍ତି ସେମାନଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ରୋଗୀ ଭାରତର । ଆମ ଦେଶରେ ମାଉଥ୍ କ୍ୟାନସର୍‌ର ମୁଖ୍ୟ କାରଣ ଗୁଟ୍‌ଖା ଓ ଅନ୍ୟ ତମାଖୁ ଉତ୍ପାଦନର ସେବନ । କମ୍ ବୟସରେ ଗୁଟ୍‌ଖା ଓ ତମାଖୁ ଅଭ୍ୟାସ ହେବା ଫଳରେ ଏବେ ଯୁବାବସ୍ଥାରେ ବି ଏ ରୋଗ ଦେଖାଯାଉଛି । ଗୁଟ୍‌ଖା ବ୍ୟତୀତ ନିୟମିତ ଧୂମପାନ ଓ ମଦ୍ୟପାନ ମାଉଥ୍ କ୍ୟାନସର୍‌ର ସମସ୍ୟା ବଢ଼ାଏ ।

ମାଉଥ୍ କ୍ୟାନସର୍ ଗାଲ, ମାଢ଼ି କିମ୍ବା ଜିଭରେ ଆରମ୍ଭ ହୁଏ । ଛୋଟ ଘା' ଭାବରେ ଏହା ଆରମ୍ଭ ହୁଏ, ସେତେବେଳେ କୌଣସି ଯନ୍ତ୍ରଣା ହୁଏନି । ତେଣୁ ପ୍ରାୟ ସମସ୍ତେ ପ୍ରାଥମିକ ଅବସ୍ଥାରେ ଏହାକୁ ଅଣଦେଖା କରିଦିଅନ୍ତି । ଏହି ଅଲସର୍ ବଢ଼ିଲେ ଧୀରେ ଧୀରେ କ୍ୟାନସର୍‌ର ଲକ୍ଷଣ ପ୍ରକାଶ ପାଏ । କିନ୍ତୁ ଅଧିକାଂଶ ସମୟରେ କ୍ୟାନସର୍ ବେକର ଗ୍ରନ୍ଥି ବା ଅନ୍ୟ ଭାଗ ପର୍ଯ୍ୟନ୍ତ ବ୍ୟାପି ଯାଇଥାଏ । ଏ ସ୍ଥିତିରେ ଚିକିତ୍ସା କଲେ ଆରୋଗ୍ୟଲାଭର ସମ୍ଭାବନା ଖୁବ୍ କମ୍ ଥାଏ । ଦେଶରେ ଅଧିକାଂଶ ମାଉଥ୍ କ୍ୟାନସର୍ ରୋଗୀଙ୍କର ପ୍ରାଥମିକ ଅବସ୍ଥାରେ ରୋଗ ଚିହ୍ନଟ ହୋଇପାରେନି ।

ଅଧିକାଂଶ ରୋଗୀ କ୍ୟାନସର୍ ରୋଗର ବାୟୋପ୍ସି ଯାଞ୍ଚ କରାଇବାକୁ ଭୟ କରନ୍ତି । ସେମାନଙ୍କର ଧାରଣା ବାୟୋପ୍ସି ଯାଞ୍ଚ କଷ୍ଟକର ଏବଂ ଏହା ପରେ କ୍ୟାନସର୍ ବ୍ୟାପିଯାଏ । ମାତ୍ର ପ୍ରକୃତ କଥା ହେଉଛି ରୋଗୀର କ୍ୟାନସର୍ ଆଶଙ୍କା ଥିବା ସ୍ଥାନରୁ ମଟରଦାନା ଆକାରର ଅଂଶ କଟାଯାଇ ବାୟୋପ୍ସି ପାଇଁ ନିଆଯାଏ । ବାୟୋପ୍ସି ପରେ ଜଣାପଡେ ରୋଗୀପାଇଁ କେଉଁ ଚିକିତ୍ସା ପଦ୍ଧତି ଠିକ୍ ।

ପ୍ରାଥମିକ ଅବସ୍ଥାରେ ପରମ୍ପରାଗତ ସର୍ଜରୀ ବା ଆଧୁନିକ ଲେଜର ସର୍ଜରୀ ଦ୍ୱାରା ଖୁବ୍ ଭଲ ଭାବରେ ଚିକିତ୍ସା କରିହୁଏ । ମାତ୍ର ସମସ୍ୟା ବଢ଼ିଲେ ମୁଖର ବିଭିନ୍ନ ଭାଗ ସର୍ଜରୀ କରାଯାଏ । ରୋଗ ଯେତେ ପୁରୁଣା ହୁଏ ଚିକିତ୍ସା ସେତେ ବ୍ୟୟସାପେକ୍ଷ ଓ କଷ୍ଟକର ହୁଏ ।



ମାଉଥ୍ କ୍ୟାନସର୍ ପରେ ଅନ୍ୟତମ ବଡ଼ ସମସ୍ୟା ହେଉଛି ସ୍ତନ କର୍କଟ ବା ବ୍ରେଷ୍ଟ କ୍ୟାନସର୍ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ପୂର୍ବାନୁମାନ ଅନୁଯାୟୀ ୨୦୨୦ ମସିହା ବେଳକୁ ଭାରତରେ ପ୍ରତି ସାତଜଣରେ ଜଣେ ମହିଳା ବ୍ରେଷ୍ଟ କ୍ୟାନସର୍‌ରେ ପୀଡ଼ିତ ଥିବେ । ଭାରତରେ ମହିଳାମାନେ ପ୍ରାଥମିକ ଅବସ୍ଥାରେ ନିଜକୁ ଅଣଦେଖା କରିବା ଅଧିକାଂଶ କ୍ଷେତ୍ରରେ ସ୍ତନକର୍କଟ ପରିମାଣ ବୃଦ୍ଧିର କାରଣ । ସ୍ତନରେ ଥିବା ଗେଟି ଯନ୍ତ୍ରଣା ନଦେବା ପର୍ଯ୍ୟନ୍ତ କେହି ଏଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ । ଅନେକ ସମୟରେ ଏହି ଗେଟିରେ ଯନ୍ତ୍ରଣା ବି ସୃଷ୍ଟି ହୁଏନି । ଏ ସ୍ଥଳରେ ରୋଗୀ ପ୍ରତି ବିପଦ ଆହୁରି ବଢ଼ିଯାଏ ।

ଦେଶରେ ବ୍ରେଷ୍ଟ କ୍ୟାନସର୍ ବୃଦ୍ଧିର ମୁଖ୍ୟ କାରଣ ଜୀବନଶୈଳୀରେ ପରିବର୍ତ୍ତନ । ଆଜିକାଲି କ୍ୟାରିଅର୍‌କୁ ଅଧିକ ଗୁରୁତ୍ୱ ଦେବା କାରଣରୁ ମହିଳାମାନେ ପ୍ରାୟ ୩୦ବର୍ଷ ପରେ ହିଁ ମା' ହେଉଛନ୍ତି ।



ଏହାଛଡ଼ା ସ୍ତନ୍ୟପାନର ଅବଧି ମଧ୍ୟ କମ୍ ହେଉଛି । ଏହା କ୍ୟାନସର୍‌ର ମୁଖ୍ୟ କାରଣ । ଏହା ବ୍ୟତୀତ ଋତୁସ୍ରାବରେ ଅନିୟମିତତା ଓ ସ୍ତ୍ରୀ ହରମୋନ୍‌ରେ ଅସନ୍ତୁଳନ ମଧ୍ୟ ବ୍ରେଷ୍ଟ କ୍ୟାନସର୍‌ର କାରଣ ।

ପରିବାରରେ ବ୍ରେଷ୍ଟ କ୍ୟାନସର୍ ଥିଲେ ଏହାର ସମ୍ଭାବନା ଅଧିକ ଥାଏ । ଏପରି ମହିଳାମାନେ ୪୦ବର୍ଷ ପରେ ଓ ପରିବାରରେ ଏ ସମସ୍ୟା ନଥିବା ମହିଳାମାନେ ୫୦ବର୍ଷ ପରେ ବର୍ଷରେ ଥରେ ମେମୋଗ୍ରାଫି ଟେଷ୍ଟ କରାଇନେବା ଆବଶ୍ୟକ । ମେମୋଗ୍ରାଫି ଜରିଆରେ ପ୍ରାରମ୍ଭିକ ଦିନମାନଙ୍କରେ କ୍ୟାନସର୍ ସମ୍ପର୍କରେ ଜଣାପଡିଯାଏ ଓ ଠିକ୍ ସମୟରେ ଚିକିତ୍ସା ହୋଇପାରେ । ବ୍ରେଷ୍ଟ କ୍ୟାନସର୍ ଧୀରେ ଧୀରେ ବୃଦ୍ଧିପାଏ । ବେଳେବେଳେ ଏକ ସେମି ଆକାରର ଗୋଟି ହେବା ପାଇଁ ୧୦ବର୍ଷ ଲାଗିଯାଏ । ତେଣୁ ମଝିରେ ମଝିରେ ଯାଞ୍ଚ ଏଥିରୁ ବର୍ତ୍ତିବାର ସବୁଠାରୁ ସଫଳ ଉପାୟ । ଜଣାପଡିଲେ କେମୋଥେରାପି, ରେଡିଓଥେରାପି ଓ ସର୍ଜରୀ ଦ୍ୱାରା ଏହାର ଚିକିତ୍ସା କରିହେବ ।

### ଷ୍ଟୋମାକ୍ କ୍ୟାନ୍‌ସର

ଷ୍ଟୋମାକ୍ ବା ଅମାଶୟ କ୍ୟାନସର୍ ପାଚନ ପ୍ରଣାଳୀକୁ ପ୍ରଭାବିତ କରେ । ଧୀରେ ଧୀରେ ପାଚନତନ୍ତ୍ର କାମ କରିବା ବନ୍ଦ କରିଦିଏ ।

ପ୍ରଥମରୁ ଏହି ରୋଗର କୌଣସି ଲକ୍ଷଣ ପ୍ରକାଶ ପାଏନାହିଁ । ଯେଉଁ ଲକ୍ଷଣ ବି ଦେଖାଯାଏ ଏହା ସ୍ପଷ୍ଟ ନଥାଏ । ପେଟ ଯନ୍ତ୍ରଣା, ପେଟ ଫୁଲିବା, ଦେହ ବୁଲାଇବା, ବାନ୍ତି ହେବା, ମଳତ୍ୟାଗ ଅଭ୍ୟାସରେ ପରିବର୍ତ୍ତନ, ଓଜନ କମ୍ ହେବା ଆଦି ଲକ୍ଷଣ ଦେଖାଯାଏ । ଏହାକୁ ସାଧାରଣତଃ କେହି ଷ୍ଟୋମାକ୍ କ୍ୟାନସର୍‌ର ଲକ୍ଷଣ ବୋଲି ମନେକରନ୍ତି ନାହିଁ । ଲୋକମାନେ ଏହାକୁ ଅନ୍ୟ ରୋଗର ଲକ୍ଷଣ ବୋଲି ମନେକରନ୍ତି । ଷ୍ଟୋମାକ୍ କ୍ୟାନସର୍ ଅଧିକ ବ୍ୟାପିଯିବା ପରେ ରୋଗୀର ଖାଦ୍ୟ ହଜମ ହୁଏନାହିଁ, ପେଟରେ ଅଲ୍‌ସର ହୁଏ ଏବଂ ଭାଇରାଲ୍ ଫିଭର୍ ରହେ । ଧୂମପାନ ଓ ଅଧିକ ମାତ୍ରାରେ ମଦ୍ୟପାନ ଷ୍ଟୋମାକ୍ କ୍ୟାନସର୍‌ର ମୁଖ୍ୟ କାରଣ । ଏଚ୍.ପାୟଲୋରୀ ନାମକ ଭୂତାଣୁ ଦ୍ୱାରା ମଧ୍ୟ ପେଟରେ ସଂକ୍ରମଣ ସୃଷ୍ଟିହୁଏ । ଶୀତଳିକୃତ ଖାଦ୍ୟ ମଧ୍ୟ ଷ୍ଟୋମାକ୍ କ୍ୟାନସର୍‌ର ଅନ୍ୟତମ ମୁଖ୍ୟ କାରଣ । ଏହାକୁ ରୋକିବା ପାଇଁ ଯେତେଦୂର ସମ୍ଭବ ତାଜା ରନ୍ଧା ହୋଇଥିବା ଖାଦ୍ୟ ଖାଇବା ଉଚିତ୍ । ଶରୀରରେ ଭିଟାମିନ୍ ବି-୧୨ର ଅଭାବ ମଧ୍ୟ ଷ୍ଟୋମାକ୍ କ୍ୟାନସର୍‌ର କାରଣ ହୋଇପାରେ । କ୍ୟାନସର୍ କେତେଦୂର ବ୍ୟାପିଗଲାଣି ଏହା ଉପରେ ରୋଗର ଚିକିତ୍ସା ନିର୍ଭରକରେ । ବିଭିନ୍ନ ଯାଞ୍ଚ ସମୟରେ କ୍ୟାନସର୍ ବ୍ୟାପିବାର କୌଣସି ସଙ୍କେତ ନମିଳିଲେ ଟ୍ୟୁମର୍‌ର ଆକାର କମ୍ କରିବା ପାଇଁ ଅଧିକାଂଶ ରୋଗୀଙ୍କୁ ୩ମାସ ପର୍ଯ୍ୟନ୍ତ କେମୋଥେରାପି ଦିଆଯାଏ କିମ୍ବା ସର୍ଜରୀ କରାଯାଏ ।

ଷ୍ଟୋମାକ୍ କ୍ୟାନସର୍‌ର ଚିକିତ୍ସାରେ ବର୍ତ୍ତମାନ ଏକ ଔଷଧ ଫର୍ମୁଲା ବ୍ୟବହାର କରାଯାଉଛି, ଏହାର ନାମ 'ଟ୍ରାସ୍‌ଟ୍ୟୁଜୁମେବ୍' । ପ୍ରଥମେ ଏହି ଫର୍ମୁଲାରେ ପ୍ରସ୍ତୁତ ଔଷଧ ବ୍ରେଷ୍ଟ କ୍ୟାନସର୍ ପାଇଁ ବ୍ୟବହାର କରାଯାଉଥିଲା । ଏବେ ଏହି ଫର୍ମୁଲା ଷ୍ଟୋମାକ୍ କ୍ୟାନସର୍‌ର ଚିକିତ୍ସା ପାଇଁ ମଧ୍ୟ ବ୍ୟବହାର କରାଯାଉଛି । ଏହି ଔଷଧକୁ କେମୋଥେରାପି ସହ ବ୍ୟବହାର କରାଯାଏ । ବର୍ତ୍ତମାନ ଏହାର ଦାମ୍ ଖୁବ୍ ଅଧିକ ଏବଂ କେବଳ ଆମେରିକାରୁ ଅଣାଯାଉଛି ।



---

## ଆମେ ଭଲ ନାଗରିକ ହେବା କେବେ



**ଆଗରୁ ବିଦେଶୀମାନେ କହୁଥିଲେ, ଏବେ ଭାରତୀୟମାନେ ମଧ୍ୟ ଅନୁଭବ କଲେଣି ଆମ ଲୋକଙ୍କ ଭିତରେ ସିଭିକ୍ ସେନ୍ସର ଅଭାବ ଅଛି । ସ୍ୱାସ୍ଥ୍ୟ ଏବଂ ପରିମଳକୁ ନେଇ ଆମ ଦେଶରେ ସଚେତନତାର ଅଭାବ ଅଛି । ଆଗରୁ ବିଦେଶୀ ଅଧ୍ୟୟନକାରୀମାନେ ଭାରତକୁ ଅପରିଷ୍କାର, ପଛୁଆ ଏବଂ ଦୁର୍ନୀତିଗ୍ରସ୍ତ ଦେଶ ବୋଲି କହୁଥିଲେ । ଏହି ସର୍ବେକ୍ଷଣ ଭାରତୀୟମାନଙ୍କ ମଧ୍ୟରେ କ୍ରୋଧ ସୃଷ୍ଟି କରୁଥିଲା, କିନ୍ତୁ ସେମାନେ ସଜାଗ ହେଉନଥିଲେ । ହେଲେ ଏବେ ଅନେକ ଜିନିଷ ନିଜକୁ ଖରାପ ଲାଗୁଛି । ଦେଶରେ ସହରୀକରଣ ବଢୁଛି । ମହାନଗରଗୁଡ଼ିକରେ ଲୋକସଂଖ୍ୟା ବଢ଼ିବାରେ ଲାଗିଛି । କାମ କରିବା ଏବଂ ରହିବା ଶୈଳୀ ବଦଳୁଛି । ସଡ଼କରେ ବିଦେଶୀ ଗାଡ଼ି ଛୁଟୁଛି । ମେଟ୍ରୋ ଟ୍ରେନ୍ ମଧ୍ୟ ଚାଲିଛି । ଧୀରେ ଧୀରେ ଅନୁଭବ ହେଉଛି ସହରର ଢାଞ୍ଚା ବଦଳୁଛି । ହେଲେ ଏହି ପରିବର୍ତ୍ତନ ସହ ତାଳଦେଇ ଆମ ଆଚରଣ ଏବଂ ବ୍ୟବହାର ବଦଳୁନି ବା ଉନ୍ନତ ହେଉନି ।**



### ଘର ଅଳିଆ ରାସ୍ତାରେ

ଏବେ ଲୋକମାନେ ସହରରେ ହାଉସିଂ ସୋସାଇଟି ବନାଉଛନ୍ତି, ନିଜକୁ ଖୁବ୍ ଆଧୁନିକ ପ୍ରତିପାଦିତ କରିବା ପାଇଁ ସୋସାଇଟି ଭିତରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଉଛି । ହେଲେ ସବୁ ଘରର ଅଳିଆ ରାସ୍ତାରେ ପଡୁଛି । ବହୁତଳ ଅଟ୍ଟାଳିକାରେ ରହୁଥିବା ଲୋକେ ଘର ପୋଛି ମଇଳା ପାଣି ବାଲକୋନିରୁ ରାସ୍ତାକୁ ଫିଙ୍ଗୁଛନ୍ତି । ଆପାର୍ଟମେଣ୍ଟରେ ରହୁଛନ୍ତି, ହେଲେ ପଡ଼ୋଶୀଙ୍କ ବିଷୟରେ ଚିନ୍ତା ନକରି ରାତିଅଧରେ ଉଚ୍ଚ ସ୍ୱରରେ ମ୍ୟୁଜିକ୍ ସିଷ୍ଟମ୍ ବଜାଉଛନ୍ତି । ଯେତେ ଶିକ୍ଷିତ ଲୋକ ହେଲେ ବି ରାସ୍ତାରେ ବରଯାତ୍ରୀ ନେବା ବେଳେ ରାସ୍ତା ମଝିରେ ନାଚଗୀତ ଚାଲୁଛି । ବରଯାତ୍ରୀ ପାଇଁ ଘଣ୍ଟା ଘଣ୍ଟା ଧରି ଗାଡ଼ିମଟର ଅଟକି ରହୁଛି । କିନ୍ତୁ ଅନ୍ୟ ଲୋକଙ୍କୁ ଯେ ଅସୁବିଧା ହେଉଛି ଏ ନେଇ ଚିନ୍ତା ନାହିଁ କାହାର । ସଡ଼କ ଚଉଡ଼ା ହେବାରେ ଲାଗିଛି, ଆଧୁନିକ ଦାମୀ ଗାଡ଼ି ସଂଖ୍ୟା ବଢୁଛି, ହେଲେ ଏସବୁ ଗାଡ଼ିର ମାଲିକ ଲେନ୍ ବିଷୟରେ ଚିନ୍ତା କରୁନାହାନ୍ତି କିମ୍ବା ସ୍ପିଡ୍ ବିଷୟରେ ଚିନ୍ତା କରୁନାହାନ୍ତି । ସେମିତି ପଥଚାରୀମାନେ ମଧ୍ୟ ଭାବୁନାହାନ୍ତି ଟ୍ରାଫିକ୍‌ରେ ନାଲି ଲାଇଟ୍ ଜଳିବା ବେଳେ ରାସ୍ତା ଅତିକ୍ରମ କରିବା ବିପଦ ବୋଲି । ସେମାନେ ଯେତେବେଳେ ଚାହୁଁଛନ୍ତି ରାସ୍ତା ପାର କରୁଛନ୍ତି । ଆମ ଲୋକମାନଙ୍କୁ ମେଟ୍ରୋ ପରି ଆଧୁନିକ ସୁବିଧା ଦରକାର । କିନ୍ତୁ ଏଥିରେ ଚଢ଼ିବା ପାଇଁ ଧାଡ଼ିରେ ଛିଡ଼ା ହେବାର ଧୈର୍ଯ୍ୟ ନାହିଁ ଆମ ପାଖରେ । ଜଣେ ଅନ୍ୟ ଜଣଙ୍କୁ ଧକ୍କା ଦେଇ ଆଗ ଚଢ଼ିବାକୁ ପ୍ରସ୍ତୁତ । ରାସ୍ତା କଡ଼ରେ ପରିସ୍ରା କରିବା, ଛେପ ପକାଇବା, ନାକ ପୋଛିବା, ଫଳଚୋପା, ଗୁଟ୍‌ଖା ପାଉଚ୍ ଆଦି ପକାଇବା ଖୁବ୍ ସାଧାରଣ କଥା ।

କମନୱେଲ୍‌ଥ ଗେମ୍ସକୁ ଆସିଥିବା ବିଦେଶୀ ଅତିଥିମାନେ ଯେତେବେଳେ ଆମ କ୍ରୀଡ଼ାଗ୍ରାମର ଅବ୍ୟବସ୍ଥା ସମ୍ପର୍କରେ ସମାଲୋଚନା କଲେ ସେତେବେଳେ ଆମକୁ ଖରାପ ଲାଗିଲା । ଉତ୍ତରରେ କର୍ତ୍ତୃପକ୍ଷ କହିଲେ, ପରିମଳ ବ୍ୟବସ୍ଥାକୁ ନେଇ ଆମ ଦେଶରେ ଏବଂ ବିଦେଶରେ ମାପଦଣ୍ଡର ଭିନ୍ନତା ଅଛି । ଭୌଗୋଳିକ ପରିବେଶରେ ଭିନ୍ନତା ଯୋଗୁଁ ଅବଶ୍ୟ ମାପଦଣ୍ଡରେ କିଛି ଭିନ୍ନତା ଥିବ । କିନ୍ତୁ ପ୍ରକୃତରେ ପରିମଳ, ଗମନାଗମନ ଏବଂ ନାଗରିକ ଜୀବନକୁ ନେଇ ଭାରତୀୟ ମାପଦଣ୍ଡ କ'ଣ ? ଏହାର ଉତ୍ତର ବୋଧହୁଏ କାହା ପାଖରେ ନଥିବ !

### ଏଜେଣ୍ଡାରେ ସ୍ୱଚ୍ଛତା

ସତ କହିବାକୁ ଗଲେ ପରିଷ୍କାର ପରିଚ୍ଛନ୍ନତା, ପରିବେଶ, ପରିମଳ ଆମ ସରକାରଙ୍କ ପାଇଁ କିମ୍ବା ଆମ ସମାଜ ପାଇଁ କୌଣସି ବଡ଼ ପ୍ରସଙ୍ଗ ନୁହେଁ । କାରଣ ଆମ ନେତାମାନେ ସାମାଜିକ ଜୀବନର ପ୍ରଶ୍ନକୁ ରାଷ୍ଟ୍ରୀୟତା ସହ ଯୋଡ଼ି ନାହାନ୍ତି । କିନ୍ତୁ ଅନେକ ବିକାଶଶୀଳ ଦେଶରେ ଏହା ଏକ ମୁଖ୍ୟ ପ୍ରସଙ୍ଗ । ଆମେ ଭିଏତ୍‌ନାମକୁ ଏହାର ଉଦାହରଣ ଭାବରେ ନେଇପାରିବା । ଭିଏତ୍‌ନାମର ଜନନାୟକ ହୋ ଚି ମିନ୍ ପରିମଳକୁ ରାଜନୈତିକ ଚେତନା ଏବଂ ଦେଶ ଭକ୍ତିର ଏକ ଅଭିନ୍ନ ଅଂଶରେ ପରିଣତ କରିଥିଲେ । ଯେତେବେଳେ ତାଙ୍କୁ ସମୟ ମିଳୁଥିଲା, ସେତେବେଳେ ସେ ରାସ୍ତା ଝାଡୁ କରିବା ପାଇଁ ବାହାରି ପଡୁଥିଲେ । ଭାରତରେ କେବଳ ଗାନ୍ଧୀ ଏହାକୁ ଅନୁଭବ କରିଥିଲେ । କିନ୍ତୁ ସେ ଉନ୍ନତ ନାଗରିକ ଜୀବନ ପ୍ରସଙ୍ଗକୁ ରାଜନୈତିକ ସ୍ୱାଧୀନତାର ସ୍ୱପ୍ନ ସହ ଯୋଡ଼ିପାରି ନଥିଲେ । ଜାତୀୟ କଂଗ୍ରେସ ଏହି ପ୍ରସଙ୍ଗ ନେଇ ତାଙ୍କ ସହ ସହମତ ହୋଇନଥିଲା । କଂଗ୍ରେସ ପାଇଁ ସାମାଜିକ ପ୍ରସଙ୍ଗ କେବେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନଥିଲା । ଏହି ପ୍ରସଙ୍ଗକୁ ସାମିଲ କରିବା ପାଇଁ କଂଗ୍ରେସର ଆଗ୍ରହ ମଧ୍ୟ ନଥିଲା । ଦଳର ଅଧିକାଂଶ ନେତା ଗାନ୍ଧୀଜୀଙ୍କର ପରିମଳ ଆଗ୍ରହକୁ ତାଙ୍କର ନିଜସ୍ୱ ଆଗ୍ରହ ବୋଲି ସ୍ୱୀକାର କରୁଥିଲେ । ଆଧୁନିକ ସମାଜର ସମର୍ଥକ ନେହରୁ ମଧ୍ୟ ନାଗରିକ ଜୀବନ ପ୍ରସଙ୍ଗକୁ କେବେ ଗୁରୁତ୍ୱ ଦେଇନଥିଲେ । ପ୍ରକୃତରେ ତାଙ୍କୁ ଏବଂ ଅନ୍ୟ ନେତାମାନଙ୍କୁ ଲାଗୁଥିଲା, ସ୍ୱାଧୀନତା ପାଇବା ପରେ ସବୁକିଛି ମନକୁ ମନ ଠିକ୍ ହୋଇଯିବ । ସେତେବେଳେ ସେମାନେ ବୋଧହୁଏ ବୁଝିପାରିଲେ ନାହିଁ ସ୍ୱାଧୀନତା ହାସଲ କରିବା ପରେ ରାଷ୍ଟ୍ରକୁ ଦୃଢ଼ ରଖିବା ନିମନ୍ତେ ଆମକୁ ଏକ ସଚେତନ ନାଗରିକ ସମାଜ ଆବଶ୍ୟକ ହେବ । ଆଉ କିଛି ନେତାଙ୍କୁ ଲାଗେ ଭାରତ ପରି ଗରିବ ଦେଶ ପାଇଁ କ୍ଷୁଧା ନିବାରଣ ସବୁଠାରୁ ବଡ଼ ପ୍ରସଙ୍ଗ । ପରିମଳ ଏବଂ ନାଗରିକ ଜୀବନ ଏହା ଠାରୁ ଢେର୍ ପଛରେ । ଏହି କାରଣରୁ ସ୍ୱାଧୀନତା ପରେ ମଧ୍ୟ ବାମପନ୍ଥୀମାନେ କିମ୍ବା ଅନ୍ୟ କୌଣସି ନୀତିବାଦୀମାନେ ଏହାକୁ ଜନଆନ୍ଦୋଳନର ପ୍ରସଙ୍ଗ କରିନଥିଲେ ।

### ଅସହଯୋଗ ମନୋଭାବ

ସ୍ୱାଧୀନତା ଆନ୍ଦୋଳନ ସମୟରେ ସରକାରଙ୍କ ସହ ଅସହଯୋଗ ଏବଂ ଆଇନଭଙ୍ଗକୁ ନେତାମାନେ ଏକ ହତିଆର ଭାବେ ବ୍ୟବହାର କରୁଥିଲେ । ସ୍ୱାଧୀନତା ଲାଭ କରିବା ପରେ ମଧ୍ୟ ଲୋକମାନଙ୍କ ମନରୁ ଏହାର ସ୍ମୃତି ଲିଭି ପାରିନି । ସରକାରଙ୍କ ପ୍ରତି ସେହି ଅସହଯୋଗ ଭାବନା ଏବେ ବି ରହିଛି । ସରକାରଙ୍କୁ ନିଜର ଶତ୍ରୁ ଭାବରେ ଦେଖିବାର ମନୋଭାବ ଏବେ ବି ଲୋକଙ୍କ ଭିତରେ ରହିଛି । ନିୟମର ଉଲ୍ଲଂଘନ କୌଣସି ନା କୌଣସି ରୂପରେ ଏହି ମନୋଭାବର ଅଭିବ୍ୟକ୍ତି । ଆମ ଦେଶରେ କୌଣସି ଦାବି ପୂରଣ ପାଇଁ ସର୍ବପ୍ରଥମେ ରାସ୍ତା ବନ୍ଦ କରି ଧର୍ମଘଟ କରାଯାଏ । ଏଥିରେ ସାଧାରଣ ଲୋକଙ୍କର ଯାତାୟାତରେ ଅସୁବିଧା ହୁଏ । ଏହାପରେ ସେମାନେ ସାର୍ବଜନୀନ ସମ୍ପତ୍ତି ଉପରେ ଆକ୍ରମଣ କରନ୍ତି । ଦୁର୍ଭାଗ୍ୟବଶତଃ ସରକାରୀ ଅନୁଷ୍ଠାନମାନେ ମଧ୍ୟ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରି ନାହାନ୍ତି ଏପର୍ଯ୍ୟନ୍ତ । ଏହି କାରଣରୁ ସେମାନଙ୍କୁ ଜନସହଯୋଗ ମିଳିପାରି ନାହିଁ ।

ସନ୍ତୁଳିତ ନାଗରିକ ଜୀବନ ପାଇଁ ନାଗରିକମାନଙ୍କ ମଧ୍ୟରେ ସମାନତା ଭାବ ଆସିବା ଖୁବ୍ ଜରୁରୀ । କିନ୍ତୁ ଭାରତରେ ଯେପରି ଭାବରେ ଜାତି, ଧର୍ମ, ଅଞ୍ଚଳକୁ ନେଇ ରାଜନୀତି ହେଉଛି, ସେଥିରେ ଲୋକଙ୍କ ମନରେ ଅନେକ ପ୍ରଭେଦ ସୃଷ୍ଟି ହେଉଛି । ଫଳରେ ଲୋକମାନଙ୍କ ମଧ୍ୟରେ ସହଯୋଗ ପ୍ରବୃତ୍ତି ବୃଦ୍ଧି ପାଇପାରୁନାହିଁ । ଏହା ବ୍ୟତୀତ ଆର୍ଥିକ ଏବଂ ଶିକ୍ଷାକ୍ଷେତ୍ରରେ ଅସନ୍ତୁଳନ ରହିଛି । ଏହାଛଡ଼ା ସହରରେ ରହୁଥିବା ଅନେକ ଲୋକ ନିଜ ସହ ଗାଁର ସ୍ମୃତି ନେଇ ଆସିଥାନ୍ତି, ଯାହା ସେମାନଙ୍କ ଅବଚେତନ ମନରେ ବସାବାନ୍ଧି ରହିଥାଏ । ସେମାନେ ସବୁବେଳେ ସହରକୁ ଗାଁ ସହ ତୁଳନା କରନ୍ତି । ଗାଁରେ ସହର ପରି ପରିମଳ ଏବଂ ଟ୍ରାଫିକ୍ ସମସ୍ୟା ନଥାଏ । ତେଣୁ ସହରର ମାପଦଣ୍ଡକୁ ସେମାନେ ମାନସିକ ଭାବରେ ଗ୍ରହଣ କରିପାରନ୍ତିନି । ଆମ ଦେଶରେ ବିକାଶର ଯେଉଁ ମଡେଲ୍ ଅଛି, ତାହାର ମୁଖ୍ୟ ଅଂଶ ସହରୀକରଣ । ତେବେ କେବଳ ଚଉଡ଼ା ରାସ୍ତା କିମ୍ବା ଉଚ୍ଚ ଅଟ୍ଟାଳିକା ତିଆରି କରିଦେଲେ ସହର ହୋଇଯାଏନି । ସହରୀକରଣ ପାଇଁ ନାଗରିକମାନଙ୍କୁ ମାନସିକ ଭାବରେ ପ୍ରସ୍ତୁତ କରିବାକୁ ହୁଏ । ତେବେ ପ୍ରଥମେ ଆମର ରାଜନେତାମାନେ ଏଥିପାଇଁ ପ୍ରସ୍ତୁତ ହେଲେ, ଏହା ସମ୍ଭବ ହୋଇପାରିବ ।



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

କେନ୍ଦ୍ରାପଡା ୪ ଫେବୃଆରୀ ୨୦୨୬ । ବୁଧବାର


## ପାଣି ପାଇଁ ପଞ୍ଚାୟତ ଅଫିସ ଘେରାଉ



**ବାଣପୁର,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଖରାଦିନେ ସାଧାରଣତଃ ପାନୀୟ ଜଳ ସମସ୍ୟା ଦେଖାଦେଇଥାଏ । ଚିଲିକା ବ୍ଲକ ବଡ଼କୁଳ ପଞ୍ଚାୟତ ସୁବୁଦ୍ଧି ପାଟଣା ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଗାଁରେ ୧୦୦ ପରିବାରକୁ ମାତ୍ର ୨ଟି ଷ୍ଟାଣ୍ଡ ପୋଷ୍ଟ ରହିଛି । ଗାଁରେ ନଳକୂପ ଥିଲେ ବି ଖାରିପାଣି ଯୋଗୁଁ ତାହା ବ୍ୟବହାର ଯୋଗ୍ୟ ନୁହେଁ ବୋଲି କହିଛନ୍ତି ଗ୍ରାମବାସୀ । ଏ ସମ୍ପର୍କରେ ଦୀର୍ଘ ଦିନଧରି ବିଡ଼ିଓ, ଜେଇ ଓ ସରପଞ୍ଚଙ୍କୁ ବାରମ୍ବାର ଗୁହାରି କରିଲେ ମଧ୍ୟ କେହି ଶୁଣୁନାହାନ୍ତି ।

ମଙ୍ଗଳବାର ଗାଁର କିଛି ମହିଳା ଓ ପୁରୁଷମାନେ ଆସି ପଞ୍ଚାୟତ ଅଫିସ ଆଗରେ ଧାରଣାରେ ବସିଥିଲେ । ପାଣି ନାହିଁ ତ ଭୋଟ ନାହିଁ ବୋଲି ନାରାବାଜି କରିଥିଲେ । ଏପରିକି ସରପଞ୍ଚଙ୍କୁ ମଧ୍ୟ ଘେରିଥିଲେ । ପରେ ଆରଡବ୍ଲ୍ୟୁଏସଏସ୍ ଜେଇ ନିଜେ ଆସି ସମସ୍ୟାର ଅନୁଧ୍ୟାନ କରିବେ ଏବଂ ଆସନ୍ତା ୧୫ ଦିନ ଭିତରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀମାନେ ଧାରଣାରୁ ହଟିଥିଲେ ।

## ଜୁନିଅର ରେଡକ୍ରସରେ ପ୍ରୟାସ ବିଦ୍ୟା ମନ୍ଦିରର ସଫଳତା



**ବ୍ୟାସନଗର,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରୟାସ ବିଦ୍ୟା ମନ୍ଦିର ଏକ ଅନୁଷ୍ଠାନରେ ସୀମିତ ହୋଇ ରହିନାହିଁ । ସର୍ବୋଚ୍ଚ ଶିକ୍ଷାଦାନ ସହିତ ଛାତ୍ରଛାତ୍ରୀମାନଙ୍କୁ ଆଗକୁ ବଢ଼ାଇବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରିଛି ପ୍ରୟାସ ବିଦ୍ୟାମନ୍ଦିର । ତାହା ଏକ ମଣିଷ ତିଆରି କାରଖାନା । ଚଳିତ ବର୍ଷ ପ୍ରାରମ୍ଭରୁ ପ୍ରୟାସ ବିଦ୍ୟାମନ୍ଦିର ତାହାର ଜୟଯାତ୍ରା ଚାଲୁ ରହିଛି । ବ୍ୟାସନଗର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିବା ସାଧାରଣତନ୍ତ୍ର ଦିବସ ମିଳିତ ପ୍ୟାରେଡ଼ରେ ସ୍କାଉଟ ପ୍ରଥମ ସ୍ଥାନ ଅଧିକାର କରିଥିଲା । ତେଣୁ ବ୍ୟାସ ସରୋବର ମହୋତ୍ସବରେ ବ୍ୟାସନଗରର ପୌରାଧ୍ୟକ୍ଷ ସୁଭାସ ଚନ୍ଦ୍ର ବଳ ଚେୟାରମେନ ଟ୍ରଫି ମାଧ୍ୟମରେ ବିଦ୍ୟାଳୟକୁ ସମ୍ମାନିତ କରିଥିଲେ । ଏହା ବ୍ୟତୀତ ମଧ୍ୟପ୍ରଦେଶର ପଞ୍ଚମାରି ଠାରେ ଅନୁଷ୍ଠିତ ହୋଇଥିବା ଦୁଃସାହସିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସ୍କାଉଟମାନେ ଅଂଶଗ୍ରହଣ କରି ସିଲ ଓ ମେଡାଲ ପ୍ରାପ୍ତ କରିଥିଲେ । ନିକଟରେ ଅନୁଷ୍ଠିତ ହୋଇଥିବା ରାଜ୍ୟପାଳ ସ୍କାଉଟ ଓ ଗାଇଡ ପରୀକ୍ଷାରେ ବିଦ୍ୟାଳୟର ପିଲାମାନେ ଅଂଶଗ୍ରହଣ କରି ୨୦ ଜଣ ସ୍କାଉଟ ଓ ୧୦ ଜଣ ଗାଇଡ ରାଜ୍ୟପାଳଙ୍କ ଠାରୁ ପ୍ରମାଣ ପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଜିଲ୍ଲାସ୍ତରୀୟ ରେଡ କ୍ରସ ଶିବିରରେ ବିଦ୍ୟାଳୟରୁ ୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ୪ଜଣ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ ଶିବିରରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବିଦ୍ୟାଳୟର ସ୍କାଉଟ ମାଷ୍ଟର କୁମାର ରାଏ ଓ ଗାଇଡ କ୍ୟାପଟେନ ସୁଶ୍ରୀ ବିଜୟଲକ୍ଷ୍ମୀ ନାୟକ ପିଲାମାନଙ୍କୁ ମାର୍ଗଦର୍ଶକ କରିଥିଲେ ।

## ବୃତ୍ତି ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତା

**ଡେରାବିଶ,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଡେରାବିଶ ବ୍ଲକ ଅନ୍ତର୍ଗତ ତିଲଙ୍ଗ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି । ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପି. ଅନନ୍ୟା ମହାପାତ୍ର, ଆଦିତ୍ୟ ପାତ୍ର ଓ ଅଭିଲିପ୍ସା ଦାଶ କୃତକାର୍ଯ୍ୟ ହୋଇଥିବା ବେଳେ ପଞ୍ଚମ ବୃତ୍ତିରେ ସୌମ୍ୟାଶ୍ରୀ ମହାରଣା, ତନିସ ତମନ୍ନା ସାମଲ ଓ ଅଚ୍ୟୁତ ପ୍ରଧାନ କୃତକାର୍ଯ୍ୟ ହୋଇଛନ୍ତି । ସେହିପରି ପଠାଣି ସାମନ୍ତ ଗଣିତ ପ୍ରତିଭା ପରୀକ୍ଷାରେ ଓଜସ୍ୱିନୀ ସିଂ, ସାହିଲ ରଞ୍ଜନ ଓଝା, ମୃତ୍ୟୁଞ୍ଜୟ ପାଢ଼ୀ, ତନ୍ମିର ସାହୁ ଓ ବିଶ୍ୱରୂପା ବେହେରା ସଫଳତା ଅର୍ଜନ କରିଛନ୍ତି । ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି । ତେବେ ବିଦ୍ୟାଳୟର ଗୁରୁଜୀ ଗୁରୁମାଙ୍କ ଉଦ୍ୟମ ଓ ଅଭିଭାବକ ମାନଙ୍କ ସହଯୋଗ ଦ୍ୱାରା ଏହା ସମ୍ଭବ ହୋଇଛି ବୋଲି ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ଦାସ କହିଛନ୍ତି ।

## କଲେଜ୍‌ରେ ବାଳିକା ଆତ୍ମରକ୍ଷା ଶିବିର

**କେନ୍ଦ୍ରାପଡ଼ା,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

କରିଲୋପାଟଣା ସ୍ନାତକ ମହାବିଦ୍ୟାଳୟରେ ଅଷ୍ଟମ ଦିବସୀୟ ବାଳିକା ଆତ୍ମରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିର ଜାନୁୟାରୀ ୧୫ ତାରିଖରେ ଆରମ୍ଭ ହୋଇ ୨୮ ତାରିଖରେ ଉଦ୍‌ଯାପିତ ହୋଇଥିଲା । ଅଧ୍ୟକ୍ଷ ଲଳିତ ମୋହନ ସାମନ୍ତରାୟ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ବସନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମାନସ ରଞ୍ଜନ ରାଉତ, ଅଧ୍ୟାପକ ପ୍ରଫୁଲ୍ଲ କୁମାର ମହାନ୍ତି, ଅଧ୍ୟାପକ ଶୈଳେନ୍ଦ୍ର କୁମାର ପଟ୍ଟନାୟକ, ଅଧ୍ୟାପକ ବଂଶୀଧର ମିଶ୍ର, ଅଧ୍ୟାପକ ସମୀର ରଞ୍ଜନ ସେଠୀ, ଅଧ୍ୟାପକ ସଂଗ୍ରାମ କେଶରୀ ନାଥ, ସୁବାସ ସାମନ୍ତରାୟ, ଅଧ୍ୟାପିକା ଶିଖା ସାହୁ ସାହସ, ଉପସ୍ଥିତ ବୁଦ୍ଧି ଓ ଆତ୍ମରକ୍ଷା କୌଶଳ ହିଁ ଅସାମାଜିକ କବଳରୁ ଛାତ୍ରଛାତ୍ରୀମାନଙ୍କୁ ରକ୍ଷା କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ମାଷ୍ଟର ଟ୍ରେନର ସସ୍ମିତା ପ୍ରଧାନ ଓ ଶଶିରେଖା ସାହୁ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଶିବିରରେ ଯୋଗ ଦେଇଥିବା ୮୩ ଜଣ ଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଅଧ୍ୟାପକ ମାନସ ରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସଂଯୋଜିକା ଅଧ୍ୟାପିକା ଅଭିଲିପ୍ସା ମଲ୍ଲ, ରୂପାଲି ନାୟକ, ରଶ୍ମିପ୍ରଭା ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ମଦନମୋହନଜୀଉଙ୍କ ବାର୍ଷିକୋତ୍ସବ

**କେନ୍ଦ୍ରାପଡ଼ା,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସୁଜାନଗର ଗ୍ରାମସ୍ଥିତ ତୈଳିକ ବୈଷ୍ୟ ସମାଜର ଇଷ୍ଟ ଦେବତା ମଦନମୋହନଜୀଉ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଗତ ଶନିବାର ଘଟ ସ୍ଥାପନ ପରେ ଶୁଭାଧିବାସ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ରବିବାର ମାଘ ପୂର୍ଣ୍ଣିମା ଅବସରରେ ଅଷ୍ଟମ ପ୍ରହର ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଆଖପାଖ ଅଞ୍ଚଳର ୬ଟି କୀର୍ତ୍ତନ ଦଳ ଆସି ଏହି କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ । ସୋମବାର ନଗର କୀର୍ତ୍ତନ ଗ୍ରାମ ପରିକ୍ରମା କରି ଉତ୍ସବ ଶେଷ କରାଯାଇଥିଲା । ଏହି ଉତ୍ସବକୁ ମଦନମୋହନଜୀଉ କମିଟିର ସଭାପତି ଭରତ ଚରଣ ସାହୁଙ୍କ ନେତୃତ୍ୱରେ କୁଳମଣି ନାୟକ, ଧିରେନ କୁମାର ସାହୁ, କୁମାରେଶ ସାହୁ, ରବିନ୍ଦ୍ର ସାହୁ, ସରୋଜ କୁମାର ସାହୁ, ମୃତ୍ୟୁଞ୍ଜୟ ସାହୁ, ପଞ୍ଚାନନ ଗେରୁ, ଟୁଟୁ ଗେରୁ, ଦେବେନ୍ଦ୍ର ସାହୁ, ପଦ୍ମନାଭ ସାହୁ, ତ୍ରିଲୋଚନ ସାହୁ, ଭାବନ ସାହୁ, ହଳଧର ସାହୁ, ଗଣେଶ ସାହୁ, ନଳିନୀକାନ୍ତ ସାହୁ ଓ ସ୍ଥାନୀୟ ଗ୍ରାମବାସୀମାଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମାପନ କରାଯାଇଥିଲା ।

## ଗୁଟଖା କଳାବଜାରୀ: ଅସାଧୁ ବ୍ୟବସାୟୀ ମାଲାମାଲ

**ସାକ୍ଷୀଗୋପାଳ,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ସହିତ ଖାଦ୍ୟ ସୁରକ୍ଷା ଓ କର୍ତ୍ତୃପକ୍ଷଙ୍କ ମାର୍ଗଦର୍ଶିକା ପ୍ରକାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ଗୁଟଖା ବିକ୍ରି ଓ ଉତ୍ପାଦନ ନିଷେଧ ନେଇ ବିଜ୍ଞପ୍ତି ପ୍ରକାଶ ପରେ ଏହାକୁ ନେଇ ଏବେ ଅଞ୍ଚଳରେ ଗୁଟଖାର କଳାବଜାରୀ ଆରମ୍ଭ ହୋଇଥିଲା । ବଜାରରେ ହଠାତ୍ ସବୁ ଦୋକାନରେ ଗୁଟଖା ଦେଖିବାକୁ ମିଳୁନଥିବା ବେଳେ ଦର ଆକାଶଛୁଆଁ ହୋଇଯାଇଛି । କିଛି ନାମକରା ପାଇକାରୀ ବ୍ୟବସାୟୀ ପ୍ରଚୁର ପରିମାଣରେ ଗୁଟଖା ଗଚ୍ଛିତ କରି ରଖିଥିବା ନେଇ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ କେତେକ ବ୍ୟବସାୟୀ ବିଭିନ୍ନ ନାମିଦାମୀ କମ୍ପାନୀର ଗୁଟଖା ଓ ପାନ ମସଲା ୩ ଗୁଣା ଦରରେ ବିକ୍ରି ଆରମ୍ଭ କରିଦେଇଛନ୍ତି । କିଛି



ନାମିଦାମୀ କମ୍ପାନୀର ଗୁଟଖାକୁ ୫ଟଙ୍କା ବଦଳରେ ୧୦ଟଙ୍କାରେ ବିକ୍ରୟ କରାଯାଉଥିବା ବେଳେ ଏହି ପ୍ୟାକେଟ୍ ସହ ଆସୁଥିବା ଜର୍ଦ୍ଦାକୁ ମାଗଣାରେ ଦେବା ବଦଳରେ ୫ ଟଙ୍କାରେ ବିକ୍ରି କରୁଛନ୍ତି । ଅର୍ଥାତ୍ ପୂର୍ବରୁ ଯେଉଁ ଗୁଟଖା ଓ ଜର୍ଦ୍ଦା ମିଶି ୫ ଟଙ୍କାରେ ବିକ୍ରି କରୁଥିଲେ ବର୍ତ୍ତମାନ ତାହାକୁ ୧୦ ଟଙ୍କାରେ ବିକ୍ରି କରୁଛନ୍ତି । ଆଉକିଛି ଦୋକାନୀ ମୂଳରୁ ଗୁଟଖା ଓ ମସଲାର ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି । ସରକାରଙ୍କ ଏହି ନୂଆ ନିର୍ଦ୍ଦେଶନାମା ପରେ ଏଥିରେ ଅଭ୍ୟସ୍ତ ଥିବା ଲୋକ ଆର୍ଥିକ ଶୋଷଣର ଶିକାର ହେଉଥିବା ବେଳେ କିଛି ବ୍ୟବସାୟୀ କଳାବଜାରୀ କରି ମାଲାମାଲ ହେଉଥିବା କୁହାଯାଉଛି । ଅସାଧୁ ବ୍ୟବସାୟୀଙ୍କ ଏହି କଳାବଜାରୀ ରୋକିବା ଦିଗରେ ପୋଲିସ ଓ ପ୍ରଶାସନର ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବରିଷ୍ଠ ନାଗରିକ ଦେବ ତିକ୍ତ କହିଛନ୍ତି ।

## ଅଟୋ ଓଲଟି ୩ ଆହତ

**ମୁଖୀଗୁଡା,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଢୁଲୁଘାଟିରେ ଅଟୋ ଓଲଟି ପଡିବା ଯୋଗୁଁ ୩ଜଣ ଗୁରୁତର ଆହତ ହୋଇଥିଲେ । ଆହତଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଛି । ସୋମବାର ଅପରାହ୍ନରେ ନବରଙ୍ଗପୁର ଜେଟିଗୁଡାରୁ ୧୫ଜଣ ଏକ ଅଟୋ ନମ୍ବର ଓଡି ୨୪ଏମ ୦୭୫୨ରେ କଳାହାଣ୍ଡି ଜିଲ୍ଲା ମହିଚାଲାକୁ ଗଛ କାଟିବା ପାଇଁ ଯାଉ ଥିଲେ । ଢୁଲୁଘାଟିରେ ଅଟୋଟି ଓଲଟିପଡିଥିଲା । ଅଟୋରେ ବସିଥିବା ବେଲଗାଁ ଚନ୍ଦ୍ର ଶେଖର ସଉରା (୪୦), ଜେଟିଗୁଡାର କମଲୁ ମାଝୀ, ଦୁଲବ ବିଶୋଇ (୫୦)ଗୁରତର ଆହତ ହୋଇଥିଲେ । ସେମାନଙ୍କୁ ଅଗ୍ନିଶମ ବିଭାଗ ଗାଡି ସହାୟତାରେ ଜୟପାଟଣା ଡାକ୍ତରଖାନାକୁ ଅଣାଯାଇଥିଲା ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଭବାନୀପାଟଣା ନିଆଯାଇଛି ।

## ଜଙ୍ଗଲଜମି ଓ ଗଛର ସୁରକ୍ଷା ପାଇଁ ଶପଥ



**ଝାରସୁଗୁଡ଼ା,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଶ୍ରିପୁରା ଗ୍ରାମବାସୀ ଏପିଶିଲନ କମ୍ପାନୀ ବ୍ୟବହାର କରୁଥିବା ଜଙ୍ଗଲ ଜମିର ସୁରକ୍ଷା କରିବାକୁ ଆଗେଇ ଆସିଛନ୍ତି । ରୋପଣ କରିଥିବା ୧ ହଜାର ବୃକ୍ଷର ଯତ୍ନ ସହିତ ନୂତନ ଚାରା ରୋପଣ କରିଛନ୍ତି । ଜଙ୍ଗଲ ଜମି ଏବଂ ବୃକ୍ଷର ସୁରକ୍ଷା ପାଇଁ ଗ୍ରାମବାସୀ ଶପଥ ନେବା ଚର୍ଚ୍ଚାର ବିଷୟ ହୋଇଛି । ଶ୍ରିପୁରା ଗ୍ରାମବାସୀ ଏପିଶିଲନ କମ୍ପାନୀର ବେଆଇନ ଭାବେ ଜଙ୍ଗଲ ଜମି ବ୍ୟବହାର, ବେଆଇନ ପାର୍କିଂ ସହିତ ଭାରୀଯାନ ଚଳାଚଳ ନେଇ ଝାରସୁଗୁଡା ଡିଏଫଓ ଓ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ । କିନ୍ତୁ କୌଣସି ସୁଫଳ ନମିଳିବାରୁ ରାଷ୍ଟ୍ରପତି, କେନ୍ଦ୍ରୀୟ ମାନବାଧିକାର କମିଶନ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଓ ଜଙ୍ଗଲ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ୨୦୨୫ ନଭେମ୍ବର ୧୪ରେ ତଦନ୍ତ ପାଇଁ ରାଜ୍ୟ ବନ ବିଭାଗରୁ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଆସିଥିଲା । ହେଲେ ସେ ତଦନ୍ତ ନକରି ନିରବ ରହିଥିଲେ । ଫଳରେ ଗତ ଜାନୁଆରୀ ୨୫ରେ ସରପଞ୍ଚଙ୍କ ଅଧକ୍ଷତାରେ ଅନୁଷ୍ଠିତ ଗ୍ରାମସଭାରେ ଜଙ୍ଗଲ ଜମିରେ ଥିବା ଏକ ହଜାର ବୃକ୍ଷର ଯତ୍ନ ଏବଂ ସୁରକ୍ଷା ପାଇଁ ନିଷ୍ପତ୍ତି ନେଇଥିଲେ । ସୋମବାର ସକାଳୁ ଗ୍ରାମବାସୀ ଜଙ୍ଗଲ ଜମିରେ ପୂର୍ବରୁ କମ୍ପାନୀ ଭାରୀଯାନ ଚଳାଚଳ ପାଇଁ ନଷ୍ଟ ହୋଇଥିବା ଗଛ ଗୁଡିକ ସ୍ଥାନରେ ଚାରା ରୋପଣ କରିଥିଲେ । ଜଙ୍ଗଲ ଜମି ମଧ୍ୟ ଦେଇ ଯାଉଥିବା ଭାରୀଯାନ ଚଳାଚଳ ବନ୍ଦ କରିଥିଲେ । ଜଙ୍ଗଲ ଜମିକୁ କାହାରିକୁ ଦିଆ ନଯାଇ ଗ୍ରାମ ତଥା ଦେଶର କାର୍ଯ୍ୟ ପାଇଁ ବ୍ୟବହାର କରିବା, ନୂତନ ଜଙ୍ଗଲ ସୃଷ୍ଟି ଆଦି କାର୍ଯ୍ୟରେ ଲଗାଇବା ପାଇଁ ଶପଥ ନେଇଥିଲେ । ଲୋକମୁକ୍ତି ସଂଘଠନର ଅନନ୍ତ ପଣ୍ଡା, ପୂର୍ବତନ ଜିଲାପରିଷଦ ସଭ୍ୟ ମିନତୀ ପାତ୍ର, ବିରଞ୍ଚି ମାଝୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ଆଇନଜୀବୀଙ୍କୁ ମାଡ

**ଜୟପୁର,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜୟପୁରର ଆଇନଜୀବିଙ୍କୁ ଲହୁଲୁହାଣ କରି ଟାଉନ ପୋଲିସ ମାଡ ମାରିଥିବା ନେଇ ଜିଲ୍ଲା ଓକିଲ ସଂଘ ତରଫରୁ ଏସପିଙ୍କ ନିକଟରେ ଅଭିଯୋଗ କରଯାଇଛି । ଜିଲ୍ଲା କୋର୍ଟ କାର୍ଯ୍ୟରତ ଓକିଲ ଜି ରାଜ ଶେଖର ଗତ ଜାନୁଆରୀ ୨୮ ତାରିଖରେ ଜୟପୁର ଥାନା ଅଧିକାରୀ ଉଲ୍ଲାସ ରାଉତ , ଏସଆଇ ଭାରତ ବେହେରା ଓ ୭ରୁ ୮ଜଣ କାର୍ଯ୍ୟରତ ପୋଲିସ କର୍ମଚାରୀମାନେ ମାଡ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ଏକ ଲିଖିତ ଅଭିଯୋଗ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଉପଖଣ୍ଡ ପୋଲିସ ଅଧିକରୀଙ୍କୁ ଦେଇଛନ୍ତି । ଅଭିଯୋଗ ପତ୍ରରେ ରାଜଶେଖର ଉଲ୍ଲେଖ କରିଛନ୍ତି କି ଗତ ଜାନୁଆରୀ ୨୪ ତାରିଖରେ ନିଜ ଭାଇ ସହ ସାମାନ୍ୟ ବଚସା ପରେ ଆହତ ହୋଇ ଥାନାକୁ ଏତଲା ଦେବାକୁ ଯାଇଥିବା ବେଳେ ସେଠାରେ କାର୍ଯ୍ୟରତ ଥିବା ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏଏସଆଇ ଭରତ ବେହେରା ଓ ୭ରୁ ୮ଜଣ ପୋଲିସ କର୍ମଚାରୀ ଲାତ ଗୋଇଠା ମାରିବା ସହ ଅଣ୍ଟାରେ ପିନ୍ଧିଥିବା ବେଲ୍ଟ ସାହାଯ୍ୟରେ ଅସଭ୍ୟ ଭାଷା କହି ମାଡ ମାରିଥିଲେ । ଟାଉନ ପୋଲିସ ୨୫ ତାରିଖ ସକାଳୁ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନେଇଥିଲେ । ସେଠାରେ ଏକ୍ସରେ କାଢିବା ପରେ ହାତର କାଣି ଆଙ୍ଗୁଠି ଭାଙ୍ଗିଥିବା ଏବଂ ଶରୀରର ବିଭିନ୍ନ ଅଙ୍ଗରେ ଆଘାତ ଲାଗିଥିବା ଯୋଗୁଁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡିଲା । ସେଠାରୁ ଫେରି ଟାଉନଥାନା ଅଧିକାରୀ ଓ ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି । ଘଟଣାଟି ବାର କାଉନସିଲକୁ ଯିବା ପରେ ଓକିଲ ସଂଘ ସଭାପତି ସରୋଜ ଦାସ ଓ ସମ୍ପାଦକ ସଚ୍ଚିଦାନନ୍ଦ ମିଶ୍ର ଘୋର ନିନ୍ଦା କରିଛନ୍ତି । ଏନେଇ ଏକ ବୈଠକ ଡକାଯାଇଥିଲା ବୈଠକରେ ନିଷ୍ପତ୍ତି ନିଆଗଲା କି ଏନେଇ ଗୋଟିଏ ଟିମ ଗଠନ କରାଯିବ ଏବଂ ଏସପିଙ୍କ ସହ ଭେଟି ଟାଉନଥାନା ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥି ପୂର୍ବରୁ ଓଡିଶା ରାଜ୍ୟ ବାର କାଉନସିଲ ପକ୍ଷରୁ ଥାନା ଅଧିକାରୀ ଉଲ୍ଲାସ ରାଉତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସପିଙ୍କ ନିକଟରେ ଅଭିଯୋଗ କରଯାଇଛି ।

## ଜବରଦଖଲକାରୀଙ୍କ ପ୍ରତି ଦରଦ କାହାର ?

**ଅସ୍ତରଙ୍ଗ,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜବରଦଖଲ ଉଚ୍ଛେଦ ନାଁରେ କାକଟପୁର ତହସିଲଦାର ଅଙ୍କିତା ଅନନ୍ଦିତାଙ୍କ କାର୍ଯ୍ୟାନୁଷ୍ଠାନ କେବଳ ଭେଳିକି ଦେଖାଉଥିବା ଅଭିଯୋଗ ହୋଇଛି । କଟକଣା ହାଇସ୍କୁଲର ଖେଳ ପଡିଆକୁ ଜମି ମାଫିଆମାନେ ନିଜ କବଜାକୁ ନେଇଥିବା ବେଳେ ତହସିଲଦାର ସବୁ ଜାଣିଶୁଣି ନୀରବଦ୍ରଷ୍ଟା ସାଜିବା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । କାଗଜପତ୍ରରେ ଉଚ୍ଛେଦ ଗ୍ରାଉଣ୍ଡରେ ଶୂନ ଅଭିଯୋଗ ଅନୁଯାୟୀ ତହସିଲଦାର ଉଚ୍ଛେଦ ପାଇଁ କେବଳ ପ୍ରତିଶ୍ରୁତି ଦେଇ ସମୟ ଗଡ଼ାଉଛନ୍ତି ଯାହା ମାଫିଆମାନଙ୍କୁ ଆହୁରି ମଜବୁତ ହେବାକୁ ସୁଯୋଗ ଦେଉଛି । ଅନ୍ଧାରରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସ୍କୁଲର ଖେଳ ପଡିଆଟି ଜବରଦଖଲ ହୋଇଯାଇଥିବାରୁ ପିଲାମାନେ ଖେଳକୁଦରୁ ବଞ୍ଚିତ ହେଉଛନ୍ତି । ସରକାରୀ ସମ୍ପତ୍ତିକୁ ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟବହାର କରାଯାଉଥିଲେ ମଧ୍ୟ ପ୍ରଶାସନ ଚୁପ୍ ରହିବା ପଛର ରହସ୍ୟ କ'ଣ ।



ମାଫିଆ ପ୍ରଶାସନ ମଧୁଚନ୍ଦ୍ରିକାକୁ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମତରେ ତହସିଲଦାର ଏବଂ ଜମି ମାଫିଆଙ୍କ ମଧ୍ୟରେ ଅଭିସନ୍ଧି ଥିବାରୁ ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ? ଜନଅସନ୍ତୋଷ ଦେଖାଯାଇଥିବା ବେଳେ ପଡିଆ ଆମର କିନ୍ତୁ କବଜା ମାଫିଆଙ୍କର ଏହି ସ୍ଲୋଗାନ ଏବେ ଗ୍ରାମରେ ଶୁଣିବାକୁ ମିଳୁଛି । ଯଦି ତୁରନ୍ତ ଏହି ମୂଲ୍ୟବାନ ସରକାରୀ ଜମିକୁ ମୁକ୍ତ କରାନଯାଏ, ତେବେ ଅଞ୍ଚଳବାସୀ ତହସିଲ ଅଫିସ ଘେରାଉ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ସୂଚନା ଥାଉକି ରାଜ୍ୟ ସରକାର ମହିଳାଙ୍କ ସ୍ୱାଭିମାନ ସମ୍ମାନ ପାଇଁ ସଂରକ୍ଷିତ ହେଲା ପଦବୀ କିନ୍ତୁ ଏମାନେ ପଦବୀ ନାଁରେ ବେପାର କଲେ ସରକାରୀ ରିପୋର୍ଟକୁ ଚାପି ନିଜ ଇଚ୍ଛାରେ ଇଂରେଜ ଶାସନ ଚଳେଇବା ଭଳି ସାଜୁଛନ୍ତି ଜମି ମାଫିଆଙ୍କ ସୁରକ୍ଷା କବଜ ଉଦାହରଣ ସ୍ୱରୂପ ବାଙ୍ଗୁରିଗାଁରେ ସର୍ବସାଧାରଣ ରାସ୍ତା ଜବରଦଖଲ ଯାହାକି ଗମନାଗମନ ହେଇ ପାରୁନାହିଁ ମାପ ହେଲା କିନ୍ତୁ ଉଚ୍ଛେଦ ହେଲାନି କଣ୍ଟାପଡ଼ା ପଞ୍ଚାୟତରେ କେନାଲ ଉପରେ ମାର୍କେଟ କମ୍ପ୍ଲେକ୍ସ, କାକଟପୁର ମୁଖ୍ୟ ରାସ୍ତା ଉପରେ ପୂର୍ତ୍ତ ବିଭାଗ ରାସ୍ତା ଉପରେ ମାର୍କେଟ କମ୍ପ୍ଲେକ୍ସ, କଲେଜ ଛକରେ ଅନାବାଦୀରେ ଅଟ୍ଟାଳିକା ଗୁରୁତର ଅଭିଯୋଗକୁ ଗୁରୁତ୍ୱ ନଦେଇ ଉନ୍ନୟନ କାର୍ଯ୍ୟ ଠପ୍ କରିବା ଉକ୍ତ ମାଫିଆଙ୍କୁ ସହଯୋଗ ସମ୍ପର୍କରେ କାକଟପୁର ବିକାଶ ପରିଷଦ ତହସିଲଦାର ଅଙ୍କିତା ଅନନ୍ଦିତା ବିରୋଧରେ ଲିଖିତ ଅଭିଯୋଗ ଭିଜିଲାନ୍ସ ଓଡ଼ିଶା, କେନ୍ଦ୍ରୀୟ ଅପରାଧ ଶାଖାକୁ ଅବଗତ କରିଛନ୍ତି । ଏ ସମ୍ପର୍କରେ ଆମ ପ୍ରତିନିଧି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପଚାରିବାରୁ ସେ କୁହନ୍ତି ରାଷ୍ଟ୍ରପତିଙ୍କ ପ୍ରୋଗ୍ରାମ ଅଛି ସମୟ ମିଳିଲେ ଏ ସମ୍ପର୍କରେ ଆପଣଙ୍କ ସହ ଆଲୋଚନା କରିବି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା କହିଛନ୍ତି ଏ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଆଜିର ଶିଶୁ କାଲିର ଭବିଷ୍ୟତ ତାଙ୍କ ଖେଳ ପଡିଆ ଯିଏ ବି ପ୍ରଭାବଶାଳୀ ବ୍ୟକ୍ତି ମାଡ଼ି ବସନ୍ତୁ ପ୍ରଶାସନ ଉପରେ ଭରସା ରଖନ୍ତୁ ସୁନିଶ୍ଚିତ ଉଚ୍ଛେଦ ହେବ ।

## ବାଇକ୍ ଧକ୍କାରେ ଛାତ୍ରୀ ଆହତ

**ଜଳେଶ୍ୱର,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ପୌରାଞ୍ଚଳ, ନୂଆ ବଜାର ସ୍ଥିତ ଜଳେଶ୍ୱର ପିଏମ୍‌ଶ୍ରୀ ହାଇସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ଶୁଭ ଲକ୍ଷ୍ମୀ ଦାସ ବିଦ୍ୟାଳୟକୁ ଆସୁଥିବା ବେଳେ ସ୍କୁଲ ସମ୍ମୁଖରେ ଏକ ବାଇକ୍ ଧକ୍କାରେ ଆହତ ହୋଇଛନ୍ତି । ତୁରନ୍ତ ତାଙ୍କୁ ଜିକେ ଭଞ୍ଜ ହସ୍ପିଟାଲ ନିଆଯାଇ ଚିକିତ୍ସିତ କରାଯାଇ ଚାଲନ୍ତି ସ୍ଥିତ ଗାଁକୁ ପଠାଇ ଦିଆଯାଇଛି । ସୂଚନାଯୋଗ୍ୟ ନୂଆ ବଜାର ଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ସଡକରେ ଅବୈଧ ପାର୍କିଂ ଓ ରାସ୍ତା ଚଳଚଞ୍ଚଳ ରହୁ ଥିବାରୁ ସ୍କୁଲ ସମ୍ମୁଖରେ ଏକ ହମ୍ପସ୍ ନିର୍ମାଣ ଲାଗି ଦାବି କରାଯାଇ ଆସୁଛି । ବିଦ୍ୟାଳୟ ପକ୍ଷରୁ ମ୍ୟୁନିସିପାଲଟି କାର୍ଯ୍ୟାଳୟ ଓ ପୂର୍ତ୍ତ ବିଭାଗକୁ ଚିଠି ଲେଖାଯାଇଥିବା ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନ କହିଛନ୍ତି ।

## ଯୁଗ୍ମ ଅଭିଯୋଗ ଶୁଣାଣି

**ବ୍ରହ୍ମପୁର,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଜିଲ୍ଲା ସଦର ମହକୁମା ଛତ୍ରପୁରସ୍ଥ ଜଉଗଡ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍, ଆରକ୍ଷୀ ଅଧୀକ୍ଷକ, ଗଞ୍ଜାମ ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁନିଲ କୁମାର କେରକେଟା ଓ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ କୁମାର ବେହେରା ମୋଟ ୨୧୧ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥିମଧ୍ୟରୁ ୧୯୫ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୬ଟି ସାମୁହିକ ଅଭିଯୋଗ ଅନ୍ତର୍ଭୁକ୍ତ । ସମସ୍ତ ଅଭିଯୋଗ ଗୁଡିକର ତ୍ୱରିତ୍ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ରେଡକ୍ରସ୍ ପାଣ୍ଠିରୁ ୨୧ଜଣ ବ୍ୟକ୍ତିଙ୍କୁ ୧,୩୭,୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ସ୍ଥାନୀୟ ଜନସାଧାରଣ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଭତ୍ତା, ଖାଦ୍ୟ ସୁରକ୍ଷା ଓ ଧାନ କ୍ରୟ, ମନରେଗା, ଗୃହ ନିର୍ମାଣ, ଜିବିକା ମିଶନ୍, ରାଜସ୍ୱ, ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ଏଥିରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତଥିଲେ ।

## ହାଇସ୍କୁଲରେ ବାର୍ଷିକୋତ୍ସବ

**ଛତ୍ରପୁର,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ଟଙ୍କାଛାଇ ସରକାରୀ ଉନ୍ନତି ଉଚ୍ଚ ବିଦ୍ୟାଳୟରେ ୧୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଯାଇଛି । ପ୍ରଧାନ ଶିକ୍ଷକ ମନୋଜ କୁମାର ମହନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ବିଜୟ କୁମାର ବେହେରା, ସିଆରସିସି ପ୍ରଦୀପ କୁମାର ବେହେରା, ହୁଗୁଳାପଟା ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ମହେଶ୍ୱର ମହାନ୍ତି, ସରପଞ୍ଚ ବିଶ୍ୱନାଥ ବେହେରା, ସମିତି ସଭ୍ୟ ଡଲି ବେହେରା, ପରିଚାଳନା କମିଟି ସଭାପତି ପ୍ରଫୁଲ ଚନ୍ଦ୍ର ସ୍ୱାଇ, ଆଲୁମିନ କମିଟିର ପୂର୍ବତନ ସଭାପତି ବଙ୍ଗାଳି ଦଳାଇ ପ୍ରମୁଖ ମଞ୍ଚାସୀନଥିଲେ । ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ରଞ୍ଜନ ପ୍ରଧାନ ଓ ଏ.ଚନ୍ଦ୍ରଶେଖର ରାଓ ସଂଯୋଜନା କରିଥିବା ବେଳେ ଶେଷ ରେ ବରିଷ୍ଠ ଶିକ୍ଷକ ଗୋଲକ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଢେ ୪ କୋଟିର ଗଞ୍ଜେଇ ଗଛ ନଷ୍ଟ

**କୋରାପୁଟ,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜୋରଦାର ଚାଲିଛି ଅପରେସନ ଗ୍ରୀନ କ୍ଲିନ୍ । କୋରାପୁଟ ଜିଲ୍ଲା ବୈପାରୀଗୁଡାରେ ଅବକାରୀ ଓ ପୋଲିସ ମିଳିତ ଭାବେ ଚଢ଼ାଉ କରିଛନ୍ତି । ୩୮ ଏକର ଜମିରେ ସାଢେ ୪ କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ ହୋଇଛି । କୋରାପୁଟ ଅବକାରୀ ଅଧୀକ୍ଷକ ଅରୁଣ ପାଢ଼ୀ ଏବଂ ବୈପାରିଗୁଡା ଥାନା ଓଆଇସି ଡମ୍ବରୁ ଧର ବାତ୍ରିଆଙ୍କ ନିର୍ଦ୍ଦେଶକ୍ରମେ ଅପରେସନ ଗ୍ରୀନ କ୍ଲିନ୍ ଜରିଆରେ ଚଢ଼ାଉ କରାଯାଇ ବ୍ୟାପକ



ଗଞ୍ଜେଇ ଗଛ ନଷ୍ଟ କରାଯାଇଛି ।

ବୈପାରିଗୁଡା ଥାନା ଜି. ମାଝିଗୁଡା ପଞ୍ଚାୟତର କନ୍ତ୍ରାଗୁଡା ଏବଂ ଭାଟିଗୁଡା ଗାଁର ଆଖପାଖ ଅଞ୍ଚଳର ଜଙ୍ଗଲ ଭିତରେ ବେଆଇନ ଭାବେ ହୋଇଥିଲା ଗଞ୍ଜେଇ ଚାଷ । ନଷ୍ଟ କରିବା ପରେ ନିଆଁରେ ପୋଡ଼ି ଦିଆଯାଇଛି । ବୈପାରିଗୁଡା ବ୍ଲକର ଅଧିକାଂଶ ଅଞ୍ଚଳ ଦୁର୍ଗମ ତଥା ପୂର୍ବରୁ ମାଓପ୍ରବଣ ଥିବାରୁ ଗଞ୍ଜେଇ ଚାଷ କରାଯାଉଥିଲା ।

## ତିନିଦିନିଆ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

**ବେତନଟୀ,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ଚଣ୍ଡୀ ମନ୍ଦିର କ୍ଲବ ତରଫରୁ ଆୟୋଜିତ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ପ୍ଲାଷ୍ଟିକ କାରଖାନା ପରିସରରେ ସଫଳତାର ସହିତ ଉଦଯାପିତ ହୋଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ରାଜ କିଶୋର ସାହା (ବିଜେପି ଜିଲ୍ଲା ଉପସଭାପତି) ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଅଗ୍ରୱାଲ, ଅଧିବକ୍ତା ଭଗିରଥ ପଣ୍ଡିତ ଓ ବିଜୟୀ ମଣ୍ଡଳ ଉପସ୍ଥିତ ଥିଲେ । ଟୁର୍ଣ୍ଣାମେଣ୍ଟରେ ଅବଦୁଲ ସମ୍‌ଶେର ଖାନ ଓ ତାଙ୍କ ସହଯୋଗୀ ତାପସ ସାହୁ ଚ୍ୟାମ୍ପିଅନ ହୋଇଥିବା ବେଳେ, ଦେବ ନାରାୟଣ ପାତ୍ର ଓ ବିକାଶ ପାତ୍ର ରନର୍ସ-ଅପ୍ ହୋଇଥିଲେ ।

ସିନିୟର ଟିମ୍ ବର୍ଗରେ ପ୍ରଦୀପ ମହାନ୍ତି ଓ ତାଙ୍କ ସହଯୋଗୀ ଅନିଲ ବଳବନ୍ତରାୟ ଚ୍ୟାମ୍ପିଅନ୍ ହୋଇଥିବା ବେଳେ, ସୁନିଲ ଖଣ୍ଡେଲୱାଲ ଓ ତାଙ୍କ ସହଯୋଗୀ ନିରଞ୍ଜନ ମହାନ୍ତି ରନର୍ସ-ଅପ୍ ହୋଇଥିଲେ ।

ଏହାସହ ଜୁନିୟର ବର୍ଗର ଚ୍ୟାମ୍ପିଅନ୍ ଓ ରନର୍ସ-ଅପ୍ ଖେଳାଳିମାନଙ୍କୁ, ଶୈଳେନ୍ଦ୍ର ଖଣ୍ଡେଲୱାଲଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏସୋସିଏସନର ସଂପାଦକ ଜୟନ୍ତ କିଶୋର ନନ୍ଦ ଗୋସ୍ୱାମୀଙ୍କ ସହିତ ସୁବ୍ରତ ପଣ୍ଡିତ ଦିବ୍ୟ ସୁନ୍ଦର ସିଂଦେବ ପ୍ରମୁଖ ସହଯୋଗ କରିଥିଲେ । ସଂପାଦକ ସମାରୋହ ଶେଷରେ ଆୟୋଜକ କ୍ଲବ ପକ୍ଷରୁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଡିଓଙ୍କ ସପକ୍ଷରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଖୋର୍ଦ୍ଧା,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବୋଲଗଡ ମଣ୍ଡଳ ଉନ୍ନୟନ ଅଧିକାରୀ ସୁମନ ସୁଧା କୁଣ୍ଡୁଙ୍କ ଜନହିତକାରୀ କାର୍ଯ୍ୟ, ସୁଦକ୍ଷ ପ୍ରଶାସନ, ଜନହିତକାରୀ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଫଳତାର ସହିତ ସମ୍ପାଦନ କରି ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରୁଛନ୍ତି । ସରକାରଙ୍କର ବିଭିନ୍ନ ଯୋଜନା ଗୁଡିକ ଯଥା ଖାଉଟି କାର୍ଡ, ଭତ୍ତା ଆବାସ ଯୋଜନା ଗୁଡିକ ଯୋଗ୍ୟ ହିତାଧୀକାରୀମାନଙ୍କୁ ପ୍ରଦାନ କରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି । ତାଙ୍କ ଦ୍ୱାରା ପୂର୍ବରୁ ଚାଲୁଥିବା ଅନିୟମିତତା ଓ ଅନ୍ୟାୟ ପ୍ରଥାକୁ ସଫଳତାର ସହିତ ରୋକାଯାଇଛି । ଯାହା ଜନସାଧାରଣଙ୍କ ହିତରେ ଅତ୍ୟନ୍ତ ପ୍ରଶଂସନୀୟ । ପ୍ରଶଂସନୀୟ କିଛି କୁତ୍ସିତ ଓ ସୁବିଧାବାଦୀ ନେତାଙ୍କ ସ୍ୱାର୍ଥ ହାସଲରେ ବାଧା ଉପୁଜିବା ଯୋଗୁଁ ବିଡିଓଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ବଦନାମ ବେଆଇନ କାମ କରିବାକୁ ବାଧ କରୁଛନ୍ତି । ପୂର୍ବରୁ ବିଡ଼ିଓଙ୍କ ନିକଟକୁ ଜନସାଧାରଣ କୌଣସି ଅଭିଯୋଗ ନେଇ ଯାଇପାରୁନଥିବା ବେଳେ ବର୍ତ୍ତମାନ ବିଡ଼ିଓ ସିଧାସଳଖ ଜନସାଧାରଣ ପାଖରେ ପହଂଚିବାରୁ କିଛି କୁଚକ୍ରୀଗୋଷ୍ଠୀଙ୍କ ମନ୍ଦ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ । ବିଡିଓ ସୁମନ ସୁଧା କୁଣ୍ଡୁ ସିଧାସଳଖ ଭାବେ ଜନସାଧାରଣଙ୍କ ସହ ଯୋଗାଯୋଗ ରଖି ସେମାନଙ୍କ ସମସ୍ୟା ବୁଝି ତତ୍କାଳ ସମାଧାନ କରୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଆଶା, ଭରଷା ସୃଷ୍ଟି ହୋଇଛି । ବିଡ଼ିଓ ସମସ୍ତ ଜନସାଧାରଣଙ୍କୁ ଦେଖା କରିବା ସହ ସିଧାସଳଖ ସେମାନଙ୍କ କଥା ବୁଝୁଛନ୍ତି । ଏଣୁ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ବିରୋଧରେ ହୋଇଥିବା ମିଥ୍ୟା ଅଭିଯୋଗକୁ ଗୁରୁତ୍ୱ ନଦେଇ, ତାଙ୍କୁ ଉତ୍ସାହିତ କଲେ ସରକାରଙ୍କ ଉଦ୍ଦେଶ୍ୟ ଓ ଜନସାଧାରଣଙ୍କ ଆଶା ନିଶ୍ଚୟ ଭାବେ ସାକାର ହେବ ବୋଲି ଆଜି ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିରରେ ବୋଲଗଡ ପାଞ୍ଚଗଡ଼ ମଣ୍ଡଳ ପକ୍ଷରୁ ଶତାଧିକ ବ୍ୟକ୍ତି ପୃଥକ ପୃଥକ ଭାବେ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

## ୮ରେ ସୁଧା ସର୍ଜନା ମହାମହୋତ୍ସବ



**ଭୁବନେଶ୍ୱର,୩।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପରମ ପ୍ରେମମୟ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩ତମ ଜନ୍ମ ମହୋତ୍ସବ ତତ୍‌ସହ ସତ୍‌ସଙ୍ଗ ବିହାରସ୍ଥିତ ଶ୍ରୀମନ୍ଦିରର ପ୍ରତିଷ୍ଠା ବାର୍ଷିକୀ ଅବସରରେ 'ସୁଧା ସର୍ଜନା ମହାମହୋତ୍ସବ' ଆସନ୍ତା ରବିବାର (ଫେବୃୟାରୀ-୮, ୨୦୨୬) ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆ (ବରିମୁଣ୍ଡ ସନ୍ନିକଟ)ରେ ମହା ସମାରୋହରେ ପାଳିତ ହେବ । ରାଜ୍ୟସ୍ତରୀୟ ଏହି ଭବ୍ୟ ଉତ୍ସବରେ ଲକ୍ଷାଧିକ ସତ୍‌ସଙ୍ଗୀ, ଶ୍ରଦ୍ଧାଳୁଙ୍କ ଆଗମନ ହେବ । ଉତ୍ସବ ଦିନ ପ୍ରତ୍ୟୁଷରେ ବେଦ ମାଙ୍ଗଳିକ, ନହବତ, ଊଷାକୀର୍ତ୍ତନ, ସମବେତ ବିନତୀ ପ୍ରାର୍ଥନା, ସଦ୍‌ଗ୍ରନ୍ଥ ପାଠ କରାଯିବ । ତତ୍‌ପରେ ସ୍ମରଣିକା 'ତର୍ପଣ'ର ଉନ୍ମୋଚନ, ଧର୍ମସଭା ସହ ଦିବସବ୍ୟାପୀ ମାତୃମଞ୍ଚ ଓ ଭାତୃମଞ୍ଚରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ଓ କୀର୍ତ୍ତନ ପରିବେଷିତ ହେବ । ଏଥିସହ ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯିବ । ଭାତୃ ମଞ୍ଚରେ'ଦଶାବତାର' ଫ୍ୟୁଜନ ମ୍ୟୁଜିକ୍, ଆଲୋକ ରଶ୍ମି ସହ ଏକ ବିଶେଷ କାର୍ଯ୍ୟକ୍ରମ ପରିବେଷିତ ହେବ । ଏଥିସହ ମାତୃମଞ୍ଚରେ ନାଟକ 'ପରଶମଣି' ପରିବେଷଣ କରାଯିବ । ସନ୍ଧ୍ୟାର ବିଶେଷ ଆକର୍ଷଣ ଦେଓଘରରୁ ଆଗତ 'ହ୍ୱାଇଟ୍ ବ୍ୟାଣ୍ଡ' ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହେବ । ଉତ୍ସବକୁ ଆଗତ ସମସ୍ତ ଶ୍ରଦ୍ଧାଳୁଙ୍କ ଲାଗି ଆନନ୍ଦ ବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏଥିସହ ଦିବସବ୍ୟାପୀ ସ୍ୱାସ୍ଥ୍ୟ ଶିବିର, ଆଇନ ପରାମର୍ଶ ଶିବିର ଅନୁଷ୍ଠିତ ହେବ । ଏହି ଭବ୍ୟ ଉତ୍ସବରେ ସମସ୍ତ ଜନସାଧାରଣ ସପରିବାର ଯୋଗଦେବାଲାଗି ଉତ୍ସବ କମିଟି ପକ୍ଷରୁ ନିବେଦନ କରାଯାଇଛି ।

ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଫେସର ହୃଷିକେଶ ସେନାପତି, କୃପାନିଧି ବିଶ୍ୱାଳ, ରଜନୀକାନ୍ତ ପାଣି, ବୀରଭଦ୍ର ବିଶ୍ୱାଳ, ରଘୁନାଥ ପାଣି, କିଶୋର ଦାଶ, ପ୍ରଭାତ ବସ୍ତିଆ, ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଉତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 4th February, 2026 Wednesday | RNI Regd. No. ODIODI/2009/28880


## ତୁମେ ହ୍ୱାଟସ୍ଅପ୍ ଚଲାଇବା ଜାଣିଛ ?

ହେଲ୍ଥ



ଟନିକ୍

ଗ୍ରାମ୍ୟ ଯୁବତୀର ପ୍ରେମରେ ପଡ଼ିଥିବା ସହରୀ ଯୁବକର ପ୍ରଶ୍ନ- ତୁମେ ହ୍ୱାଟସ୍ଅପ୍‌ରେ ଏବେ ଅଛ କି ?

ଯୁବତୀ- ନାଇଁ ମୁଁ ଘରେ ଅଛି।

ଯୁବକ- ନାଇଁମ ସେକଥା ନୁହେଁ, ମୋର କହିବା କଥା ତୁମେ ହ୍ୱାଟସ୍ଅପ୍ ବ୍ୟବହାର କରୁଛ କି ?

ଯୁବତୀ- ନାଇଁ ମୁଁ ହେୟାର ଆଣ୍ଡ ଲଭ୍‌ଲୀ ବ୍ୟବହାର କରେ।

ଯୁବକ- ଓଃ, ତୁମକୁ କେମିତି ବୁଝାଇବି ? ତୁମେ ହ୍ୱାଟସ୍ଅପ୍ ଚଲାଇବା ଜାଣିଛ ?

ଯୁବତୀ- ନାଇଁ ଜାଣିନି। ତୁମେ ଚଲେଇଲେ ମୁଁ ତମ ପଛରେ ବସିବି।

# ପିସିବିର ବୟକଟ ନିଷ୍ପତ୍ତି: ପାକିସ୍ତାନର ଆଭିମୁଖ୍ୟକୁ କେହି ସମର୍ଥନ କଲେନି

**ଦୁବାଇ,୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ବିପକ୍ଷ ଟି-୨୦ ବିଶ୍ୱକପ ମୁକାବିଲା ଖେଳିବାକୁ ମନା କରିଥିବା ପାକିସ୍ତାନ କ୍ରିକେଟ ବୋର୍ଡକୁ ବଡ ଝଟକା ଲାଗିଛି। ଭାରତ ବିପକ୍ଷ ମ୍ୟାଚକୁ ବୟକଟ କରିବା ନିଷ୍ପତ୍ତି ସାର୍ବଜନୀନ କରି ପିସିବି ସିଧାସଳଖ ଆଇସିସିକୁ ଚ୍ୟାଲେଞ୍ଜ କରିଥିଲା। ଏହି ପ୍ରସଙ୍ଗରେ ପାକିସ୍ତାନ ଅନ୍ତର୍ଜାତୀୟ ସମର୍ଥନ ହାସଲ ଉଦ୍ଦେଶ୍ୟରେ ଆଇସିସିର ଏକାଧିକ ବୋର୍ଡ ସଦସ୍ୟଙ୍କୁ ଯୋଗାଯୋଗ କରୁଥିଲା।

କିନ୍ତୁ ପିସିବିକୁ ସେଠାରେ ମଧ୍ୟ ନିରାଶ ହେବାକୁ ପଡିଛି। କାରଣ କୌଣସି ଗୋଟିଏ ହେଲେ କ୍ରିକେଟ ବୋର୍ଡ ପାକିସ୍ତାନର ଆଭିମୁଖ୍ୟକୁ ସମର୍ଥନ କରିନାହାନ୍ତି। ତେଣୁ ଏବେ ପାକିସ୍ତାନ ଏକଘରକିଆ ସ୍ଥିତିରେ ରହିଛି। ପାକିସ୍ତାନ ସରକାର ସୋଶାଲ ମିଡିଆରେ ଭାରତ ବିପକ୍ଷ ମ୍ୟାଚ୍ ନିଜ ଦେଶ ଖେଳିବ ନାହିଁ ବୋଲି କହିଛନ୍ତି। କିନ୍ତୁ ପିସିବି ଏହି ବୟକଟ ନିଷ୍ପତ୍ତି ସମ୍ପର୍କରେ ଆଇସିସିକୁ ବିଧିବଦ୍ଧ ଭାବେ ଅବଗତ କରାଇ ନାହିଁ। ଆଇସିସି ସହ ପିସିବି ଏଯାଏ ଯୋଗାଯୋଗ କରୁ ନଥିବାରୁ ବିବାଦ ଆହୁରି ବଢ଼ିବାର ଆଶଙ୍କା ପ୍ରକାଶ ପାଇଛି।

ସୂତ୍ରରୁ ଜଣାପଡିଛି ଯେ ଅନ୍ୟ ଅନ୍ତର୍ଜାତୀୟ ବୋର୍ଡଗୁଡିକ ପକ୍ଷରୁ ପିସିବିକୁ କୌଣସି ପ୍ରକାରର ସକାରାତ୍ମକ ଉତ୍ତର ମିଳିନାହିଁ। ଏହି ପ୍ରସଙ୍ଗରେ ପାକିସ୍ତାନ ପାଖରେ କୌଣସି ପ୍ରକାରର ଆଇନଗତ ଅଧିକାରୀ ନଥିବା ସବୁ ବୋର୍ଡ ସଦସ୍ୟ ମତ ରଖିଛନ୍ତି। ବାଂଲାଦେଶର ଆବେଦନକୁ ଆଇସିସି ଗ୍ରହଣ ନ କରି ଟୁର୍ଣ୍ଣାମେଣ୍ଟରୁ ବାଦ ଦେଇଛି।

ଏହାକୁ ବିରୋଧ କରି ତଥା ବାଂଲାଦେଶ ସମର୍ଥନରେ ପାକିସ୍ତାନ ଟି-୨୦ ବିଶ୍ୱକପର ଭାରତ ବିପକ୍ଷ ମ୍ୟାଚ୍ ଖେଳିବ ନାହିଁ ବୋଲି କହିଛି। ହେଲେ ବୋର୍ଡ ସଦସ୍ୟ ଏହାକୁ ଗୋଟିଏ ମନଗଢ଼ା କାହାଣୀ ଭାବେ ଚିତ୍ରଣ କରିଛନ୍ତି। ଯଦି ବାଂଲାଦେଶ ସହ ପାକିସ୍ତାନ ରହିଛି, ତା'ହେଲେ ପୂରା ଟୁର୍ଣ୍ଣାମେଣ୍ଟ ବଦଳରେ କେବଳ ଭାରତ ବିପକ୍ଷ ମ୍ୟାଚକୁ ବୟକଟ କରିବାକୁ ଚାହୁଁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ପାକିସ୍ତାନର ବୟକଟ ନିଷ୍ପତ୍ତିରେ




ଏକାଧିକ ପରସ୍ପରର ବିରୋଧ ଆଚରଣ କରୁଥିବା ଆଭିମୁଖ୍ୟ ମଧ୍ୟ ସାମ୍ନାକୁ ଆସିଛି। ନିକଟରେ ପାକିସ୍ତାନର ଅଣ୍ଡର ୧୯ ଟିମ ଭାରତ ବିପକ୍ଷ ମ୍ୟାଚକୁ ବିନା ବିରୋଧ କିମ୍ବା ବୟକଟ ଧମକ ବିନା ଖେଳିଥିଲେ। ସେହିପରି ପାକିସ୍ତାନ ମହିଳା ଏ ଟିମ ଓ ଭାରତ ମହିଳା ଏ ଟିମ ମଧ୍ୟରେ ବି ଫେବୃଆରୀ ୧୫ରେ ମ୍ୟାଚ୍ ହେବାର ଅଛି। ପାକିସ୍ତାନ କ୍ରିକେଟ ବୋର୍ଡ ଏହାକୁ ବିରୋଧ କରି ନାହିଁ।

ଏପରି ସ୍ଥିତିରେ ଶ୍ରୀଲଙ୍କାର କଲମ୍ବୋରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ମ୍ୟାଚକୁ ପାକିସ୍ତାନ କାହିଁକି ବୟକଟ କରିବାକୁ ଚାହୁଁଛି, ସେକଥା ବୋର୍ଡ ସଦସ୍ୟମାନେ ଓଲଟା ପ୍ରଶ୍ନ କରିଛନ୍ତି। ବାଂଲାଦେଶ ସୁରକ୍ଷାର ଆଳ ଦେଖାଇ ଭାରତ ଗସ୍ତରେ ଯିବ ନାହିଁ ବୋଲି କହିଥିଲା। କିନ୍ତୁ ପାକିସ୍ତାନର ମ୍ୟାଚ୍ ନିରପେକ୍ଷ ସ୍ଥାନରେ ରହିଛି। ଏପରି ସ୍ଥିତିରେ ପାକିସ୍ତାନ ସୁରକ୍ଷାକୁ ମଧ୍ୟ ଆଳ କରିପାରିବ ନାହିଁ ବୋଲି ବୋର୍ଡ ସଦସ୍ୟମାନେ କହିବା ପରେ ପିସିବିର ଚିନ୍ତା ବଢ଼ି ଯାଇଛି।

ବୋର୍ଡ ରୁମରେ ପାକିସ୍ତାନକୁ କେହି ସମର୍ଥନ କରି ନଥିବା ବେଳେ ଆଇସିସି ଦୀର୍ଘ କାଳୀନ କଟକଣାର ଧମକ ଦେଇ ସାରିଛି। ତେଣୁ ପାକିସ୍ତାନର ନିର୍ଦ୍ଦିଷ୍ଟ ମ୍ୟାଚ୍ ବୟକଟ ନିଷ୍ପତ୍ତି ବୁମେରାଂ ହେବାର ଯଥେଷ୍ଟ ଆଶଙ୍କା ରହିଛି।

# ମହାନଦୀରେ ମହିଳାଙ୍କ ମୃତ ଦେହ



**କଟକ,୩।୨: ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀରୁ ମହିଳାଙ୍କ ମୃତ ଦେହ ଉଦ୍ଧାର। ସ୍ଥାନୀୟ ଚହଟା ଛକ ନିକଟରେ ଜଣେ ବୟସ୍କ ମହିଳାଙ୍କ ମୃତ ଦେହ ଉଦ୍ଧାର ହୋଇଛି। ଚହଟା ଛକ ନିକଟ କାଳି ମନ୍ଦିର ପଛପଟେ ମହାନଦୀରେ ମୃତ ଦେହ ଆସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ଏ ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇଁ ବିଡ଼ାନାସୀ ଥାନା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହ ଉଦ୍ଧାର କରିଥିଲେ। ମୃତ ମହିଳା ଜଣକ ହେଉଛନ୍ତି ତୁଳସୀପୁର ପୋଲିସ କଲୋନୀର ବାସନ୍ତି କର (୭୦)।

ସୂଚନା ଯୋଗ୍ୟ ମୃତ ମହିଳା ବାସନ୍ତି କର ଗତ ଶନିବାର ଠାରୁ ନିଖୋଜ ଥିଲେ। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ବିଡ଼ାନାସୀ ଥାନାରେ ଅଭିଯୋଗ କରାଯାଇଥିଲା। ପରିବାର ଲୋକଙ୍କ କହିବା ଅନୁଯାୟୀ, ବାସନ୍ତି ଶନିବାର ଦିନ ସଂପୂର୍ଣ୍ଣ ସ୍ୱାଭାବିକ ଥିଲେ ଓ ନିଜର ନିତ୍ୟକ୍ରମ ସ୍ୱାଭାବିକ ଭାବେ କରିଥିଲେ। ମାତ୍ର ଅପରାହ୍ନ ସାଢ଼େ ୧ଟା ବେଳକୁ ବାସନ୍ତି ଘରେ ନଥିବା ପରିବାର ଲୋକେ ଦେଖିଥିଲେ। ବହୁ ଖୋଜାଖୋଜି ପରେ ବାସନ୍ତିଙ୍କୁ ପରିବାର ଲୋକେ ନପାଇବାରୁ ତାଙ୍କ ନିଖୋଜ ନେଇ ଥାନାରେ ସୂଚନା ଦେଇଥିଲେ। ଅଭିଯୋଗ ପାଇ ପୋଲିସ ତନାଘନା ଆରମ୍ଭ କରିଥିଲା। ତେବେ ମଂଗଳବାର ତାଙ୍କ ମୃତ ଦେହ ମହାନଦୀରେ ଭାସୁଥିବା ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ। ଖବର ପାଇଁ ବିଡ଼ାନାସୀ ଥାନା ପୋଲିସ ମହିଳାଙ୍କ ଉଦ୍ଧାର କରିଛି। ତେବେ ମହିଳାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ତଦନ୍ତ ଜାରି ରଖିଛି।

# ଆଳି ଥାନାରେ ନୂଆ ଆଇଆଇସି

**ଆଳି,୩।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନାରେ ନୂତନ ଆଇଆଇସି ଭାବେ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ମଙ୍ଗଳବାର ଦିନ ଯୋଗଦେଇଛନ୍ତି। ସେ ଯାଜପୁର ରୋଡ଼ ଥାନାରେ ଦକ୍ଷତାର ସହିତ କାର୍ଯ୍ୟ କରିବାପରେ ସମ୍ବେଦନଶୀଳ ଆଳି ଥାନାରେ ପ୍ରଥମକରି ଇନିସପେକ୍ଟର ଇନ୍ ଚାର୍ଜ ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିବା ଜଣାଯାଇଛି। ତେବେ ସେ ସାଧାରଣଲୋକଙ୍କୁ ଉଚିତ ନ୍ୟାୟ ଦେବା ପାଇଁ ସବୁମତେ କାର୍ଯ୍ୟ କରିବା ସହିତ ଆଳି ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳାର ସୁରକ୍ଷା ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ମୁନ୍ଦିଏ ପାଣି ଦେବାକୁ ଅସମର୍ଥ, ବାହାରିଛନ୍ତି ବିକଶିତ ଭାରତ ଗଢ଼ିବାକୁ: ଭକ୍ତ

**ଭୁବନେଶ୍ୱର,୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ପାଲଟପୁର ପଞ୍ଚାୟତକୁ ଗସ୍ତକରି ପିସିସି ସଭାପତି ଭକ୍ତ ଚରଣ ଦାସ ସେଠାରେ ଦେଖାଦେଇଥିବା ବିଶୁଦ୍ଧ ପାନୀୟଜଳ ସଂକଟ ବିଷୟରେ ସ୍ଥିତି ଅନୁଧ୍ୟାନ କରିସାରି ଆଜି କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ସମ୍ବୋଧିତ କରି କହିଲେ, ସେଠାରେ ପଦୁଷିତ ପାଣି ବ୍ୟବହାର କରି ୧୨୦ ଜଣ କ୍ୟାନସର ଏବଂ ଯକ୍ଷ୍ମା ରୋଗରେ ମୃତ୍ୟୁବରଣ କଲେଣି। ସେଠାକାର ଜନତା ୨୦୧୮ ମସିହାରୁ ୨୦୨୬ ପର୍ଯ୍ୟନ୍ତ ପାଣି ମୁନ୍ଦିଏ ପାଇଁ ଆନ୍ଦୋଳନ କରି ଆସୁଛନ୍ତି। ପାଲଟପୁରର ମୋଟ ଜନସଂଖ୍ୟା ୬୮୪୧ ଏବଂ ୫ଟି ରାଜସ୍ୱଗ୍ରାମ ପାଲଟପୁର, ମୁରାରୀପୁର, ନିଳକଣ୍ଠପୁର, ବିନ୍ଧାଣୀପୁର, ସାଠିବାଲି। ବର୍ତ୍ତମାନ



୨୦ ଜଣ ଆକ୍ରାନ୍ତ ଚିକିତ୍ସାଧିନ ଅଛନ୍ତି। ପରୀକ୍ଷା ପାଇଁ ୮୨୭ଟି ନଳକୂପରୁ ସାମ୍ପୁଲ ନିଆଯାଇଥିଲା। ସେଥିରୁ ୪୨ଟି ନଳକୂପର ନମୁନା ମିଳିନଥିବା ବେଳେ ୧୬୦ଟି ରିପୋର୍ଟ ଆସିଲା ଏବଂ ସେଥିରୁ ୯୦ଟି ନଳକୂପର ନମୁନା ପରୀକ୍ଷଣରୁ ଆର୍ସେନିକ, ଲିଡ, ମାଗ୍ନେସିୟମ, ଆଇରନ ଭଳିଆ ରସାୟନିକ ପଦାର୍ଥ ମିଳିଥିଲା। ଏଭଳି ବିଷାକ୍ତ ପାଣି ବ୍ୟବହାର କରି ବିଗତ ୧୦ ବର୍ଷରେ ନିର୍ଦ୍ଦୋଷ ସ୍ୱାମୀ-ସ୍ତ୍ରୀ, ଯୁବକ-ଯୁବତୀ, ଛୋଟଛୁଆ ଅସହାୟ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି।

ପାଣି ଯୋଗାଣକୁ ନେଇ କେବଳ ଆଲୋଚନା ଚାଲିଛି। ବିଗତ ସରକାର ମଧ୍ୟ କିଛି ପଦକ୍ଷେପ ନେଇନଥିଲା ଏବଂ ବର୍ତ୍ତମାନର ସରକାର ସଂପୂର୍ଣ୍ଣ ଆଖି ବୁଜିଦେଇଛି। ମୁଁ ପାଲଟପୁରରୁ ଫେରିଲା ପରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଫୋନ ମାଧ୍ୟମରେ ସ୍ଥିତି ବିଷୟରେ ଜଣାଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲି। ଗତକାଲି ସ୍ଥାନୀୟ ସରପଞ୍ଚ ଚନ୍ଦ୍ରବାବୁ ଏବଂ ଅନ୍ୟ ପ୍ରତିନିଧି ତଥା ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ଡକାଇ ଗୋଟିଏ ମାସ ମଧ୍ୟରେ ଟ୍ୟାପ ପାଣି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆମେ ଦାବି କରୁଛୁ ପଞ୍ଚାୟତର ଜନତାଙ୍କର ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉ। ନହେଲେ ଆକ୍ରାନ୍ତ ହୋଇ ପ୍ରାଣ ହାରିବାର ସମ୍ଭାବନା ଅଛି। ଜନସ୍ୱାସ୍ଥ୍ୟ ବିଭାଗ ଲୋକଙ୍କୁ ସଚେତନ କରୁଛକି ? ଜଳ ଯୋଗାଣ ମନ୍ତ୍ରୀ କ'ଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ ଏସବୁର ଆଲୋଚନା କରିଛନ୍ତି କି ? ଆଧୁନିକ ଭାରତରେ ବିଷାକ୍ତ ପାଣି ପିଇ ଲୋକେ ମରୁଛନ୍ତି। ସରକାର ଉତ୍ତରଦାୟୀ ହେବେନାହିଁ କାହିଁକି ? ସାଧାରଣ ମୁନ୍ଦିଏ ବିଶୁଦ୍ଧ ପାଣି ଯୋଗାଇ ପାରୁନାହିଁ ଏଭଳି ପରିସ୍ଥିତିରେ ବିକଶିତ ଭାରତ ଗଢ଼ିବ କେମିତି ? ଏହା ଏକ ମୌଳିକ ଅଧିକାରର ପ୍ରଶ୍ନ। ଏହା ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ପଚରାଯାଇପାରେ। ବିଷାକ୍ତ ପାଣି ଓ ବିଷାକ୍ତ ମଦ ପିଇ ଲୋକେ ମରୁଛନ୍ତି କିନ୍ତୁ ତୁମେ ହାତ ଟେକିଦେଇଛ। କୋରାପୁଟ ଜିଲ୍ଲା ଜୟପୁର ସହର ପାଖ ସାନକଉଡି ଗାଁରେ ଲୋକେ ବିଷାକ୍ତ ମଦପିଇ ୪୦୦ ମହିଳା ବିଧବା ହେଲେଣି। ଏହା କଣ ସମସ୍ୟା ନୁହେଁ। ସମସ୍ତ ପ୍ରଶାସନ କଳ ଥିବା ସତ୍ତ୍ୱେ ସାଧାରଣ ପିଇବା ପାଣି ଯୋଗାଣ ହେଇପାରୁ ନାହିଁ କାହିଁକି ? ଉପକୂଳବର୍ତ୍ତୀରେ ଥିବା ସମସ୍ତ ନଳକୂପର ପରୀକ୍ଷା କରି ବିଧିବଦ୍ଧ ଭାବରେ ପ୍ରତିଶେଧାତ୍ମକ କାର୍ଯ୍ୟଗ୍ରହଣ କରାଯାଉ।

ଏହି ସାମ୍ବାଦିକ ସମ୍ମିଳନୀରେ ପାଲଟପୁର ପଞ୍ଚାୟତର ସରପଞ୍ଚ ଲିପିକା ମଲ୍ଲିକ ଅଞ୍ଚଳର ସମସ୍ତ ତଥ୍ୟ ପ୍ରଦାନ କରିବା ସହ ବାରମ୍ବାର ଅନୁରୋଧ ଏବଂ ଦାବି ସତ୍ତ୍ୱେ ପ୍ରଶାସନ ଏବଂ ସରକାର କିପରି ଅବହେଳା କରୁଛି ପ୍ରକାଶ କରିଥିଲେ। କଂଗ୍ରେସ ନେତା ଚନ୍ଦ୍ରଶେଖର ସାହୁ ଘଟଣାର ସଂପୂର୍ଣ୍ଣ ବର୍ଣ୍ଣନା କରିଥିଲେ। ଯାଜପୁର ଜିଲ୍ଲା ସଭାପତି ମାଗୁଣି ଜେନା ଓ କଂଗ୍ରେସ ନେତା ଭରତବାବୁ ଉପସ୍ଥିତ ଥିଲେ।

# ସରକାରଙ୍କ ବ୍ୟାନ କଳାବଜାରୀକୁ ପ୍ରୋତ୍ସାହନ: ୫ ଟଙ୍କାର ଗୁଟଖା ଏବେ ୧୦ଟଙ୍କାରେ

**କୋଣାର୍କ,୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କ ଗୁଟକା ବ୍ୟାନ ଧର୍ମକୁ ଆଖି ଠାର ସଦୃଶ ହୋଇଛି। ବ୍ୟାନ ବଦଳରେ ଏହାର କଳାବଜାର ହେଉଥିବା ଜଣାପଡିଛି। ଗୁଟକାକୁ ନେଇ ସରକାର କଠୋର ହୋଇଥିବା ବେଳେ କୋର୍ଟଙ୍କ ନିୟମକୁ ପାଳନ କରିବା ପାଇଁ ତତ୍ପରତା ଦେଖାଇ ଏହାକୁ ବ୍ୟାନ କରିବା ପାଇଁ ଜାନୁଆରୀ ଶେଷ ସପ୍ତାହରେ ଘୋଷଣା କରିଥିଲେ। ବ୍ୟାନ ଘୋଷଣା ହେବାମାତ୍ର କଳାବଜାରୀଙ୍କ ପୁଷମାସ ଆରମ୍ଭ ହୋଇଯାଇଥିଲା। ୫ ଟଙ୍କାର ଗୁଟକାକୁ ୮ ଟଙ୍କାରେ ଓ ୨୦ଟଙ୍କାରେ ୩ଟି ଲେଖାଏଁ ବିକ୍ରୀ କରାଯାଉଥିବା ଅଭିଯୋଗ ହୋଇଛି। ଲୋକମାନଙ୍କୁ ସଚେତନ କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଗୁଟକା ବ୍ୟାନ କରାଯାଇଥିଲେ ମଧ୍ୟ ସରକାରଙ୍କ କୋହଳ ମନୋଭାବ ପାଇଁ ଗୁଟକା ଖାଉଥିବା ଲୋକମାନଙ୍କୁ ଶୋଷଣ କରାଯାଇ ବ୍ୟବସାୟୀମାନେ କଳାବଜାରୀ କରି ଭଲ ମୁନାଫା କମୁଥିବା ସାଧାରଣରେ ଅଭିଯୋଗ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗୁଟଖା ଓ ପାନ ମସଲା ଉତ୍ପାଦ ଓଡ଼ିଶାରେ ନିଷେଧ କରିବା ପରେ କୋଣାର୍କ ତଥା ଆଖପାଖ ଅଞ୍ଚଳରେ ଗୁଟଖା କଳାବଜାରୀ ବୃଦ୍ଧି ପାଇଛି। ମହତ ଉଦ୍ଦେଶ୍ୟ ନେଇ ସରକାର ନିଷେଧାଦେଶ ଜାରୀ ହୋଇଥିବା ବେଳେ ଏହି ଉତ୍ପାଦକକୁ ନେଇ ଏବେ ବର୍ଦ୍ଧିତ ଟଙ୍କା ନଉଛି କିଏ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ଫରକ୍ ଏତିକି ଯେ ବ୍ୟାନ ପୂର୍ବରୁ ଏହା ଦୋକାନ ସାମ୍ନାରେ ଝୁଲୁ ଥିବା ବେଳେ ଏବେ ତାହା ଡବା ଭିତରେ ପଶି ଲୁଚାଇ ବିକ୍ରୟ କରାଯାଉଛି। କହିବାକୁ ଗଲେ ଗୁଟଖା ଉତ୍ପାଦନ ଓ ବିକ୍ରୀ ଉପରେ କୌଣସି ପ୍ରଭାବ ନଥିବା ବେଳେ ଖାଉଥିବା ବ୍ୟକ୍ତିଙ୍କ ପକେଟକୁ ବେହାଲ କରିଛି। ଏହି ବର୍ଦ୍ଧିତ ପଇସା କାହା ପକେଟକୁ ଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାର ନିୟମ କରି ତାହାକୁ ସଠିକ୍ ରୂପେ କାର୍ଯ୍ୟକାରୀ ନକରିବାରେ କଳାବଜାରୀମାନଙ୍କ ପୁଷମାସ ହୋଇଥିବା ବେଳେ ରୋଗ କିଣିବା ପାଇଁ ଅଧିକ ଅର୍ଥ ଶ୍ରାଦ୍ଧକରି ସାଧାରଣ ଲୋକଙ୍କ ସର୍ବନାଶ ହେଉଥିବା ଅଭିଯୋଗ ହୋଇଛି। ଫଳରେ ଗୁଟଖା ବ୍ୟାନ ଧର୍ମକୁ ଆଖିଠାର ବୋଲି ବୁଦ୍ଧିଜିବୀମାନେ ମତବ୍ୟକ୍ତ କରିଛନ୍ତି।

## ବାଲି ବୋଝେଇ ହାଇୱା ଜବତ

**ରାଜନଗର,୩।୨:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସାନବଡଗୋପାଳପୁର ବଜାରରେ ବାଲି ବୋଝେଇ କରି ୩ଟି ହାଇୱା ଆସୁଥିବା ବେଳେ ରାଜନଗର ଥାନା ପୋଲିସ ଜବତ କରିଛି। ବେଆଇନ ବାଲି ଚାଲାଣ କରୁଥିବା ହାଇୱା ନଂ- ଓଡି-୨୯-ଆର-୬୭୦୫, ଓଡି-୨୯-ଜେ-୯୦୯୭ ଏବଂ ଓଡି-୨୯-ଆର -୯୦୯୭ ଏହି ୩ଟି ଗାଡକୁ ଜବତ କରିଛି। ସେମାନଙ୍କ ନାମରେ ପୋଲିସ ୨୭/୨୬, ୨୮/୨୬ ଓ ୨୯/୨୬ରେ ତିନୋଟି ମାମଲା ରୁଜୁ କରାଯାଇଥିବା ଜଣାପଡିଛି।

# ୨୫ରେ ନିଯୁକ୍ତି ମେଳା

**କେନ୍ଦ୍ରାପଡ଼ା,୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଆସନ୍ତା ୨୫ ତାରିଖରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ। ଏହି ପରିପରିପ୍ରକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟ ମାନଙ୍କ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ନିଯୋଜନ ଅଧିକାରୀ ଇନ୍ଦିରା ମଲ୍ଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ କଲେଜ, ଆଇ.ଟି.ଆଇ ଓ ଡିପ୍ଲୋମା କଲେଜ କର୍ତ୍ତୃପକ୍ଷ ପ୍ରମୁଖ ଯୋଗଦେଇଥିଲେ। ନିଯୁକ୍ତି ମେଳାକୁ ଶୃଙ୍ଖଳିତ ଏବଂ ସଠିକଭାବେ ଆୟୋଜନ ନେଇ ଜିଲ୍ଲାପାଳ ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପ୍ରଶାସନର ସହଯୋଗରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନଙ୍କ ଦ୍ୱାରା ଆସନ୍ତା ୨୫ ଫେବୃଆରୀରେ ପୂର୍ବାହ୍ନ ୧୦ ଘଟିକାରୁ ୩ ଘଟିକା ମଧ୍ୟରେ ଏହି ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆୟୋଜିତ ହେବ। ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ନିଯୁକ୍ତିଦାତା ସଂସ୍ଥା ଯୋଗଦାନ କରିବା ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି। ନିଯୁକ୍ତି ସଂସ୍ଥା ମାନଙ୍କ ଦ୍ୱାରା କିଛି ପ୍ରାର୍ଥୀଙ୍କୁ ସିଧାସଳଖ ନିଯୁକ୍ତି ଓ ଆଉ କିଛି ଜଣଙ୍କୁ ନିଯୁକ୍ତି ଭତ୍ତିକ ତାଲିମ ପରେ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଛି। ଏହି ନିଯୁକ୍ତି ମେଳାରେ ପଂଚମ ଶ୍ରେଣୀ ଠାରୁ +୩, ଏଏନଏମ, ଜିଏନଏମ , ଆଇ. ଟି. ଆଇ ଓ ଡିପ୍ଲୋମା ପାସ୍ କରିଥିବା ୧୮ ବର୍ଷରୁ ୩୫ବର୍ଷର ଜିଲ୍ଲାର ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ଅଂଶ ଗ୍ରହଣ କରିପାରିବେ ବୋଲି କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଯଦି ପାରୁନ...

କାଉଣ୍ଟର କରି କହିଛନ୍ତି ଯେ ସମସ୍ତ ମେସେଜ ଦୁଇ ପକ୍ଷ ମଧ୍ୟରେ ହେଉଥିବା କଥାବାର୍ତ୍ତା। ଏହାର ଅର୍ଥ କମ୍ପାନୀ ଏହାର କଣ୍ଟେଣ୍ଟ ଆଦୌ ଦେଖିପାରିବ ନାହିଁ। ସେହିପରି ଜୋରିମାନା ଅର୍ଥକୁ ପୂର୍ବରୁ ହିଁ ଦାଖଲ କରାଯାଇ ସାରିଥିବା ସେମାନେ କହିଛନ୍ତି।

ଉପଭୋକ୍ତାଙ୍କ ବ୍ୟକ୍ତିଗତ ତଥ୍ୟ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ହ୍ୱାଟସଆପ ଓ ମେଟା ଲିଖିତ ଭାବେ ନଦେବା ଯାଏ କୋର୍ଟ କାର୍ଯ୍ୟ ଆଗକୁ ବଢ଼ିବ ନାହିଁ ବୋଲି ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ।

ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କହିଥିଲେ ଯେ ହ୍ୱାଟସଆପର ଗୋପନୀୟତା ନୀତିକୁ ଗୋଟିଏ ସାମ୍ବିଧାନିକ ବେଞ୍ଚ ସମୀକ୍ଷା କରି ସାରିଛନ୍ତି ଓ ୨୦୨୧ ନୀତିକୁ ଗ୍ରହଣ କରି ନଥିବା କୌଣସି ଉପଭୋକ୍ତାଙ୍କୁ ବାଦ ଦିଆଯିବ ନାହିଁ ବୋଲି କମ୍ପାନୀ ଲିଖିତ ଭାବେ କହି ସାରିଛି। ସେହିପରି ଡିଜିଟାଲ ପର୍ସନାଲ ଡାଟା ପ୍ରୋଟେକସନ ଆଇନ ୨୦୨୩କୁ କାର୍ଯ୍ୟକାରୀ କରିବା ପାଇଁ ୨୦୨୭ ମେ' ଯାଏ ସମୟ ରହିଛି ବୋଲି ଶ୍ରୀ ରୋହତଗୀ କହିଥିଲେ। ତେବେ ଜଷ୍ଟିସ ବାଗଚି କହିଥିଲେ ଯେ ଉକ୍ତ ଆଇନ ଏଯାଏ କାର୍ଯ୍ୟକାରୀ ହୋଇନି।

ସଲିସିଟର ଜେନେରାଲ ମେହତା କହିଛନ୍ତି ଯେ ବ୍ୟକ୍ତିଗତ ତଥ୍ୟକୁ କେବଳ ବିକ୍ରି କରାଯାଉ ନାହିଁ ବରଂ ବ୍ୟବସାୟିକ ଉଦ୍ଦେଶ୍ୟରେ ଏହାକୁ ବ୍ୟବହାର କରାଯାଉଛି। ଏହାଶୁଣି ଖଣ୍ଡପୀଠ ଏହାର ଯାଞ୍ଚ କରିବେ ବୋଲି କହିଛନ୍ତି।

### ଗାଁ ମଝିରେ...

ଗ୍ରାମବାସୀଙ୍କ କହିବା କଥାଯେ, ଗାଁ ମଝିରେ ରାଇସ୍ ମିଲ୍ ଚାଲିବା ଫଳରେ ସମଗ୍ର ଗ୍ରାମଟି ପ୍ରଦୂଷିତ ହେଉଛି। ସେହିପରି ଶତାଧିକ ସଂଖ୍ୟାରେ ଗାଡ଼ିଘୋଡ଼ା ଗାଁ ରାସ୍ତାରେ ଏହି ମିଲ୍‌କୁ ଯାତାୟତ କରିବା ଦ୍ୱାରା ସାଧାରଣ ଲୋକଙ୍କ ଚଳାଚଳ ବ୍ୟାହତ ହେଉଛି। ବିଶେଷ କରି ବୃଦ୍ଧ ବୃଦ୍ଧା, ରୋଗୀ ଓ ଶିଶୁମାନଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରିଛି। ଏହି ମିଲ୍‌କୁ ଗାଁ ବାହାରକୁ ଉଠାଇ ନେବା ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା ସାଜିବା ଗ୍ରାମବାସୀଙ୍କୁ ବିସ୍ମିତ କରିଛି।

### ଗାଡି ଧକ୍କାରେ...

ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଁଚି ମୃତ ଦେହ ଜବତକରି ମଙ୍ଗଳବାର ଶବ ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା। ଶବ ଗ୍ରାମରେ ପହଁଚିବା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ରାସ୍ତାରେ ଶବ ରଖି ରାସ୍ତା ରୋକ କରି କ୍ଷତିପୂରଣ ପାଇଁ ଦାବି କରିବା ସହିତ ଅଜଣଅ ଗାଡିକୁ ଧରିବାକୁ ଜିଦ ଧରିଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ଓ ଫାଣ୍ଡି ଅଧିକାରୀ ନୃଶିଙ୍ଗ ମହାନ୍ତି ପହଂଚି ବୁଝାସୁଝା କଲାପରେ ରାସ୍ତାରୋକ ହଟିଥିଲା।

ପ୍ରକାଶ ଯେ ଅରୁଆ ଗ୍ରାମର ଗିରିଧାରୀ କୌଣସି କାମରେ ପଟ୍ଟାମୁଣ୍ଡାଇ ସହର ଯାଇ ପଟ୍ଟାମୁଣ୍ଡାଇ-ଇନ୍ଦୁପୁର ରାସ୍ତାଦେଇ ନିଜ ଘର ଅରୁଆ ଗ୍ରାମକୁ ଫେରୁଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ମାତ୍ର ଗାଡିଟି ଫେରାର ହୋଇଯାଇଥିଲା।

### କାର୍ଯ୍ୟାନୁଷ୍ଠାନ ପାଇଁ...

ଥାନା ଆଇଆଇସି ଶ୍ରୀମତୀ ପାତ୍ର ପୂର୍ବ ସୂଚନା ନଦେଇ ବନ କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ଆକ୍ରମଣାତ୍ମକ ଏବଂ ଅଣପେଶାଦାର ଆଚରଣ ପ୍ରଦର୍ଶନ କରିଥିଲେ। ସେ ସାଧାରଣରେ ବନ ଅଧିକାରୀମାନଙ୍କୁ ଚିତ୍କାର କରିଥିଲେ ଏବଂ ମିଥ୍ୟା 'ମାଓବାଦୀ' ଅଭିଯୋଗରେ ଏସିଏଫ ଏବଂ କର୍ମଚାରୀମାନଙ୍କୁ ଫସାଇବା ପାଇଁ ଧମକ ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ଏବଂ ସାକ୍ଷୀମାନଙ୍କ ଉପସ୍ଥିତିରେ ଏହି ଭୟଭୀତ କରିବା ଘଟଣା ଘଟିଥିଲା, ଯାହା ଆଇନଗତ ତଦନ୍ତରେ ଗମ୍ଭୀର ବ୍ୟାଘାତ ସୃଷ୍ଟି କରିଥିଲା ଏବଂ ବିଭାଗର ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିଥିଲା। ଏହା ଆସୋସିଏସନର ଦୃଷ୍ଟିକୁ ଆସିଥିଲା ଯେ ସେ ତଦନ୍ତକାରୀ ଅଧିକାରୀମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ ଏବଂ ସେମାନଙ୍କୁ ମିଥ୍ୟା ଏବଂ ମନଗଢ଼ା ଅପରାଧିକ ମାମଲାରେ ଜଡିତ କରିବାକୁ ଧମକ ଦେଇଥିଲେ। ଯାହା ଫଳରେ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ ଅନୁଯାୟୀ ସେମାନଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ପାଳନ କରିବାରେ ବାଧା ସୃଷ୍ଟି କରିଥିଲା। ଯଦି ଏପରି ଆଚରଣର ସମାଧାନ ନ କରାଯାଏ, ତେବେ ଏହା ଏକ ବିପଦପୂର୍ଣ୍ଣ ଉଦାହରଣ ସୃଷ୍ଟି କରିବ ଏବଂ ବନ୍ୟପ୍ରାଣୀ (ସୁରକ୍ଷା) ଆଇନ, ୧୯୭୨ କାର୍ଯ୍ୟକାରୀ କରିବାରେ ନିୟୋଜିତ କ୍ଷେତ୍ର ଅଧିକାରୀଙ୍କ ବିଶ୍ୱାସକୁ ଗୁରୁତର ଭାବରେ ପ୍ରଭାବିତ କରିବ। ଘଟଣାର ନିରପେକ୍ଷ ତଦନ୍ତ ସହିତ ସମ୍ପୃକ୍ତ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶା ବନ ସେବା ସଂଘ (ଓଏଫଏସ) ପକ୍ଷରୁ ଦାବିପତ୍ର ଦିଆଯାଇଛି।

### ନବମ ଶ୍ରେଣୀ...

ଓ ସୁଶାନ୍ତ ସାହୁ)ଙ୍କୁ ଅଟକ ରଖିଛି। ନାବାଳିକାଙ୍କ ଡାକ୍ତରୀ ମଇନା କରାଯାଇଛି। ପୁଲିସ ଘଟଣା ସମ୍ପର୍କରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ଖବର ଦେଇଥିବା ଜଣାପଡିଛି।

### ଲିଙ୍ଗଗତ ବୈଷମ୍ୟ...

ବିହାରରେ ୮୯୭, ଗୁଜରାଟରେ ୯୦୦, ହରିଆନାରେ ୮୮୪ ଓ ମହାରାଷ୍ଟ୍ରରେ ୮୯୪ ରହିଛି।

ତେବେ କେରଳରେ କିନ୍ତୁ ୨୦୨୩ ବର୍ଷରେ ଜନ୍ମଲାଭ କରିଥିବା ଶିଶୁ ସନ୍ତାନଙ୍କ ଭିତରେ ପ୍ରତି ହଜାରେ ପୁଅରେ ଝିଅଙ୍କ ସଂଖ୍ୟା ୯୭୧ ରହିଛି। ଏବେ ହରିଆନା, ବିହାର, ମହାରାଷ୍ଟ୍ର ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ପୁଅଙ୍କ ଅନୁପାତରେ ଝିଅମାନଙ୍କ ସଂଖ୍ୟା ଢେର କମ୍ ରହୁଥିବାରୁ ସେଠାରେ ବହୁ କ୍ଷେତ୍ରରେ ବାହା ହେବା ପାଇଁ ପୁଅମାନଙ୍କୁ ବୋହୂ ମିଳୁନାହାନ୍ତି। ଏବେଠୁ ସତର୍କ ନହେଲେ ଭବିଷ୍ୟତରେ ଓଡ଼ିଶାରେ ବି ଅନୁରୂପ ସମସ୍ୟା ମୁଣ୍ଡ ଟେକିପାରେ।

ସାରା ଦେଶରେ ଶିଶୁ ଜନ୍ମ ହାର କମିବାରେ ଲାଗିଛି। ଓଡ଼ିଶାରେ ପ୍ରତି ଦମ୍ପତିଙ୍କର ଯଦି ଦୁଇଟି କରି ଜୀବିତ ସନ୍ତାନ ରୁହନ୍ତେ ତେବେ ଜନସଂଖ୍ୟାରେ ସମାନତା ରକ୍ଷା କରାଯାଇପାରନ୍ତା। ପୂର୍ବରୁ ବହୁ ସନ୍ତାନବର୍ତ୍ତୀ ପରିବାରମାନ ଥିବାରୁ ଜନସଂଖ୍ୟା ବଢୁଥିଲା। ଏବେ ସରକାରୀ ହିସାବରୁ ଜଣାପଡୁଛି ଯେ ରାଜ୍ୟରେ ପ୍ରତି ଦମ୍ପତିଙ୍କ ପିଛା ହାରାହାରି ୧.୬ଟି ସନ୍ତାନ ରହୁଛନ୍ତି। ବହୁ ଦମ୍ପତି ଏକ ସନ୍ତାନ ବିଶିଷ୍ଟ ପରିବାରରେ ସୀମିତ ରହୁଥିବାବେଳେ ଆଉ କେତେକ ଦମ୍ପତି ବାପା-ମା' ହେବା ପାଇଁ ପୋଷ୍ୟ ସନ୍ତାନ ଓ 'ଫର୍ଟିଲିଟି' ବ୍ୟବସ୍ଥାକୁ ଆପଣାଉଛନ୍ତି। ଏହାଫଳରେ ଶିଶୁମାନଙ୍କ ସଂଖ୍ୟା ବିଗତ ଦଶନ୍ଧିମାନଙ୍କ ତୁଳନାରେ କମୁଛି।

ମା'ପେଟରୁ କନ୍ୟା ଭ୍ରୂଣ ଚିହ୍ନଟ ଯୋଗୁ କେତେକ କ୍ଷେତ୍ରରେ ବେଆଇନ୍ ଗର୍ଭପାତ ଏବେ ବି ଚାଲିଛି। ଅବଶ୍ୟ ଲିଙ୍ଗ ନିରୂପଣକୁ ଆଇନତଃ ନିଷିଦ୍ଧ କରାଯାଇଛି। ଏଥିରେ ସଂପୃକ୍ତ ବ୍ୟକ୍ତିବିଶେଷ, ଡାକ୍ତର ଓ ଡାକ୍ତରଖାନା ବିରୋଧରେ କଡ଼ା ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଲାଗି ମଧ୍ୟ ବନ୍ଦୋବସ୍ତ ରହିଛି। ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବା ଲାଗି ଜାତୀୟ ଓ ରାଜ୍ୟ ସ୍ତରରେ ଉଚ୍ଚ କ୍ଷମତାସଂପନ୍ନ କମିଟିମାନ ରହିଛି। ଲିଙ୍ଗଗତ ସମାନତା ସଂକ୍ରାନ୍ତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ସ୍ୱେଚ୍ଛାସେବୀ ସଂଗଠନମାନେ ବ୍ୟାପକ ପ୍ରଚାର କରୁଛନ୍ତି। ଏହାଛଡ଼ା ଶିଶୁ ମୃତ୍ୟୁହାର କମାଇବା ପାଇଁ ବି ମା' ଓ ଶିଶୁମାନଙ୍କ ପାଇଁ ସରକାର ପୁଷ୍ଟିକର ଖାଦ୍ୟ ଯୋଗାଇବା ସଂଗେ ସଂଗେ ଔଷଧ ପତ୍ର ବି ମାଗଣାରେ ବାଣ୍ଟୁଛନ୍ତି। ତଥାପି ମଧ୍ୟ ସ୍ୱାଧୀନତା ପ୍ରାପ୍ତିର ୭୯ବର୍ଷରେ ଲିଙ୍ଗଗତ ସମାନତା ଯେଭଳି ରହିବା କଥା ତାହା ହୋଇପାରି ନାହିଁ। ଏ ପରିପ୍ରେକ୍ଷୀରେ ଦୁଇ ସନ୍ତାନବର୍ତ୍ତୀ ପରିବାର ଓ କନ୍ୟାରତ୍ନମାନଙ୍କ ସଂଖ୍ୟା ବୃଦ୍ଧି ଉପରେ ସମାଜବିଜ୍ଞାନୀମାନେ ଗୁରୁତ୍ୱ ଦେଇ ଆସୁଛନ୍ତି।

# ଫେବୃୟାରୀ ୧୨ ସାଧାରଣ ଧର୍ମଘଟ ଲାଗି ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୩।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମନରେଗା ବଂଚାଅ - ଭି.ବି. ଜି.ରାମ୍.ଜି ଆଇନକୁ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ରଦ୍ଦ, ଜନ ବିରୋଧୀ ବିଦ୍ୟୁତ୍ ସଂଶୋଧନ ବିଲ୍ ପ୍ରତ୍ୟାହାର, କୃଷକ ବିରୋଧୀ ବିହନ ବିଲ୍ -୨୦୨୫ ବାତିଲ, ଧାନ ମଣ୍ଡିରୁ ସରକାରୀ ମୂଲ୍ୟରେ ସମସ୍ତ ଧାନ କ୍ରୟ, କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ ଆଦି ୨୧ଦଫା ଦାବିରେ ଆଗାମୀ ୧୨ ରେ ଦେଶବ୍ୟାପୀ ଧର୍ମଘଟ ଆହ୍ୱାନ ଦିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ଧର୍ମଘଟ କୁ ସଫଳ କରିବା ପାଇଁ ମଙ୍ଗଳବାର ଦିନ କେନ୍ଦ୍ରାପଡା ସହରର ଖଡ଼ିଅଙ୍ଗସ୍ଥିତ ସିଟୁ କାର୍ଯ୍ୟାଳୟରେ ଏକ ଜିଲ୍ଲା ସ୍ତରୀୟ ଗଣ କନଭେନସନ ଅନୁଷ୍ଠିତ ହେଇଯାଇଛି। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନମାନଙ୍କ ମିଳିତ ମଞ୍ଚ,ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ ସ୍ୱାଧୀନ ଫେଡରେସନ ସମୂହ କେନ୍ଦ୍ରାପଡା ଜିଲ୍ଲା ପକ୍ଷରୁ ଆହୁତ ଏହି ଗଣ କନଭେନସନରେ ସଭାପତିତ୍ୱ କରିଥିଲେ ଆଇଏନଟିୟୁସି ସଭାପତି ମୁକ୍ତାର ଖାଁ। ଅନ୍ୟମାନଙ୍କ ମଧ୍ୟରେ ସିଟୁପକ୍ଷରୁ ଜଗତ ଜୀବନ ଦାସ, ମାଧବ ଦାସ, ଏଆଇଟିୟୁସି ପକ୍ଷରୁ ରମଣୀ ରଞ୍ଜନ ରାଉତରାୟ, ବାବାଜୀ ଧଳ, ଆଇଏନଟିୟୁସି ପକ୍ଷରୁ ଫକୀର ଖଟୁଆ, ବିଦୁଭୂଷଣ ମହାପାତ୍ର, ୟୁଟିୟୁସି ପକ୍ଷରୁ ଏଲିନା ସାମନ୍ତରାୟ, ପବିତ୍ର ପଟ୍ଟନାୟକ, ଏଚଏମ୍ଏସ ପକ୍ଷରୁ ତ୍ରିଲୋଚନ ଦାସ, କଳିଙ୍ଗ ଭାରତ ଶ୍ରମିକ ସଂଘ ପକ୍ଷରୁ ପ୍ରକାଶ ଚନ୍ଦ୍ର ମହାନ୍ତି, ଓଡିଶା କୃଷକ ସଭା ପକ୍ଷରୁ ଗୟାଧର ଧଳ, ବିଜୟ ଦାସ, କିଷାନ କଂଗ୍ରେସ ପକ୍ଷରୁ ମହେନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ ଦାସ, ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାଶରଥି ସାହୁ, କୁଳମଣି ଦାସ, ଅଖିଳ ଭାରତକୃଷକ ସଭା ପକ୍ଷରୁ ଆଦିକନ୍ଦ ରାଉଳ, କର୍ମଚାରୀ ସଂଗଠନ ପକ୍ଷରୁ ନରୋତ୍ତମ ପାର୍ଥସାରଥୀ, ଅବସର ପ୍ରାପ୍ତ କର୍ମଚାରୀ ସଂଗଠନ ପକ୍ଷରୁ ଅଜୟ ସାମଲ, ବୈଷ୍ଣବ ଚରଣ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରର ଜନ ବିରୋଧୀ ନୀତି ବିରୁଦ୍ଧରେ ତୀବ୍ର ସମାଲୋଚନା କରିବା ସହିତ ସାରା ଜିଲ୍ଲାରେ ଏହି ଧର୍ମଘଟକୁ ଦଳ ମତ ନିର୍ବିଶେଷରେ ସବୁମତେ ସଫଳ କରିବାକୁ ଜନଗଣଙ୍କୁ ନିବେଦନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନିରାକାର ସାହୁ, ଅଶୋକ ନାଥ,ବିନୟ ମଲିକ, ସୁଷମା ପଣ୍ଡା, ଗୋପବନ୍ଧୁ ବେହେରା, ପ୍ରଜ୍ଞାଦୀପ୍ତ ସାମଲ, ରଞ୍ଜିତ ଲେଙ୍କା, ଗୁଣମଣି ବେହେରାପ୍ରମୁଖ ଉପସ୍ଥିତ ଥିଲେ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ